ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୧୭, ସଂଖ୍ୟା: ୨୨୪
୨୧ ଡିସେମ୍ବର, ୨୦୨୫ ରବିବାର
କେନ୍ଦ୍ରାପଡ଼ା

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

Pages-8
Price ₹ 5.00
Vol. 17, Issue No. : 224
21st December, 2025 Sunday
Kendrapara

ODISHA EXPRESS
SIGHTS TRUTH WRITES TRUTH
ଠିକ୍ ଦେଖେ ଠିକ୍ ଲେଖେ

Website : www.odishaexpress.in E-mail : odishaexpress@gmail.com RNI Regd. No. ODIODI/2009/28880 ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ


## ନୀତି ବାଣୀ

**ବିଷାଦପ୍ୟମୃତଂ ଗ୍ରାହ୍ୟମମେଧ୍ୟାଦପି କାଞ୍ଚନମ୍**
**ନୀଚାଦପ୍ୟୁତ୍ତମାଂ ବିଦ୍ୟାଂ ସ୍ତ୍ରୀରତ୍ନଂ ଦୁଷ୍କୁଳାଦପି ।**

ବିଷ ମଧ୍ୟରୁ ଅମୃତ ଓ ଅମେଧ୍ୟରୁ ସୁବର୍ଣ୍ଣ ଯେପରି ଗ୍ରହଣ କରାଯାଏ, ସେହିପରି ନୀଚ ଲୋକଠାରୁ ଉତ୍ତମ ବିଦ୍ୟା ଶିକ୍ଷା ଓ ନୀଚ କୁଳରୁ ଗୁଣବତୀ ନାରୀ ଓ କନ୍ୟାରତ୍ନ ଗ୍ରହଣ କରିବା ଉଚିତ ।

# ପ୍ରଦୂଷଣ ପ୍ରମାଣପତ୍ର ନଥିଲେ ପେଟ୍ରୋଲ ମନା

**ଭୁବନେଶ୍ୱର,୨୦।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ବୈଧ ପ୍ରଦୂଷଣ ପ୍ରମାଣପତ୍ର ନଥିଲେ ଏଣିକି ପେଟ୍ରୋଲ ପମ୍ପରେ ମିଳିବନି ତେଲ। ବାୟୁ ଗୁଣବତ୍ତାର ସ୍ଥିତିକୁ ଦୃଷ୍ଟିରେ ରଖି ପରିବହନ କ୍ଷେତ୍ରରେ ପରିବେଶ ସୁରକ୍ଷାକୁ ପ୍ରାଧାନ୍ୟ ଦିଆଯାଉଛି। ମୋଟର ଯାନ ନିୟମ ଉଲ୍ଲଙ୍ଘନ କରି ପ୍ରଦୂଷଣ ସୃଷ୍ଟି କରୁଥିବା ଗାଡ଼ି ଉପରେ ଅଙ୍କୁଶ ଲଗାଇବାକୁ ବାଣିଜ୍ୟ ଓ ପରିବହନ ବିଭାଗ ପଦକ୍ଷେପ ଗ୍ରହଣ କରିଛି। ବିଭାଗୀୟ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ନିର୍ଦ୍ଦେଶ ଏବଂ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏ ଦିଗରେ ଉଦ୍ୟମ ଆରମ୍ଭ ହୋଇଛି।



ଏ ସଂକ୍ରାନ୍ତରେ ତୈଳ ବିକ୍ରୟକାରୀ କମ୍ପାନୀଙ୍କୁ ଚିଠି ଲେଖାଯାଇଛି। ଯେଉଁ ମୋଟର ଯାନର ବୈଧ ପ୍ରଦୂଷଣ ପ୍ରମାଣପତ୍ର ନଥିଲେ କୌଣସି ପେଟ୍ରୋଲ ପମ୍ପରେ ତେଲ ନଦେବାକୁ ଚିଠିରେ ଉଲ୍ଲେଖ କରାଯାଇଛି। ଏହାଦ୍ୱାରା ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ବାୟୁ ଗୁଣାବତ୍ତା ମାନକୁ ଉନ୍ନତ ରଖାଯିବ ଓ ବିଶେଷ କରି ପରିବହନ ଯୋଗୁଁ ହେଉଥିବା ପ୍ରଦୂଷଣକୁ କମ କରାଯାଇପାରିବ ବୋଲି ଆଶା କରାଯାଇଛି। ମୋଟର ଯାନ ଆଇନ ଅନୁଯାୟୀ ବୈଧ ପ୍ରଦୂଷଣ ପ୍ରମାଣପତ୍ର ରଖିବା ବାଧ୍ୟତାମୂଳକ। ଏଥିପାଇଁ ଗାଡ଼ିଗୁଡ଼ିକୁ ନିୟମିତ ବ୍ୟବଧାନରେ ପଞ୍ଜିକୃତ ପ୍ରଦୂଷଣ ପରୀକ୍ଷା କେନ୍ଦ୍ରରେ ଯାଞ୍ଚ କରାଇବାକୁ ହୋଇଥାଏ।

ସେହିଭଳି ବୈଧ ପ୍ରଦୂଷଣ ପ୍ରମାଣପତ୍ର ନଥିଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନର ମଧ୍ୟ ବ୍ୟବସ୍ଥା ରହିଛି। ପ୍ରଦୂଷଣ ପ୍ରମାଣପତ୍ର ଯାଞ୍ଚକୁ ଗୁରୁତ୍ୱ ଦେଇ ସମସ୍ତ ଟୋଲଗେଟ୍‌ରେ ଇ-ଡିଟେକ୍ସନ ବ୍ୟବସ୍ଥାରେ ମଧ୍ୟ ଏହାକୁ ଅନ୍ତର୍ଭୁକ୍ତ କରାଯାଇଛି। ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ମୋଟର ଯାନ ବ୍ୟବହାରକାରୀଙ୍କୁ ନିବେଦନ କରାଯାଇଛି ଯେ ସର୍ବଦା ଗାଡ଼ିର ବୈଧ ପ୍ରଦୂଷଣ ପ୍ରମାଣପତ୍ର ରଖନ୍ତୁ। ପ୍ରଦୂଷଣ ସୃଷ୍ଟି କରୁଥିବା ଯାନକୁ ବ୍ୟବହାର କରନ୍ତୁ ନାହିଁ। ପରିବେଶ ସୁରକ୍ଷାରେ ସହଭାଗୀ ହୁଅନ୍ତୁ।

# ଟ୍ରେନ ବଗିରେ ଯୁବତୀଙ୍କୁ ଦୁଷ୍କର୍ମ

## ଯବାନକୁ ମାଡ଼ିବସିଲା ଆରପିଏଫ

**ରାଞ୍ଚି,୨୦।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ରକ୍ଷକ ହୋଇ ଭକ୍ଷକ ସାଜିଲେ ଜଣେ ସେନା ଯବାନ। ଜଣେ ମହିଳାଙ୍କୁ ଏକୁଟିଆ ପାଇ ତାଙ୍କୁ ଦୁଷ୍କର୍ମ କରି ଗିରଫ ହୋଇଛନ୍ତି ଯବାନ। ଡ୍ୟୁଟିରେ ଥିବା ବେଳେ ଅଭିଯୁକ୍ତ ଯବାନ ଜଣେ ୨୨ ବର୍ଷୀୟା ଯୁବତୀଙ୍କୁ ଛିଡ଼ା ହୋଇଥିବା ଟ୍ରେନର ବଗି ଭିତରେ ଦୁଷ୍କର୍ମ କରିଛନ୍ତି। ରେଳ ସୁରକ୍ଷା ବଳ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଝାଡ଼ଖଣ୍ଡ ରାଞ୍ଚିର ଏହି ହୃଦୟ ବିଦାରକ ଘଟଣା ସାରା ଦେଶରେ ଆଲୋଡନ ସୃଷ୍ଟି କରିଛି।

ଗୁରୁବାର ସନ୍ଧ୍ୟା ପ୍ରାୟ ସାଢେ ୫ଟାରେ ତାତିସିଲୱାଇ ରେଳ ଷ୍ଟେସନରେ ଏହି ଘଟଣା ଘଟିଥିଲା। ଯୁବତୀ ଜଣଙ୍କ ରାଞ୍ଚି ଯିବାକୁ ଟ୍ରେନ୍ ଚଢ଼ିବାକୁ ଅପେକ୍ଷା କରିଥିଲେ। ଏହି ସମୟରେ ସେଠାରେ ଏକ ସେନା ଉପକରଣ ନେଇ ଯାଉଥିବା ଟ୍ରେନକୁ ସୁରକ୍ଷା ଦେଉଥିବା ଜଣେ ଯବାନ ଯୁବତୀଙ୍କ ଉପରେ ଖରାପ ନଜର ପକାଇଥିଲେ। ୪୨ ବର୍ଷୀୟ ଯବାନ ତାଙ୍କୁ ଏକ ଖାଲି ଟ୍ରେନ କୋଚକୁ ନେଇ ଯାଇଥିଲେ ଏବଂ ଦୁଷ୍କର୍ମ କରିଥିଲେ ବୋଲି ଅଭିଯୋଗ ହୋଇଛି।

ଘଟଣା ସମୟରେ ଅଭିଯୁକ୍ତ ଯବାନ ନିଶାଗ୍ରସ୍ତ ଥିଲେ ବୋଲି ଆରପିଏଫ ଅଧିକାରୀ କହିଛନ୍ତି। ଅଭିଯୁକ୍ତ *(ଶେଷ ପୃଷ୍ଠା ଦେଖନ୍ତୁ)*

# ୧୮ ମାଓବାଦୀଙ୍କ ପାଇଁ ସାଢ଼େ ୮ କୋଟିର ପୁରସ୍କାର

**ଭୁବନେଶ୍ୱର,୨୦।୧୨: ଏକ୍ସପ୍ରେସ୍ ନ୍ୟୁଜ୍**

୧୮ ମାଓବାଦୀଙ୍କ ପାଇଁ ୮ କୋଟି ୪୦ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରିଛି ବୌଦ୍ଧ ପୁଲିସ। ଯେଉଁମାନେ ଏହି ମାଓବାଦୀମାନଙ୍କୁ ଧରାଇ ଦେବେ ସେମାନଙ୍କୁ ପୁରସ୍କାର ରାଶି ପ୍ରଦାନ କରାଯିବ ବୋଲି ବୌଦ୍ଧ ଜିଲା ପୁଲିସ ପକ୍ଷରୁ କୁହାଯାଇଛି। ଏ ନେଇ ଜିଲାର ବିଭିନ୍ନ ଉପାନ୍ତ ଅଞ୍ଚଳରେ ପୋଷ୍ଟର ଲଗାଯାଇଛି। ଲଗାଯାଇଥିବା ପୋଷ୍ଟରରେ ମାଓବାଦୀମାନଙ୍କ ନାମ, ଫଟୋ ଏବଂ କେଉଁ ମାଓବାଦୀଙ୍କ ପାଇଁ କେତେ ଟଙ୍କାର ପୁରସ୍କାର ରହିଛି ତାହା ଉଲ୍ଲେଖ କରାଯାଇଛି। ଏହା ସହିତ ମାଓବାଦୀ ଆତ୍ମସମର୍ପଣ କଲେ ସେମାନଙ୍କୁ କ'ଣ ସୁବିଧା ମିଳିବ ତାହା ବି ପୋଷ୍ଟରରେ ଲେଖାଯାଇଛି। ଏ ସମ୍ପର୍କିତ ସୂଚନା ଦେବା ଲାଗି ମୋବାଇଲ ନମ୍ବର-୯୪୩୭୬୭୩୮୩୯ରେ ଯୋଗାଯୋଗ କରାଯିବାକୁ କୁହାଯାଇଛି। ସୂଚନାଦାତାଙ୍କ ନାମ ଗୋପନ ରଖାଯିବ ବୋଲି ଅବଗତ କରାଯାଇଛି।

# ଘନ କୁହୁଡି ଲାଗି ଓହ୍ଲାଇ ପାରିଲାନି ପ୍ରଧାନମନ୍ତ୍ରୀଙ୍କ ହେଲିକପ୍ଟର

**କୋଲକାତା,୨୦।୧୨: ଏକ୍ସପ୍ରେସ୍ ନ୍ୟୁଜ୍**

ଅବତରଣ କରିପାରିଲାନି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ହେଲିକପ୍ଟର। ଖରାପ ପାଗ ଯୋଗୁଁ ପଶ୍ଚିମବଙ୍ଗର ତାହେରପୁରରେ ପ୍ରଧାନମନ୍ତ୍ରୀଙ୍କ ହେଲିକପ୍ଟର ଅବତରଣ କରିପାରିନଥିବା ଜଣାପଡିଛି। ଘନ କୁହୁଡ଼ି ପାଇଁ ଏଭଳି ହୋଇଥିବା କୁହାଯାଉଛି। ହେଲିକପ୍ଟରଟି ଉଡାଣ କରିଥିଲେ ବି ଦୃଶ୍ୟମାନ୍ୟତା କମ ହୋଇଯିବାରୁ ହେଲିକପ୍ଟରଟି କୋଲକାତା ବିମାନବନ୍ଦରକୁ ଫେରି ଆସିଛି।

ଆଜି ସକାଳେ ପ୍ରଧାନମନ୍ତ୍ରୀ ପ୍ରାୟ ୧୦.୪୦ ସମୟରେ କୋଲକାତାରେ ପହଞ୍ଚିଥିଲେ ଏବଂ ଏକ ହେଲିକପ୍ଟର ଯୋଗେ ନଦିଆ ଜିଲ୍ଲାର ତାହେରପୁର ଅଭିମୁଖେ ଯାତ୍ରା *(ଶେଷ ପୃଷ୍ଠା ଦେଖନ୍ତୁ)*

# ବିଲ୍ଡରଙ୍କୁ ୩ ବର୍ଷ ଜେଲ୍

**ଭୁବନେଶ୍ୱର,୨୦।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଏକ ଠକେଇ ମାମଲାରେ ଗିରଫ ହୋଇଥିବା ବିଲ୍ଡର ଗୟାଧର ଜେନାଙ୍କୁ ୩ ବର୍ଷ ଜେଲ ଦଣ୍ଡାଦେଶ ହୋଇଛି। ଭୁବନେଶ୍ୱର ଜେଏମଏଫସି-୩ କୋର୍ଟ ଶନିବାର ଏ ସମ୍ପର୍କିତ ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ଉପରୋକ୍ତ ରାୟ ଦେଇଛନ୍ତି। ସଶ୍ରମ କାରାଦଣ୍ଡ ସହିତ ୧୦ ହଜାର ଟଙ୍କାର ଜରିମାନା ଆଦେଶ ଦିଆଯାଇଛି। ସୂଚନାଯୋଗ୍ୟ, ଅଭିଯୁକ୍ତ ଗୟାଧରଙ୍କ ବିରୋଧରେ ଶହୀଦନଗର ଥାନାରେ ଏକ ଠକେଇ ମାମଲା ରୁଜୁ ହୋଇଥିଲା।

# ବୀମା ଟଙ୍କା ଲୋଭରେ ଘରେ ସାପ ପୂରାଇ ବାପାଙ୍କୁ ମାରିଦେଲେ ପୁଅ

**ଚେନ୍ନାଇ,୨୦।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ପୁଅ ଜନ୍ମ କରିଥିଲେ ଶେଷ ସମୟରେ ଯତ୍ନ ନେବେ ବୋଲି। କିନ୍ତୁ ସେଇ ପୁଅମାନେ ପିଶାଚ ସାଜିଲେ। ବୀମା ଟଙ୍କା ପାଇଁ ବାପାଙ୍କୁ ହତ୍ୟା କରିବାକୁ ପଛାଇଲେନି। ଜନ୍ମ କଲା ବାପାଙ୍କୁ ହତ୍ୟାର ଚାଞ୍ଚଲ୍ୟକର ଘଟଣା ଘଟିଛି ତାମିଲନାଡୁର ଥିରୁଭଲ୍ଲୁର ଜିଲ୍ଲାରେ। ଜଣେ ସରକାରୀ ସ୍କୁଲ ଲ୍ୟାବ ଆସିଷ୍ଟାଣ୍ଟଙ୍କ ସନ୍ଦେହଜନକ ସାପ କାମୁଡ଼ା ମୃତ୍ୟୁ ଏବେ ହତ୍ୟା ବୋଲି ସ୍ପଷ୍ଟ ହୋଇଛି। ବୀମା ଦାବି ପାଇଁ ହୋଇଥିବା ହତ୍ୟା ବୋଲି ପୋଲିସ ତଦନ୍ତରୁ ଜଣାପଡିଛି। ପୋଲିସ ଜାଣିବାକୁ ପାଇଛି ଯେ ପୀଡିତଙ୍କ ପୁଅମାନେ ବୀମା ଟଙ୍କା ଦାବି କରିବା ପାଇଁ ସାପ କାମୁଡ଼ା ଯୋଜନା କରି ତାଙ୍କୁ ହତ୍ୟା କରିଥିଲେ।

ଅକ୍ଟୋବର ୨୨ରେ, ପୋଥାଟୁରପେଟାଇ ପୋଲିସ ପୋଥାଟୁରପେଟାଇ ଗାଁରେ ଏକ ସାପ କାମୁଡ଼ା ଯୋଗୁଁ ୫୬ ବର୍ଷୀୟ ଇପି ଗଣେଶନଙ୍କ ମୃତ୍ୟୁ ସମ୍ପର୍କରେ ସୂଚନା ପାଇଥିଲା। ପୁଅ ଜି.ମୋହନରାଜ (୨୯)ଙ୍କ ଅଭିଯୋଗ ଆଧାରରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି



ତଦନ୍ତ କରାଯାଇଥିଲା। ପ୍ରାଥମିକ ପର୍ଯ୍ୟାୟରେ ଏହା ସାପ କାମୁଡ଼ା ମୃତ୍ୟୁ ଭାବରେ ଦର୍ଶାଯାଇଥିଲା ବୋଲି ତଦନ୍ତକାରୀ ଅଧିକାରୀ କହିଥିଲେ।

ତେବେ ବୀମା ରାଶି କ୍ଲେମ୍ ବେଳେ ନୋମିନିଙ୍କ ହାବଭାବରେ ସନ୍ଦେହ କରିଥିଲେ ବୀମା କମ୍ପାନି କର୍ମଚାରୀ । ମୃତକଙ୍କ ପରିବାର ସଦସ୍ୟଙ୍କ ଦ୍ୱାରା କରାଯାଇଥିବା ଦାବିର ସତ୍ୟତା ଉପରେ ସନ୍ଦେହ କରି ବୀମା କମ୍ପାନି ଉତ୍ତର ଜୋନ୍ ପୋଲିସ ମହାନିରୀକ୍ଷକ ଆସ୍ରା ଗର୍ଗଙ୍କ ନିକଟରେ ଅଭିଯୋଗ କରିଥିଲା। ପରିବାର ୩ କୋଟି ପାଇଁ ଦାବି କରିଥିଲା। ଡିଏସପି ସି. ଜୟଶ୍ରୀଙ୍କ ନେତୃତ୍ୱରେ ତିରୁଭଲ୍ଲୁର ଜିଲ୍ଲାର ଦୁଇଜଣ ଇନ୍ସପେକ୍ଟର, ଦୁଇଜଣ ସବ-ଇନ୍ସପେକ୍ଟର ଏବଂ ଅନ୍ୟାନ୍ୟ ପୋଲିସ କର୍ମଚାରୀଙ୍କୁ ନେଇ ଏକ ସ୍ୱତନ୍ତ୍ର *(ଶେଷ ପୃଷ୍ଠା ଦେଖନ୍ତୁ)*

# ମୋଦି ସରକାର ମନରେଗା ଉପରେ ବୁଲଡୋଜର ଚଲେଇଲେ

**ନୂଆଦିଲ୍ଲୀ,୨୦।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରର ଏନଡିଏ ସରକାର ସଂସଦର ଶୀତକାଳୀନ ଅଧିବେଶନରେ ମନରେଗା ବଦଳରେ 'ଭିବି-ଜି ରାମ ଜି' ବିଲ୍ ଆଣିଥିଲେ। ଏହି ବିଲ୍ ସଂସଦର ଉଭୟ ଗୃହରେ ଗୃହୀତ ହୋଇଛି। ଏହି ବିଲ୍ ପାସ୍ ହେବା ପରେ କଂଗ୍ରେସ ସଂସଦୀୟ ଦଳ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଏକ ଭିଡିଓ ବାର୍ତ୍ତା ଜାରି କରିଛନ୍ତି। ସୋନିଆ ଗାନ୍ଧୀ ତାଙ୍କ ଭିଡିଓ ବାର୍ତ୍ତାରେ ୨୦ ବର୍ଷ ପୂର୍ବେ ପ୍ରଚଳିତ ମନରେଗା ଆଇନକୁ ଏକ



କ୍ରାନ୍ତିକାରୀ ପଦକ୍ଷେପ ବୋଲି ବର୍ଣ୍ଣନା କରିଛନ୍ତି। ଏହା ବ୍ୟତୀତ, ନୂତନ ଆଇନ ସମ୍ପର୍କରେ ସୋନିଆ ଗାନ୍ଧୀ କହିଛନ୍ତି ଯେ ସରକାର ମନରେଗା ଉପରେ ବୁଲଡୋଜର ଚଲାଇଛନ୍ତି। ସୋନିଆ ଗାନ୍ଧୀ କହିଛନ୍ତି ଯେ ବର୍ତ୍ତମାନ ସରକାର ଭୂମିଗତ ବାସ୍ତବତାଠାରୁ ଦୂରରେ ଦିଲ୍ଲୀରେ ବସି କିଏ, କେତେ, କେଉଁଠି ଏବଂ କେଉଁ ଢଙ୍ଗରେ ନିଯୁକ୍ତି ପାଇବ ତାହା ସ୍ଥିର କରିବେ।

ସୋନିଆ ଗାନ୍ଧୀ କହିଥିଲେ, 'ମୁଁ ଏବେ ବି ମନେ ରଖିଛି ଯେ ୨୦ ବର୍ଷ ପୂର୍ବେ, ଯେତେବେଳେ ଡକ୍ଟର ମନମୋହନ ସିଂହ ପ୍ରଧାନମନ୍ତ୍ରୀ ଥିଲେ, ସେତେବେଳେ ସଂସଦରେ ସର୍ବସମ୍ମତିକ୍ରମେ ମନରେଗା ଆଇନ ଗୃହୀତ ହୋଇଥିଲା। ଏହା ଏକ କ୍ରାନ୍ତିକାରୀ ପଦକ୍ଷେପ ଥିଲା ଯାହା ଲକ୍ଷଲକ୍ଷ *(ଶେଷ ପୃଷ୍ଠା ଦେଖନ୍ତୁ)*

# ଚୋରାମଦ ଜବତ ୪ ଗିରଫ

**କେନ୍ଦ୍ରାପଡ଼ା,୨୦।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଏକ ବିଶେଷ ସୂତ୍ରରୁ ଖବର ପାଇ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ରାପଡ଼ା ଅବକାରୀ ବିଭାଗ ପକ୍ଷରୁ ଡେରାବିଶ ଓ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅଧିନସ୍ଥ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ବେଲାରପୁର ଗ୍ରାମର ବଳରାମ ସାହୁ (୪୨)ଙ୍କ ଠାରୁ ୨୯ ଲିଟର ଦେଶୀ ମଦ, ଓଲଡି ଚାଟରାଚକଡା ଗ୍ରାମର ଚିନ୍ମୟ ମହାନ୍ତି (୨୯)ଙ୍କ ଠାରୁ ୩୩ ଲିଟର ବିଦେଶୀ ମଦ, ଗୁଣ୍ଡୁପୁର ଗ୍ରାମର ନକୁଳ ଜେନା(୩୧)ଙ୍କ ଠାରୁ ୩୪ ଲିଟର ଦେଶୀ ମଦ, କଷଣଅଣ୍ଟା ଗ୍ରାମର ରଜତ କୁମାର ଜେନା (୩୯)ଙ୍କ ଠାରୁ ୨୫ ଲିଟର ଦେଶୀ ମଦ ଜବତ କରାଯାଇ ସେମାନଙ୍କୁ ଗିରଫ କରାଯାଇଛି। ସେମାନଙ୍କ ପାଖରୁ ସମୁଦାୟ ୧୨୧ ଲିଟର ଦେଶୀ ଓ ବିଦେଶୀ ଚୋରାମଦ ଜବତ କରାଯାଇ୪ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ାଉରେ ଅବକାରୀ ଉପନିରୀକ୍ଷକ ପ୍ରିୟଦର୍ଶୀ ମାନସ ରଞ୍ଜନ ମିଶ୍ର, ଛାୟାକାନ୍ତ ନାୟକ, ସହକାରୀ ଉପ ନିରୀକ୍ଷକ ଜଗନ୍ନାଥ ବେସ୍ରା, ସୁନୀଲ କୁମାର ମିଶ୍ର, ପ୍ରଦୀପ କୁମାର ମଲିକଙ୍କ ସମେତ ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ।

# ବିମାନବନ୍ଦରରେ ଯାତ୍ରୀଙ୍କୁ ନିର୍ଦ୍ଧୁମ ପିଟିଲେ ପାଇଲଟ

**ନୂଆଦିଲ୍ଲୀ,୨୦।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଗତକାଲି ବିଳମ୍ବିତ ରାତିରେ ଦିଲ୍ଲୀ ଇନ୍ଦିରାଗାନ୍ଧୀ ବିମାନବନ୍ଦରରେ ଏକ ଅଜବ ଘଟଣା ଘଟିଛି। ଜଣେ ପାଇଲଟ୍ ଜଣେ ଯାତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ କରିଛନ୍ତି। ଯାହା ଫଳରେ ଯାତ୍ରୀଙ୍କ ପାଟିରୁ ରକ୍ତ ବାହାରିଥିଲା। ଏକ ସାଧାରଣ କଥାରୁ ଯାତ୍ରୀ ଓ ପାଇଲଟଙ୍କ ମଧ୍ୟରେ ଯୁକ୍ତିତର୍କ ଆରମ୍ଭ ହୋଇଥିଲା। ଯାଞ୍ଚ ବେଳେ ଯାତ୍ରୀ ଧାଡି ପରିବର୍ତ୍ତନ କରିବା ସମୟରେ ପାଇଲଟ୍ ତାଙ୍କୁ ବାଧା ଦେଇଥିବା ଅଭିଯୋଗ ହୋଇଛି। ଏଠାରୁ ଯୁକ୍ତିତର୍କ ଆରମ୍ଭ ହୋଇ ମାରପିଟ ପର୍ଯ୍ୟନ୍ତ ବଢିଥିଲା। ଏହି ଘଟଣା ସମ୍ପର୍କରେ ଏୟାର ଇଣ୍ଡିଆ ଏକ୍ସପ୍ରେସ କ୍ୟାପଟେନ୍ ସେଜୱାଲଙ୍କୁ ନିଲମ୍ବିତ କରିଛି।

ସୂଚନା ଅନୁସାରେ ଯାତ୍ରୀ ଅଙ୍କିତ ଦିୱାନ ଗତକାଲି ତାଙ୍କ ପରିବାର ସହିତ ଦିଲ୍ଲୀ ବିମାନବନ୍ଦରରେ ପହଞ୍ଚିଥିଲେ। ସେ ଟି-୧ରୁ ପ୍ରସ୍ଥାନ କରିବାର *(ଶେଷ ପୃଷ୍ଠା ଦେଖନ୍ତୁ)*

# କେନ୍ଦ୍ରାପଡ଼ା ଜିଲ୍ଲାକୁ ଉପେକ୍ଷା: ଯୁବବର୍ଗ ନିରାଶ

**କେନ୍ଦ୍ରାପଡ଼ା,୨୦।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟରେ ଲମ୍ବା ସମୟ ଧରି ଚାଲିଥିବା ବିଜେଡ଼ି ଶାସନର ଅନ୍ତ ଘଟିଛି । ଦେଢ ବର୍ଷ ହେଲାଣି ବିଜେପିର ଡ଼ବଲ ଇଂଜିନ୍ ଶାସନ ଚାଲିଛି । ଅମଲାରାଜ ପରିବର୍ତ୍ତେ ଲୋକପ୍ରତିନିଧିଙ୍କର ଗୁରୁତ୍ୱ ବଢିଛି । ଏହି ବିଜେପି ସରକାରକୁ ଖୋଦ୍ ମୁଖ୍ୟମନ୍ତ୍ରୀ ଲୋକଙ୍କର ସରକାର ବୋଲି ଅଭିହିତ କରିଛନ୍ତି । ହେଲେ କେନ୍ଦ୍ରାପଡ଼ା ଭଳି ଏକ ଅବହେଳିତ ହୋଇ ରହିଥିଲା ସେମିତି ରହିଛି । ଦେଢବର୍ଷ ମଧ୍ୟରେ ସେପରି କୌଣସି ସମ୍ଭାବନା ସୃଷ୍ଟି ହୋଇପାରିନାହିଁ । ଜିଲ୍ଲାରେ ଥିବା ମାନବ ସମ୍ବଳର ବିକାଶ ଓ ଉପଯୋଗ ନିମନ୍ତେ କୌଣସି ସୁଯୋଗ ସୃଷ୍ଟି ହୋଇ ପାରିନାହିଁ । ଜିଲ୍ଲାର କୃଷି କ୍ଷେତ୍ର ପୂର୍ବପରି ଅବହେଳିତ ହୋଇ ରହିଛି । କୌଳିକ ବୃତ୍ତି ବୁଡ଼ିବାକୁ ବସିଛି । ଶିଳ୍ପ, ବାଣିଜ୍ୟ, ପର୍ଯ୍ୟଟନ ଆଦି କ୍ଷେତ୍ରର ବିକାଶ ଦିଗରେ କୌଣସି ଉଦ୍ୟମ ହୋଉନାହିଁ । କର୍ମ ନିଯୁକ୍ତି ପାଇଁ ଯୁବବର୍ଗଙ୍କୁ ଗାଁ ଛାଡ଼ି ଜିଲ୍ଲା ଓ ରାଜ୍ୟ ବାହାରକୁ ଯିବାକୁ ପଡୁଛି । ବିପର୍ଯ୍ୟସ୍ତ ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ କୌଣସି ସୁଧାର ଆସିପାରି ନାହିଁ । ଯାହା ଯୁବବର୍ଗଙ୍କୁ ନିରାଶ କରିଛି । ତେବେ ଏଥିନେଇ ବିଭିନ୍ନ ମହଲରେ ଭିନ୍ନଭିନ୍ନ ପ୍ରତିକ୍ରିୟା ପ୍ରକାଶ ପାଇଛି।

ଶିକ୍ଷାବିତ୍ ଡ଼. ରଂଜନ କୁମାର ମହାନ୍ତି କହିଛନ୍ତି ଯେ କେନ୍ଦ୍ରାପଡ଼ା ଜିଲ୍ଲାରେ ସମସ୍ୟା ଅନେକ । ହେଲେ ସମାଧାନ ନାହିଁ । ତେବେ ଏହି ଜିଲ୍ଲା ସ୍ୱାଧୀନତାର ୭୮ବର୍ଷ ପରେ ବି କୃଷି ଓ କୌଳିକ ବୃତ୍ତି ଉପରେ ନିର୍ଭରଶୀଳ । ହେଲେ ଜଳ ପରିଚାଳନାକୁ ସଂପୂର୍ଣ୍ଣ ଅଣଦେଖା କରାଯିବା ଫଳରେ କୃଷି କ୍ଷେତ୍ରରେ ଥିବା ଜଳସେଚନ ଓ ଜଳନିଷ୍କାସନ ସମସ୍ୟା ଭଳି ମୌଳିକ ସମସ୍ୟା ସମାଧାନ ହୋଇପାରିଲା ନାହିଁ । ଫଳରେ କୃଷି ର ବିକାଶ ହେବ କ'ଣ ଜିଲ୍ଲାରେ ଶହ ଶହ ହେକ୍ଟର ଚାଷ ଜମି ପଡ଼ିଆ ପଡୁଛି । କୌଳିକ ବୃତ୍ତି ଉପରେ ନିର୍ଭର କରୁଥିବା ଲୋକେ ଉପଯୁକ୍ତ ବଜାର ଓ ପ୍ରୋତ୍ସାହନ ଅଭାବରୁ ସେ ସବୁ ଛାଡ଼ି ଦେଲେଣି । ଏକଦା ହସ୍ତତନ୍ତରେ ବେଶ ପ୍ରଭାବୀ ଥିବା ଏହି ଜିଲ୍ଲାରେ ହସ୍ତତନ୍ତ ବୁଡ଼ିଗଲାଣି । ଜିଲ୍ଲାରେ ଯଦି କୌଣସି ପ୍ରକାର କ୍ଷୁଦ୍ର ଓ ମଧ୍ୟମ ଶିଳ୍ପର ବିକାଶ କଥା ଚିନ୍ତା କରାଯାଇଥାନ୍ତା କିମ୍ବା କୌଣସି ଭାରୀଶିଳ୍ପ ପ୍ରତିଷ୍ଠା ହୋଇପାରିଥାନ୍ତା ହୁଏତ ଲୋକଙ୍କୁ କର୍ମସଂସ୍ଥାନ ମିଳିପାରିଥାନ୍ତା । କିନ୍ତୁ ତାହା ସମ୍ଭବ ହୋଇପାରିଲା ନାହିଁ । ସରକାରଙ୍କ କର୍ମ ନିଯୁକ୍ତି ଯୋଜନା ଜିଲ୍ଲାରେ ବ୍ୟାପକ ଦୁର୍ନୀତି ଓ ଜାଲିଆତିରେ ବାଟବଣା ହୋଇଚାଲିଛି । ଖାଦ୍ୟ ସୁରକ୍ଷା ଆଇନ୍‌ରେ ଚାଉଳ କେତେ କେଜିରେ ଲୋକଙ୍କର ଗୁଜୁରାଣ ମେଣ୍ଟିବାର କୌଣସି ସମ୍ଭାବନା ନାହିଁ । ଫଳରେ ଯେଉଁ ଯୁବଶକ୍ତି ଜିଲ୍ଲାରେ ରହି ଜିଲ୍ଲା ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତେ ସେମାନେ ଗାଁ ଛାଡ଼ି ଦାଦନ ଖଟିବାକୁ ବାଧ୍ୟ ହୋଇଛନ୍ତି ।

ଆଇନଜୀବି ମମତାମୟୀ ସାମଲଙ୍କ କହିବା କଥା ଯେ, ଦେଶରେ ଓ ରାଜ୍ୟରେ ବିକାଶର ବହୁ ଡିଣ୍ଡିମ ପିଟା ଚାଲିଛି, ହେଲେ କେନ୍ଦ୍ରାପଡ଼ାର ଯୁବଗୋଷ୍ଠୀ ନିଜ ଜିଲ୍ଲାରେ ଉଚ୍ଚତର ଶିକ୍ଷା, ଗବେଷଣା, ବୈଷୟିକ ଓ ବୃତ୍ତିଗତ ଶିକ୍ଷା ଲାଭ କରିବାର କୌଣସି ସୁଯୋଗ ନାହିଁ । ଯାହା ଜିଲ୍ଲାରେ ମାନବ ସମ୍ବଳ ବିକାଶ କ୍ଷେତ୍ରରେ ମୁଖ୍ୟ ପ୍ରତିବନ୍ଧକ ହୋଇଛି । ତେଣୁ *(ଶେଷ ପୃଷ୍ଠା ଦେଖନ୍ତୁ)*




ଓଡ଼ିଶା ଏକ୍ସପ୍ରେସ୍
ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ
ଭୁବନେଶ୍ୱର ୨୧ ଡିସେମ୍ବର ୨୦୨୫ । ରବିବାର


# ପ୍ରେମିକା ଗାଁରେ ପ୍ରେମିକର ମୃତ୍ୟୁ

**ଯାଜପୁର: ଏକ୍ସପ୍ରେସ ନ୍ୟୁଜ୍**

ପ୍ରେମିକା ଗାଁରେ ପ୍ରେମିକର ମୃତ୍ୟୁ। ଯାଜପୁର ଜିଲ୍ଲା ବିଞ୍ଝାରପୁର ଥାନା ଅଞ୍ଚଳରୁ ଆସିଛି ଏପରି ସଙ୍ଗୀନ ଅଭିଯୋଗ। ପୁଅକୁ ହତ୍ୟା କରାଯାଇଥିବା ନେଇ ବିଞ୍ଝାରପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ବାପା। ପୋଲିସ ମୃତଦେହ ଜବତ କରି ଛାନ ଜାରି ରଖିଛି।

କଟକ ସାଲେପୁର ଥାନା ଦେଉଳି ଗୋବିନ୍ଦପୁର ଗାଁର ମନୋଜ ଦାସଙ୍କ ପୁଅ ଅଶୋକ ଦାସ ବିଞ୍ଝାରପୁର ଥାନା ମଇଁଦା ଗାଁର ଜଣେ ମହିଳାଙ୍କୁ ଘରକୁ ଆସିଥିଲେ। ପୂର୍ବରୁ କୁଆଡେ ଉଭୟଙ୍କ ମଧ୍ୟରେ ସମ୍ପର୍କ ଥିଲା। ଏଥିପାଇଁ ତାଙ୍କୁ ଦେଖା କରିବାକୁ ଆସିଥିଲେ। ହେଲେ ସେଠାରେ ତାଙ୍କୁ ଅଟକ ରଖାଯାଇଥିଲା। ପରେ ସେ ଘରକୁ ଫୋନ୍ କରି ଜଣାଇଥିଲେ।

ସେପଟେ ଖବର ପାଇ ଅଶୋକଙ୍କ ବାପା-ମା ଆସି ପହଞ୍ଚିବାରୁ ମହିଳାଙ୍କ ଘର ଲୋକ ୫ ଲକ୍ଷ ଟଙ୍କା ଦାବି କରିଥିଲେ। ଅଶୋକଙ୍କ ବାପା ଦେବାକୁ ଅସମର୍ଥ ପ୍ରକାଶ କରିବାରୁ ୧ ଲକ୍ଷ ଦେବାକୁ କଥା ଛିଡ଼ିଥିଲା। ବାପା ଜଳଖିଆ ଖାଇବାକୁ ଆସିଥିଲେ। ସେଠାରୁ ଯାଇ ଦେଖନ୍ତି ତ ପୁଅର ଝୁଲନ୍ତା ମୃତଦେହ ଝୁଲୁଛି। ସେଠାରୁ ଉଦ୍ଧାର କରି ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ।

ତେବେ ଅଶୋକଙ୍କୁ ହତ୍ୟା କରାଯାଇଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି ମୃତକଙ୍କ ପରିବାର ଲୋକେ। ବିଞ୍ଝାରପୁର ପୋଲିସ ଘଟଣାର ତଦନ୍ତ ଜାରି ରଖିଛି। ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି। ରିପୋର୍ଟ ଆସିଲେ ଏହା ହତ୍ୟା କି ଆତ୍ମହତ୍ୟା ସ୍ପଷ୍ଟ ହେବ। ସେହିପରି ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଯାଜପୁର ଏସ୍‌ଡିପିଓ ସୂଚନା ଦେଇଛନ୍ତି।

# କାର ସହ ଗଞ୍ଜେଇ ଜବତ, ଦୁଇ ମାଫିଆ ଗିରଫ

**ପାରଳାଖେମୁଣ୍ଡି: ଏକ୍ସପ୍ରେସ ନ୍ୟୁଜ୍**



ଗଜପତି ଜିଲ୍ଲା ଅଡବା ଥାନା ନଳାଘାଟ ଗାଁ ନିକଟରେ କାର ସହ ୨୬ କିଲୋ ଗଞ୍ଜେଇ ଜବତ। ଗଞ୍ଜେଇ ଚାଲାଣରେ ସମ୍ପୃକ୍ତ ଅଭିଯୋଗରେ ୨ଜଣ ଆନ୍ତରାଜ୍ୟ ମାଫିଆକୁ ଗିରଫ କରାଯାଇଛି। ଗିରଫ ଦୁଇଜଣ ହେଲେ ମଧ୍ୟପ୍ରଦେଶର ରାଜ୍ୟର ବିକାଶ କାଠୁଆଶ ଓ ରୀତୁ ମିନା। ଏନେଇ ଥାନା ଅଧିକାରୀ ସୂଚନା ଦେଇଛନ୍ତି।

ଏନେଇ ଅଡବା ଥାନାରେ କେସ ନମ୍ବର ୧୯୪/୨୫ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ବେଳେ ଉକ୍ତ ଗଞ୍ଜେଇ ନଳାଘାଟ ଅଞ୍ଚଳରୁ ମଧ୍ୟପ୍ରଦେଶକୁ ଚାଲାଣ ହେଉଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି।

ଗଞ୍ଜେଇ ଚାଲାଣର ତରିକା ବଦଳାଇଲେ ମାଫିଆ। ପତ୍ର ବଦଳରେ ଗଞ୍ଜେଇ ତେଲ ବିକ୍ରି କରିବା ଆରମ୍ଭ କରିଛନ୍ତି। ପ୍ରଥମଥର ଏଭଳି ତରଳ ଗଞ୍ଜେଇ ଜବତ କରିବାରେ ସଫଳ ହୋଇଛି ମାଲକାନଗିରି ପୁଲିସ। କିଛି ମାସ ତଳେ ତେଲୁଗୁ ଚଳଚ୍ଚିତ୍ର 'ଘାଟି' ସିଲଭର ସ୍କ୍ରିନ୍‌କୁ ଆସିଥିଲା। ଗଞ୍ଜେଇ ଚାଲାଣର ନୂଆ କୌଶଳ, ଗଞ୍ଜେଇ ତେଲର ଉଚ୍ଚମୂଲ୍ୟ ଏବଂ ଅନ୍ତର୍ଜାତୀୟ ବଜାରରେ ରହିଥିବା ଚାହିଦା ଆଦି ଏହି ସିନେମାରେ ନିଖୁଣ ଭାବେ ପ୍ରଦର୍ଶିତ ହୋଇଥିଲା। ତେବେ ମାଫିଆ ସିନେମାର ସେହି ଦୃଶ୍ୟଗୁଡିକୁ ବାସ୍ତବ ଜୀବନରେ ଆପଣାଇଥିବା ଏବେ ଦେଖିବାକୁ ମିଳିଛି। ପ୍ରଚୁର ଗଞ୍ଜେଇ ପତ୍ର ନେବାକୁ ବଡ ଗାଡିର ଆବଶ୍ୟକତା ରହିଥାଏ।

ଏଥିପାଇଁ ଧରାପଡିବାର ସମ୍ଭାବନା ଅଧିକ। ତେଣୁ ପୁଲିସ ଏବଂ ଅବକାରୀ ବିଭାଗକୁ ଚକମା ଦେବାକୁ ଗଞ୍ଜେଇ ପତ୍ରକୁ ଆଧୁନିକ ଜ୍ଞାନକୌଶଳର ବିନିଯୋଗ କରି ତେଲରେ ରୂପାନ୍ତର କରିବା ଆରମ୍ଭ କରିଛନ୍ତି ମାଫିଆ। ଯାହାକୁ ଚିତ୍ରକୋଣ୍ଡା ଅଞ୍ଚଳରୁ ରାଜ୍ୟ ବାହାରକୁ ଚାଲାଣ ପାଇଁ ଯୋଜନା ଥିଲା। କିନ୍ତୁ କୌଣସି ସୂତ୍ରରୁ ଏହି ଖବର ଚିତ୍ରକୋଣ୍ଡା ପୁଲିସ ନିକଟରେ ପହଞ୍ଚିଥିଲା। ପୁଲିସ ତତ୍ପରତା ପ୍ରକାଶ କରି ଏସାର ଛକରେ ଚଢଉ କରିଥିଲା। ପୁଲିସକୁ ଦେଖି ଘଟଣାସ୍ଥଳରୁ ୮ଜଣ ସନ୍ଦିଗ୍ଧ ଚମ୍ପଟ ମାରିଥିଲେ। ସେମାନଙ୍କୁ ପିଛା କରିଥିଲେ ସୁଦ୍ଧା କାବୁ କରିବାରେ ପୁଲିସ ବିଫଳ ହୋଇଥିଲା।

ଘଟଣାସ୍ଥଳରୁ ପୁଲିସ ୮ଟି ବାଇକ୍ ଜବତ କରି ଯାଞ୍ଚ କରିଥିଲା। ଛୋଟ ଛୋଟ ପଲିଥିନ୍‌ରେ ପ୍ୟାକ୍ ହୋଇଥିବା ତରଳ ପଦାର୍ଥକୁ ଯାଞ୍ଚ କରିବାରୁ ତାହା ଗଞ୍ଜେଇରୁ ପ୍ରସ୍ତୁତ ହୋଇଥିବା ତେଲ ବୋଲି ପୁଲିସ ସ୍ପଷ୍ଟ ହୋଇଥିଲା। ଜବତ ହୋଇଥିବା ୬୦କେଜି ଗଞ୍ଜେଇ ତେଲର ମୂଲ୍ୟ ୮କୋଟି ଟଙ୍କା ବୋଲି ଆଜି ସାମ୍ବାଦିକ ସମ୍ମିଳନୀ କରି ଏସ୍‌ପି ବିନୋଦ ପାଟିଲ ଏଚ୍. ସୂଚନା ଦେଇଛନ୍ତି। ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ରଶ୍ମିରଂଜନ ସେନାପତି, ବାଲିମେଳା ଏସ୍‌ଡିପିଓ ପ୍ରଦୋଷ ପ୍ରଧାନ, ଚିତ୍ରକୋଣ୍ଡା ଥାନା ଆଇଆଇସି ଓ.ନାରାୟଣ ଖଣ୍ଡାଇ ପ୍ରମୁଖ ଉପସ୍ଥିତ ଥିଲେ। ତରଳ ଗଞ୍ଜେଇ କେଉଁଠି ପ୍ରସ୍ତୁତ ହେଉଛି ତାହାର ମୂଳରେ ପହଞ୍ଚିବାକୁ ପୁଲିସ ଜୋର୍‌ଦାର ପ୍ରୟାସ କରୁଥିବା ଜଣାପଡିଛି। ଗଞ୍ଜେଇ ତେଲର କିଲୋ ପିଛା ଦର ୨୦ଲକ୍ଷ ଟଙ୍କାରୁ ଅଧିକ ହୋଇଥିଲା ବେଳେ ଚାଲାଣ କରିବା ସୁବିଧା ଏବଂ ସହଜ। ଗଞ୍ଜେଇ ଚାଲାଣର ଏହି ନୂଆ ତରିକା ଆଗକୁ ପୁଲିସ ପାଇଁ ବଡ ଚ୍ୟାଲେଞ୍ଜ ହେବ ବୋଲି କୁହାଯାଉଛି।

# ମଣ୍ଡି ଖୋଲିବା ଦାବିରେ ଧାରଣା

**ବଲାଙ୍ଗୀର: ଏକ୍ସପ୍ରେସ ନ୍ୟୁଜ୍**

ବଲାଙ୍ଗୀର ଜିଲ୍ଲାର ଅଧିକାଂଶ ମଣ୍ଡି ଏ ଯାଏ ଖୋଲିପାରିନାହିଁ। ଯାହା ଫଳରେ ଚାଷୀମାନେ ଧାନ ବିକ୍ରି କରି ନ ପାରି ହଇରାଣ ହରକତ ହେଉଛନ୍ତି। ତେଣୁ ଶନିବାର ଜିଲ୍ଲା କୃଷକ ସଂଘ ତରଫରୁ ବଲାଙ୍ଗୀର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ବଲାଙ୍ଗୀର ଜିଲ୍ଲାରେ ତୁରନ୍ତ ସବୁ ମଣ୍ଡି ଖୋଲିବା। କଟଣି ଛଟଣି ବନ୍ଦ କରିବା, ମଣ୍ଡିରେ ସିସି କ୍ୟାମେରା ଲଗାଇବା ଓ ଚାଷୀର ସବୁ ଧାନ ସରକାର କିଣନ୍ତୁ ବୋଲି ଦାବି କରିଛନ୍ତି ଆନ୍ଦୋଳନକାରୀ। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ୭ ଦଫା ଦାବିପତ୍ର ପ୍ରଦାନ କରିଥିଲା ଜିଲ୍ଲା କୃଷକ ସଂଘ। ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ସେଠୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା।



ରାଜ୍ୟ ସାମ୍ବାଦିକ ସଂଘ (ଏସୟୁଜେ) କେନ୍ଦ୍ରାପଡା ଜିଲ୍ଲା ଶାଖାର ବାର୍ଷିକ ଉତ୍ସବ ଓ ପ୍ରାନ୍ତୀୟ ସମାବେଶ ଅବସରରେ ମୁଖ୍ୟଅତିଥି ବିଜୟ ମହାପାତ୍ର, ବିଧାୟକ ଗଣେଶ୍ୱର ବେହେରା, ବରିଷ୍ଠ ସାମ୍ବାଦିକ ନବୀନ ଦାସ ଓ ଅନ୍ୟ ଅତିଥି ବୃନ୍ଦ...

# ସିଲ୍ ହୋଇଥିବା ଦୋକାନକୁ ଭାଙ୍ଗିଲା ପ୍ରଶାସନ

**ବୌଦ୍ଧ: ଏକ୍ସପ୍ରେସ ନ୍ୟୁଜ୍**



ସିଲ୍ ହୋଇଥିବା ପଣ୍ଡା ଇଲୋକ୍ଟ୍ରନିକ୍ସ ଦୋକାନକୁ ଭାଙ୍ଗିଲା ପ୍ରଶାସନ। ବୌଦ୍ଧ ସଦର ବ୍ଲକ ତାଳଶରଡ଼ା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବୌଦ୍ଧ ସୋନପୁର ୫୭ ନଂ ଜାତୀୟ ରାଜପଥ ସାହାଜପାଲ ଛକର ଦୁଇ ପାର୍ଶ୍ୱରେ ଥିବା ଜବର ଦଖଲ କରି ରହିଥିବା କେତେକ ଲୋକ ଦୀର୍ଘବର୍ଷ ହେବ ରହି ଲୋକ ରହି ଆସୁଥିଲେ। ଏହି ଜାଗାରୁ ହଟିବା ପାଇଁ ପ୍ରଶାସନ ପକ୍ଷରୁ ନୋଟିସ୍ କରାଯାଇଥିଲା। ନୋଟିସ୍ ଅନୁସାରେ, ପ୍ରଶାସନ ଜବର ଦଖଲ କରିମାନଙ୍କ ଜାଗାକୁ ଦୁଇଦିନ ଧରି ବୁଲଡୋଜର ସାହାଯ୍ୟରେ ଭାଙ୍ଗିଥିବା ବେଳେ ସାହାଜପାଲ ଛକରେ ଥିବା ପଣ୍ଡା ଇଲୋକ୍ଟ୍ରନିକ୍ସ ଦୋକାନକୁ ପ୍ରଶାସନ ସିଲ୍ କରିଥିଲା।

ସିଲ୍ କରାଯାଇଥିବା ଦୋକାନକୁ ପଣ୍ଡାଇଲୋକ୍ଟ୍ରନିକ୍ସ ଦୋକାନୀଙ୍କ ଉପସ୍ଥିତିରେ ଜବରଦଖଲ କରାଯାଇଥିବା ଦୋକାନର ତାଲା ଉଚ୍ଛେଦ ଜାଗାକୁ ଭଙ୍ଗାଯାଇଥିଲା। ଏଥିରେ ପ୍ରଶାସନ ଓ ରାଜସ୍ୱ ନିରୀକ୍ଷକ, ଜାତୀୟ ରାଜପଥ ବିଭାଗ, ବିଦ୍ୟୁତ୍ ବିଭାଗ, ଦମକଳ ବାହିନୀ ଉପସ୍ଥିତିରେ ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଅତିରିକ୍ତ ତହସିଲଦାର ମହମ୍ମଦ ରୋଜା ରଶୁଲ, କୁମୁଦ ଚନ୍ଦ୍ର ଦଳବେହେରା ଅତିରିକ୍ତ ତହସିଲଦାର, ରାଜସ୍ୱ ନିରୀକ୍ଷକ ଇନ୍ଦ୍ରାଣୀ ଦଣ୍ଡସେନା ଓ ସମସ୍ତ ରାଜସ୍ୱ କର୍ମଚାରୀ, ବାଉଁଶୁଣୀ ପୋଲିସ ବିଭାଗ, ଦମକଳ ବାହିନୀ, ବିଦ୍ୟୁତ୍ ବିଭାଗ, ଏନ୍‌ଏଚ୍ ବିଭାଗ ଉପସ୍ଥିତିରେ ଜାତୀୟ ରାଜପଥ ପାର୍ଶ୍ୱରେ ସିଲ୍ ହୋଇଥିବା ଦୋକାନକୁ ଭଙ୍ଗାଯାଇଛି ।

# ହତ୍ୟା ଅଭିଯୁକ୍ତକୁ ଆଜୀବନ

**ଖୋର୍ଦ୍ଧା: ଏକ୍ସପ୍ରେସ ନ୍ୟୁଜ୍**

ଟାଙ୍ଗୀ ଥାନା ଅନ୍ତର୍ଗତ ହଳଦିଆ ପାଟଣା ଗ୍ରାମର ବୃନ୍ଦାବନ ରାଉତ ହତ୍ୟାକାଣ୍ଡ ମାମଲାର ରାୟ ଦୀର୍ଘ ୧୪ବର୍ଷ ପରେ ପ୍ରକାଶ ପାଇଛି। ଏହି ମାମଲାର ବିଚାର କରି ପ୍ରଥମ ଅତିରିକ୍ତ ଜିଲ୍ଲା ଦୌରାଜଜ ରଞ୍ଜୁଲତା ଲେଙ୍କା ଦୁଇ ଜଣ ଅଭିଯୁକ୍ତଙ୍କୁ ଦଫା ୩୦୨ରେ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ୧୦ହଜାର ଟଙ୍କା ଲେଖାଏଁ ଜରିମାନା ଅନାଦେୟ ଏକ ବର୍ଷ ଜେଲ ଦଣ୍ଡାଦେଶ ରାୟରେ ଉଲ୍ଲେଖ ରହିଛି। ଅଭିଯୁକ୍ତ ଦ୍ୱୟ ହେଲେ ଏହି ଥାନା ଅନ୍ତର୍ଗତ କୋଚିଲା ଗ୍ରାମର ମଣି ଅରିସଲ ଓ ହଳଦିଆପାଟଣା ଗ୍ରାମର ପ୍ରଫୁଲ୍ଲ ରାଉତ। ଏହି ହତ୍ୟାକାଣ୍ଡର ଅନ୍ୟତମ ଅଭିଯୁକ୍ତ ହଳଦିଆ ପାଟଣା ଗ୍ରାମର ମନୋଜ ରାଉତ ଏବେ ବି ଫେରାର ଅଛି।

ପ୍ରକାଶ ଯେ, ଗତ ୨୦୧୧ ଏପ୍ରିଲ ୧୪ତାରିଖ ମୃତକ ବୋହୂ ପ୍ରତିମା ରାଉତ ତାଙ୍କ ଶଶୁରଙ୍କୁ କେହି ଦୁର୍ବୃତ୍ତ ହତ୍ୟା ପରେ ପ୍ରମାଣ ନଷ୍ଟ ପାଇଁ ରେଳ ଧାରଣାରେ ଫୋପାଡ଼ି ଚାଲିଯାଇଥିବା ନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକୁ ଭିତ୍ତି କରି କେଶ ନଂ୩୦୨, ୨୦୧/ ୩୪ ଆଇପିସିରେ ଏକ ହତ୍ୟା ମାମଲା (୬୪/୧୧) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ। ଏହି ମାମଲାରେ ପୋଲିସ ଉପରୋକ୍ତ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। କୋର୍ଟରେ ଏହି ମାମଲା ବିଚାରାଧୀନ ରହିଥିଲା।

ଶନିବାର ଏହି ମାମଲାର ଶୁଣାଣି କରି ପ୍ରଥମ ଅତିରିକ୍ତ ଜିଲ୍ଲା ଦୌରାଜଜ ୨୭ଜଣ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଅଭିଯୁକ୍ତ ଦ୍ୱୟଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ଓ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ରଜନୀକାନ୍ତ ପଟ୍ଟନାୟକ ମାମଲା ପରିଚାଳନା କରିଥିଲେ ।



ଏନଆଇଟି ଦୁର୍ଗାପୁରରେ ଆୟୋଜିତ ୪୦ତମ ଭାରତୀୟ ଇଞ୍ଜିନିୟରିଂ କଂଗ୍ରେସରେ ଇନଷ୍ଟିଚ୍ୟୁସନ୍ ଅଫ୍ ଇଞ୍ଜିନିୟରିଂର ଅଧ୍ୟକ୍ଷ ଇଂ.ଭିବି ସିଂହଙ୍କ ସହ ଜାତୀୟ ପରିଷଦ ସଦସ୍ୟ ଏବଂ ଏସଓଏ ବିଶ୍ୱବିଦ୍ୟାଳୟର ପ୍ରଫେସର ପ୍ରଭାତ କୁମାର ପାଢ଼ୀଙ୍କ ସାକ୍ଷାତ ଏବଂ ବିଭିନ୍ନ ପରିଷଦ ବ୍ୟାପାର ବିଷୟରେ ଆଲୋଚନା। ଏହି ସାକ୍ଷାତ ସମୟରେ ପୂର୍ବତନ ଅଧ୍ୟକ୍ଷ ଏଆର୍ ନବୀନଚନ୍ଦ୍ର ବି ଭାସୋୟା ମଧ୍ୟ ଉପସ୍ଥିତ ଅଛନ୍ତି।

# ନବୋଦୟ ବିଦ୍ୟାଳୟରେ ୫ ପିଲାଙ୍କୁ ନିର୍ଯାତନା !

**ମାଲକାନଗିରି: ଏକ୍ସପ୍ରେସ ନ୍ୟୁଜ୍**

ମାଲକାନଗିରି ଜିଲ୍ଲା ବାଲିମେଳା ଜବାହାର ନବୋଦୟ ବିଦ୍ୟାଳୟରୁ ଆସିଲା ସାଙ୍ଘାତିକ ଅଭିଯୋଗ। ନବମ ଶ୍ରେଣୀର ୫ ଜଣ ପିଲାଙ୍କୁ ନିର୍ଯାତନା ଦେଇଛନ୍ତି ଯୁକ୍ତ ଦୁଇର ପ୍ରଥମ ବର୍ଷର କିଛି ଛାତ୍ର। ମଙ୍ଗଳବାର ଏହି ବିଦ୍ୟାଳୟରେ ନବମ ଶ୍ରେଣୀର କିଛି ଛାତ୍ରମାନଙ୍କ ମଧ୍ୟରେ ଏକ ଟ୍ୟାବଲେଟକୁ ନେଇ ଲୁଚକାଳି ହୋଇଥିଲା, ତାହାକୁ ନେଇ ଯୁକ୍ତ ୨ ପ୍ରଥମ ବର୍ଷର କିଛି ଛାତ୍ର ନବମ ଶ୍ରେଣୀର ୫ ଜଣ ଛାତ୍ରଙ୍କୁ ନିସ୍ତୁକ ମାଡ ଓ ବିଭିନ୍ନ ପ୍ରକାରର କାମ କରାଇ ସେମାନଙ୍କୁ ପିଇବା ପାଣି ପାଇଁ ମଧ୍ୟ ରାତି ତମାମ ନିର୍ଯାତନା ଦେଇଥିଲେ। ଏ ପର୍ଯ୍ୟନ୍ତ ଘଟଣାକୁ ୩ ଦିନ ବିତିଗଲା କିନ୍ତୁ କାହାର ଗାଲ ଫୁଲିଛି ତ କାହାର ପିଠି ଫାଟିଛି ତ ଆଉ କିଏ ଚାଲି ପାରୁନି। ଏପଟେ କିଛି ଅଭିଭାବକଙ୍କୁ ଘଟଣା ଜଣାପଡିବା ପରେ ସ୍କୁଲ ଅଧ୍ୟକ୍ଷଙ୍କୁ ଅବଗତ କରାଇଥିଲେ। କିନ୍ତୁ ଏ ବାବଦରେ ଅଧ୍ୟକ୍ଷ କିଛି ଜାଣିନଥିବା କହିଥିଲେ ପରେ ଘଟଣାଟିକୁ ଚାପିବା ପାଇଁ କିଛି ନିର୍ଯାତନା ଦେଇଥିବା ଛାତ୍ରଙ୍କୁ ନିଜ ନିଜ ଘରକୁ ପଠାଇ ଦେଇଥିଲେ। ଏପଟେ ମାଡ ଖାଇଥିବା ଛାତ୍ରଙ୍କୁ ଅଭିଭାବକ ସ୍କୁଲ ଛାଡ଼ିବାକୁ ବର୍ତ୍ତମାନ ନାରାଜ। ସେପଟେ ହଷ୍ଟେଲ ୱାର୍ଡ଼େନ ଓ ଖେଳ ଶିକ୍ଷକଙ୍କ ବିରୋଧରେ ନାନା ଅଭିଯୋଗ ଆଣିଛନ୍ତି ସବୁ ଜାଣି ଓ ହଷ୍ଟେଲ ୱାର୍ଡେନର ଉପସ୍ଥିତିରେ ଏସବୁ ନିର୍ଯାତନା ହୋଇଥିବା ଅଭିଯୋଗ ମଧ୍ୟ ଆଣିଛନ୍ତି ନିର୍ଯାତିତ ଛାତ୍ର। ସ୍କୁଲର ହଷ୍ଟେଲ ୱାର୍ଡେନ, ଅଧ୍ୟକ୍ଷ ଓ ଖେଳ ଶିକ୍ଷକଙ୍କ ବିରୋଧରେ ତଦନ୍ତ ଦାବି କରିଛନ୍ତି ଅଭିଭାବକ। କାରଣ ଦୀର୍ଘ ଦିନ ହେଲା ଛାତ୍ରମାନେ ଖେଳ ଶିକ୍ଷକଙ୍କୁ ଏ ବାବଦରେ ଅବଗତ କରିଥିଲେ ମଧ୍ୟ ସେ କୌଣସି କର୍ଣ୍ଣପାତ ନକରି ଓଲଟା ବରିଷ୍ଠ ଛାତ୍ରମାନଙ୍କ ପକ୍ଷ ମଧ୍ୟ ନେଉଥିଲେ।

## ବାଣିଜ୍ୟ

# ଭାରତକୁ ଚୀନର ବିରୋଧ: ଡବ୍ଲୁଟିଓରେ ଅଭିଯୋଗ

**ନୂଆଦିଲ୍ଲୀ: ଏକ୍ସପ୍ରେସ ନ୍ୟୁଜ୍**




ଭାରତ ବିରୋଧରେ ପୁଣି ବିଶ୍ୱ ବାଣିଜ୍ୟ ସଂଗଠନ(ଡବ୍ଲୁଟିଓ)ର ଦ୍ୱାରସ୍ଥ ହୋଇଛି ଚୀନ୍। ଚୀନ୍‌ର ବାଣିଜ୍ୟ ମନ୍ତ୍ରାଳୟ ଶୁକ୍ରବାର ଏକ ବିବୃତିରେ କହିଛି ଯେ, ଭାରତ ଟେଲିକମ୍ ଉପକରଣ ଯେପରି ଆଇସିଟି ଉତ୍ପାଦ ଉପରେ ଯେଉଁ ଶୁଳ୍କ ଲଗାଇଛି ଏବଂ ଦେଶରେ ସୌର ଶିଳ୍ପକୁ ଦିଆଯାଉଥିବା ସବ୍‌ସିଡି ଚୀନି କମ୍ପାନିଗୁଡିକୁ କ୍ଷତି ପହଞ୍ଚାଉଛି।

ଏହି ନୀତି ଭାରତର ନିଜ କମ୍ପାନିଗୁଡିକୁ ଫାଇଦା ଦେଉଛି, ଯାହା ଅଯୌକ୍ତିକ ଏବଂ ଡବ୍ଲୁଟିଓର ନିୟମ-ବିରୋଧୀ। ଡବ୍ଲୁଟିଓ ନିୟମଗୁଡିକୁ ପାଳନ କରିବା ସହ ଏହି କାର୍ଯ୍ୟକଳାପଠାରୁ ଦୂରେଇ ରହିବା ପାଇଁ ଚୀନର ବାଣିଜ୍ୟ ମନ୍ତ୍ରାଳୟ ଭାରତକୁ ଅନୁରୋଧ କରିଛି। ୨୦୨୫ରେ ଦ୍ୱିତୀୟ ଥର ପାଇଁ ଭାରତ ବିରୋଧରେ ଡବ୍ଲୁଟିଓର ଦ୍ୱାରସ୍ଥ ହୋଇଛି ଚୀନ୍। ଅକ୍ଟୋବରରେ ଏହା ଇଭି ଏବଂ ବ୍ୟାଟେରି ସବ୍‌ସିଡି ଉପରେ ଭାରତ ବିରୋଧରେ ମାମଲା ଦାଏର୍ କରିଥିଲା।

ଚୀନ୍‌ର ବାଣିଜ୍ୟ ମନ୍ତ୍ରାଳୟର କହିବାନୁସାରେ, ଭାରତର ଟାରିଫ୍ ଏବଂ ସବ୍‌ସିଡି ଘରୋଇ କମ୍ପାନିଗୁଡିକୁ ଫାଇଦା ଦେଇଥାଏ, ଯାହା ଚୀନି ସାମଗ୍ରୀଗୁଡିକ ପାଇଁ ବେଆଇନ ପ୍ରତିଯୋଗିତା ସୃଷ୍ଟି କରୁଛି। ଏହା ନ୍ୟାସନାଲ୍ ଟ୍ରିଟ୍‌ମେଣ୍ଟ ନିୟମ ଏବଂ ଇମ୍ପୋର୍ଟ ସବ୍ ଷ୍ଟ୍ୟୁସନ୍ ସବ୍‌ସିଡିର ଉଲ୍ଲଂଘନ, ଯାହା ଡବ୍ଲୁଟିଓରେ ବ୍ୟାନ୍ ହୋଇଛି। ମନ୍ତ୍ରାଳୟ ଭାରତକୁ ଅନୁରୋଧ କରିଛି ଯେ, ଏହା ଡବ୍ଲୁଟିଓର ନିୟମକୁ ପାଳନ କରୁ ଏବଂ ଅଯୁକ୍ତିକ କାର୍ଯ୍ୟକଳାପକୁ ସୁଧାରୁ।

ଭାରତରେ ଇଲେକ୍ଟ୍ରିକ୍ ଯାନ(ଇଭି)କୁ ତ୍ୱରାନ୍ୱିତ କରିବା ପାଇଁ ଦିଆଯାଉଥିବା ସବ୍‌ସିଡି ଉପରେ ଚୀନ୍ ପୂର୍ବରୁ ଅସନ୍ତୋଷ ପ୍ରକାଶ କରିଥିଲା। ଚୀନ୍‌ର କହିବାନୁସାରେ, ଭାରତର ଏହି ଭାରୀ ସବ୍‌ସିଡି ଏହାର ଘରୋଇ କମ୍ପାନିଗୁଡିକୁ ଅଯୌକ୍ତିକ ଫାଇଦା ଦେଉଛି। ଏହାଦ୍ୱାରା ଭାରତରେ ବିକ୍ରି ହେଉଥିବା ଚୀନି ଇଲେକ୍ଟ୍ରିକ୍ ଗାଡି ଏବଂ ଇଭି ଉତ୍ପାଦ ଉପରେ ପ୍ରଭାବ ପଡୁଛି। ଚୀନ୍‌ର ହିତ ପ୍ରତି ଏହା ହାନିକାରକ ହୋଇଛି। ଚୀନ୍‌ର ବାଣିଜ୍ୟ ମନ୍ତ୍ରାଳୟ ଏହା ସ୍ପଷ୍ଟ କରିଛି ଯେ, ଏହା ନିଜର ଶିଳ୍ପଗୁଡିକର ଅଧିକାର ରକ୍ଷା ପାଇଁ କଡା ପଦକ୍ଷେପ ନେବ।

ରିପୋର୍ଟ ଅନୁସାରେ, ବିଶ୍ୱର ବଡ ବଡ ଦେଶଗୁଡିକ ମଧ୍ୟରେ ଇଲେକ୍ଟ୍ରିକ୍ କାର୍ ଗୁଡିକରେ ସର୍ବାଧିକ ସବ୍‌ସିଡି ଭାରତରେ ମିଳୁଛି। ଉଦାହରଣ ସ୍ୱରୂପ, ଭାରତରେ ସର୍ବାଧିକ ବିକ୍ରି ହେଉଥିବା ଇଭି ଟାଟା ନେକ୍ସନ ଉପରେ ୪୬% ପର୍ଯ୍ୟନ୍ତ ସବ୍‌ସିଡି ମିଳୁଛି। ଭାରତରେ ଇଭିକୁ ମିଳୁଥିବା ଫାଇଦା ମଧ୍ୟରେ ରହିଛି କମ୍ ସବ୍‌ସିଡି, ପେଟ୍ରୋଲ ଏବଂ ଡିଜେଲ ଗାଡିଗୁଡିକ ତୁଳନାରେ କମ୍ ସଡକ ଶୁଳ୍କ ଏବଂ କମ୍ପାନିଗୁଡିକୁ ମିଳୁଥିବା ପିଏଲ୍‌ଆଇ ଯୋଜନାର ଲାଭ।

# ୫ ବର୍ଷରେ ୨୪୩ ନୂଆ ପୋଖରୀ, ୨୮ ପଞ୍ଚାୟତ ଉପକୃତ

**କଳିଙ୍ଗନଗର: ଏକ୍ସପ୍ରେସ ନ୍ୟୁଜ୍**



ଜଳ ସୁରକ୍ଷା ଓ ସ୍ଥାୟୀ ଜଳ ସମ୍ପଦ ସୃଷ୍ଟି ଦିଗରେ ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ (ଟିଏସ୍‌ଏଫ୍) କଳିଙ୍ଗନଗର ଅଞ୍ଚଳରେ ନିରନ୍ତର ପ୍ରୟାସ ଜାରି ରଖିଛି। ଗତ ୫ ବର୍ଷ ମଧ୍ୟରେ ଦାନଗଦି ଓ ସୁକିନ୍ଦା ବ୍ଲକ୍‌ର ୨୮ଟି ଗ୍ରାମପଞ୍ଚାୟତରେ ଟିଏସ୍‌ଏଫ୍ ୨୪୩ଟି ନୂଆ ପୋଖରୀ ସୃଷ୍ଟି କରିଛି।

ଦାନଗଦି ବ୍ଲକ୍‌ରେ ୧୩୯ଟି ଏବଂ ସୁକିନ୍ଦା ବ୍ଲକ୍‌ରେ ୧୦୪ଟି ପୋଖରୀ ନିର୍ମାଣ ହୋଇଛି। ଏହି ପୋଖରୀଗୁଡ଼ିକ ବର୍ଷାଜଳ ସଂଗ୍ରହ, ଭୂତଳ ଜଳସ୍ତର ବୃଦ୍ଧି ଏବଂ କୃଷି ଜଳସେଚନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଉଛି। ଚଳିତ ଆର୍ଥିକ ବର୍ଷରେ ମାତ୍ର ୫୯ଟି ନୂଆ ପୋଖରୀ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ପୋଖରୀ ସୃଷ୍ଟି ପରେ ସ୍ଥାନୀୟ କୃଷକମାନେ ଏକମାତ୍ର ଧାନ ଚାଷରୁ ବାହାରି ପନିପରିବା, ମାଛ ଓ ବତକ ଚାଷ କରି ଆୟ ବଢ଼ାଇ ପାରୁଛନ୍ତି। ଅନେକ କୃଷକଙ୍କ ଆୟ ୫–୧୦ ହଜାର ଟଙ୍କାରୁ ବଢ଼ି ବାର୍ଷିକ ୭୦ ହଜାରରୁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପହଞ୍ଚିଛି। ୨୪୩ଟି ଗୁରୁତ୍ୱପୂର୍ଣ୍ଣ ଜଳ ଉତ୍ସ ସୃଷ୍ଟି କରି ଟିଏସ୍‌ଏଫ୍ ସ୍ଥାନୀୟ ଚାଷୀଙ୍କୁ ସଶକ୍ତ କରିବା ସହ ଜଳାଭାବ ଜନିତ ସମସ୍ୟା ହ୍ରାସ କରୁଛି, ଯାହା କଳିଙ୍ଗନଗର ଅଞ୍ଚଳ ପାଇଁ ଏକ ସ୍ଥାୟୀ ଭବିଷ୍ୟତର ପଥ ପ୍ରସ୍ତୁତ କରୁଛି।

# ଫିଲ୍ମ ଷ୍ଟାଇଲରେ ଗଞ୍ଜେଇ ଚାଲାଣ

**ବଲାଙ୍ଗୀର: ଏକ୍ସପ୍ରେସ ନ୍ୟୁଜ୍**

ବଲାଙ୍ଗୀର ୨୬ ନଂ ଜାତୀୟ ରାଜପଥରେ ପୁଷ୍ପା ଷ୍ଟାଇଲରେ ଏକ କ୍ରେଟା କାରରେ ଗଞ୍ଜେଇ ଋଲାଣ ହେଉଥିବା ଖବର ପାଇ ମାଡ଼ି ବସିଲା ଟାଉନଥାନା ପୋଲିସ। ବଲାଙ୍ଗୀର ଏସପି ଅଭିଲାଷ ଜି.ଙ୍କ ନିର୍ଦ୍ଦେଶ କ୍ରମେ ଥାନା ଅଧିକାରୀ ଅବନୀ ସାହୁଙ୍କ ନେତୃତ୍ୱରେ ଏକ ସ୍ପେସିଆଲ ଟିମ ବଲାଙ୍ଗୀର ଟିଟିଲାଗଡ଼ ରାସ୍ତାରେ ଛକି ରହିଥିଲା। ବଲାଙ୍ଗୀର ସହର ବିଜାଖମନ ଟ୍ରକ ଟର୍ମିନାଲ ରାସ୍ତା ସମ୍ମୁଖରେ ପୋଲିସ କାରଟିକୁ କାବୁ କଲା ପରେ କାରକୁ ସିଜ କରି ବହୁ କଷ୍ଟରେ କାର ଭିତରେ ଥିବା ସିକ୍ରେଟ ଚ୍ୟାମ୍ବରରେ ଗଞ୍ଜେଇ ଥିବାର ସନ୍ଧାନ ପାଇଥିଲା। କାରର ସାମ୍ନା ପଟରେ ତିଆରି ହୋଇଥିଲା ସିକ୍ରେଟ ଚ୍ୟାମ୍ବର। ଭିତରେ ଥିଲା ଗଞ୍ଜେଇ। ପୋଲିସ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ୨୪ ପ୍ୟାକେଟ ଗଞ୍ଜେଇ ଜବତ କରିଥିବା ବେଳେ, ଦୁଇଜଣଙ୍କୁ ଗିରଫ କରିଛି। ଗିରଫମାନେ ଛତିଶଗଡ଼ର ହୋଉଥିବା ଜଣାପଡିଛି। ଏସଡିପିଓ ସରୋଜ କୁମାର ଉପାଧ୍ୟାୟ ସୂଚନା ଦେଇଛନ୍ତି।

# ମେଲେରିଆରେ ହଷ୍ଟେଲ ଛାତ୍ରଙ୍କ ମୃତ୍ୟୁ

**ମାଲକାନଗିରି: ଏକ୍ସପ୍ରେସ ନ୍ୟୁଜ୍**

ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଚିତ୍ରାଙ୍ଗପାଲ୍ଲୀ ପଞ୍ଚାୟତ ଅନ୍ତର୍ଗତ ଚିତ୍ରାଙ୍ଗପାଲ୍ଲୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଜଣେ ଛାତ୍ରଙ୍କ ମେଲେରିଆ। ଜରରେ ଶନିବାର ମୃତ୍ୟୁ ଘଟିଛି।

ସୂଚନା ମୁତାବକ, ମାଙ୍ଗିଗୁଡ଼ା ଗ୍ରାମର ପ୍ରକାଶ ମାଡକାମୀଙ୍କ ପୁଅ ଦେବା ମାଡକାମୀ ଚିତ୍ରାଙ୍ଗପାଲ୍ଲୀ ବିଦ୍ୟାଳୟର ଛାତ୍ରାବାସରେ ରହି ପଞ୍ଚମ ଶ୍ରେଣୀରେ ଅଧ୍ୟୟନ କରୁଥିଲେ। ବୁଧବାର ତାଙ୍କ ଦେହ ଅସୁସ୍ଥ ହେବାରୁ ହଷ୍ଟେଲ କର୍ତ୍ତୃପକ୍ଷ ଏମ ଭି –୫୫ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ତାଙ୍କୁ ଚିକିତ୍ସା କରାଇଥିଲେ। ପରେ ଦେହ ସୁସ୍ଥ ନ ହେବାରୁ ୧୮ ତାରିଖ ପୁନର୍ବାର ସ୍ଥାନୀୟ ଆଶା ତାଙ୍କ ରକ୍ତ ନମୁନା ପରୀକ୍ଷା କରିବାରୁ ତାଙ୍କୁ ମେଲେରିଆ ଜର ହୋଇଥିବା ଜାଣିବାକୁ ପାଇଥିଲେ। ପରିବାର ବର୍ଗଙ୍କୁ ଖବର ଦେବାରୁ ସେମାନେ ଦେବାକୁ ୧୯ ତାରିଖ ଦିନ ଘରକୁ ନେଇଯାଇଥିଲେ। ଘରେ ପୁଅର ଦେହ ଅବସ୍ଥା ଗୁରୁତର ହେବାରୁ ପରିବାର ଲୋକେ ତାଙ୍କୁ ମାଲକାନଗିରି ମୁଖ୍ୟ ଚିକିତ୍ସାଳୟକୁ ନେଇ ଭର୍ତ୍ତି କରିଥିଲେ। ସେଠାରେ ତା'ର ଶନିବାର ଭୋର ୪ଟା ସମୟରେ ମୃତ୍ୟୁ ଘଟିଛି।

# ମିସ୍ କସ୍‌ମୋ ଇଣ୍ଟରନ୍ୟାସ୍‌ନାଲରେ ଭାରତର ବିପ୍ରା

**ସିନେମାଫିନେମା ଟିଭିଫିବି**

ଭିଏତନାମରେ ଚାଲିଛି ମିସ୍ କସ୍‌ମୋ ଇଣ୍ଟରନ୍ୟାସ୍ନାଲ ୨୦୨୫। ଏହି ପ୍ରତିଯୋଗିତାରେ ଭାରତକୁ ପ୍ରତିନିଧିତ୍ୱ କରୁଛନ୍ତି ବିପ୍ରା ମେହତା। ତାଙ୍କର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଏଥିରେ ବିପ୍ରା ଆତ୍ମବିଶ୍ୱାସ ଓ ଷ୍ଟାଇଲ୍ ସହିତ ରାମ୍ପ୍ ୱାକ୍ କରୁଛନ୍ତି। ମଞ୍ଚରେ ତାଙ୍କ ଏଣ୍ଟ୍ରି ପରେ ବ୍ରହ୍ମାଣ୍ଡ ସୁନ୍ଦରୀ-୨୦୨୧ ହରନାଜ୍ ସନ୍ଧୁଙ୍କ ପ୍ରତିକ୍ରିୟା ସମସ୍ତଙ୍କ ଧ୍ୟାନ ଆକର୍ଷଣ କରିଛି। ସୂଚନାଯୋଗ୍ୟ, ହରନାଜ୍ ଏହି ପ୍ରତିଯୋଗିତାର ଜୁରି ସଦସ୍ୟ ଅଛନ୍ତି। ସେ ନିଜର ଷ୍ଟାଇଲ୍, ଆତ୍ମବିଶ୍ୱାସ ଏବଂ ମଞ୍ଚରେ ନିଜ ଉପସ୍ଥିତି ଜରିଆରେ ସମସ୍ତଙ୍କ ହୃଦୟ ଜିତିଛନ୍ତି। ଭିଡିଓରେ ବିପ୍ରା ମଞ୍ଚରେ ନିଜ ନାଁ ଓ ଦେଶ ନାଁ ଭାରତ କହିବା ମାତ୍ରେ ପୂରା ହଲ୍ କରତାଳି ଶବ୍ଦରେ ଫାଟିପଡିଲା। ଦେଶ ପାଇଁ ଲୋକଙ୍କ ଭଲପାଇବା ଦେଖି ହରନାଜ୍ ଗର୍ବ ଓ ଖୁସିରେ ଚମକି ଉଠିଲେ। ବିପ୍ରା ମଞ୍ଚରେ ରାମ୍ପ୍ ୱାକ୍ ଆରମ୍ଭ କରିବା ମାତ୍ରେ ଉପସ୍ଥିତ ଲୋକେ ଇଣ୍ଡିଆ-ଇଣ୍ଡିଆ ସ୍ଲୋଗାନ୍ ଦେବାକୁ ଲାଗିଲେ। ମିସ୍ କସ୍‌ମୋ ଇଣ୍ଟରନ୍ୟାସନାଲ-୨୦୨୫ ମଞ୍ଚରେ ବିପ୍ରା ଇଭନିଙ୍ଗ୍




ଗାଉନ୍ ରାଉଣ୍ଡରେ ଲାଲ୍ ରଙ୍ଗର ଗାଉନ୍ ପିନ୍ଧି ନିଜର ଉପସ୍ଥିତି ପ୍ରତିପାଦନ କରିଥିଲେ। ପ୍ରତିଯୋଗିତାର ଥିମ୍ ରାଇଜିଙ୍ଗ୍ ଡ୍ରାଗନ୍ ଆଧାରରେ ବିପ୍ରାଙ୍କ ଗାଉନକୁ ସ୍ୱତନ୍ତ୍ର ରୂପେ ଡିଜାଇନ୍ କରାଯାଇଥିଲା।

## ଆଜିର ରାଶିଫଳ

| ତାରିଖ | ରବିବାର–ପ୍ରତିପଦା |
|---|---|
| ୨୧.୧୨.୨୦୨୫ | ନକ୍ଷତ୍ର– ପୂର୍ବାଷାଢ଼ା, ଧନୁଚନ୍ଦ୍ର |



| | | |
|---|---|---|
| **ମେଷ** | : | ନୂତନ ଖବର ପ୍ରାପ୍ତି ହେବେ । |
| **ବୃଷ** | : | ଶରୀର ପୀଡ଼ା କଷ୍ଟ ଦେବ । |
| **ମିଥୁନ** | : | ସୁଖର ଦିନ ହେବ । |
| **କର୍କଟ** | : | ଦ୍ରବ୍ୟଲାଭ ଯୋଗ ରହିଛି । |
| **ସିଂହ** | : | ବିଦ୍ୟାଲାଭ କରିବେ । |
| **କନ୍ୟା** | : | ବ୍ୟସାୟିକ କ୍ଷତି ହେବ । |
| **ତୁଳା** | : | ଧନଦ୍ରବ୍ୟ ପ୍ରାପ୍ତି ଯୋଗ ରହିଛି । |
| **ବିଛା** | : | ଅଘଟଣ ଘଟିପାରେ । |
| **ଧନୁ** | : | ମିଷ୍ଟାନ୍ନ ପ୍ରାପ୍ତି ହେବେ । |
| **ମକର** | : | ଆୟ ଅପେକ୍ଷା ବ୍ୟୟ ବୃଦ୍ଧି ହେବ । |
| **କୁମ୍ଭ** | : | ଦିନଟି ଶାନ୍ତିପ୍ରଦ ହେବ । |
| **ମୀନ** | : | ବନ୍ଧୁଙ୍କ ସାହାଯ୍ୟ ପାଇବେ । |

# ଅବ୍ୟବସ୍ଥାରେ ବୁଗୁଡ଼ା ବଡ଼ଶଙ୍ଖ ଶ୍ମଶାନ ଘାଟ

**୨୦।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**



ବୁଗୁଡା ସହର ଉପକଣ୍ଠସ୍ଥ ବଡଶଙ୍ଖ ନିକଟରେ ଥିବା ଶ୍ମଶାନ ଘାଟର ଦୂରାବସ୍ଥାକୁ ନେଇ ସାଧାରଣରେ ପ୍ରବଳ ଅସନ୍ତୋଷ ଦେଖା ଦେଇଛି । ଏନ୍‌ଏସି ପ୍ରଶାସନର ଦୃଷ୍ଟି ଆଢୁଆଳରେ ରହିଥିବା ଏହି ବହୁ ପୁରାତନ ଶ୍ମଶାନ ଘାଟଟି ଦୀର୍ଘକାଳ ହେଲା ଲଟାବୁଦାରେ ପରିପୂର୍ଣ୍ଣ ସହ ଅବ୍ୟବସ୍ଥିତ ଅବସ୍ଥାରେ ରହିଛି । ଶବଦାହ କରିବାକୁ ଯାଉଥିବା ଲୋକଙ୍କୁ ବିଷଧର ସରୀସୃପଙ୍କ ଭୟ ଘାରୁଛି । ଅନ୍ତିମ ସଂସ୍କାର କାର୍ଯ୍ୟକ୍ରମ ବେଳେ ମୃତକଙ୍କ ଘର ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଶ୍ମଶାନ ଘାଟରେ ଶବ ବାହକଙ୍କ ନିମନ୍ତେ ନିର୍ମିତ ପୁରୁଣା ରହଣି କକ୍ଷଟିର କେତେକାଂଶ ଭାଙ୍ଗିରୁଜି ବିପଜ୍ଜନକ ଅବସ୍ଥାରେ ରହିଛି । ଆବଶ୍ୟକୀୟ ଆଲୋକ ବ୍ୟବସ୍ଥାର ଅଭାବ ଯୋଗୁଁ ରାତିରେ ଶବଦାହ ବେଳେ ନାନା ପ୍ରକାର ହଟହଟାର ସମ୍ମୁଖୀନ ହେବାକୁ ପଡୁଛି । ବିଶେଷକରି ବର୍ଷା ରାତିରେ ଶବଦାହ କାର୍ଯ୍ୟକ୍ରମ ବହୁ ଅସୁବିଧାରେ ବାଧ୍ୟବାଧକତା ହେତୁ ସମ୍ପାଦନ ହେଉଛି । ସେହି ଶ୍ମଶାନ ଘାଟର ଏଭଳି ଦୂରାବସ୍ଥା ଏନ୍‌ଏସି ପ୍ରଶାସନର ଅପାରଗତାକୁ ଦର୍ଶାଉଛି ବୋଲି ସାଧାରଣରେ ସମାଲୋଚନା ସହ ଅସନ୍ତୋଷ ପ୍ରକାଶ ପାଉଛି । ବିକାଶ ନାମରେ ଏନ୍‌ଏସି ପକ୍ଷରୁ ବିଭିନ୍ନ କ୍ଷେତ୍ରରେ ଅଯଥା ଅପବ୍ୟୟ କରାଯାଉଥିବା ବେଳେ ଏହି ଅବହେଳିତ ଶ୍ମଶାନ ଘାଟ ପ୍ରତି ବୈମାତୃକ ମନୋଭାବ ପୋଷଣ କରାଯାଉଥିବାର କାରଣ କ'ଣ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏ ନେଇ ଲୋକେ ଏନ୍‌ଏସି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାକୁ ଲୋକେ ମେଳି ବାନ୍ଧୁଥିବା ଦେଖିବାକୁ ମିଳିଛି। ଏଣୁ, ଜନ ଆକ୍ରୋଶରୁ ବର୍ତ୍ତିବା ଏବଂ କୌଣସି ଅପ୍ରିତିକର ପରିସ୍ଥିତି ସୃଷ୍ଟି ପୂର୍ବରୁ ଏନ୍‌ଏସି କର୍ତ୍ତୃପକ୍ଷ ଆଉ କାଳ ବିଳମ୍ବ ନକରି ତଥାକଥିତ ଶ୍ମଶାନ ଘାଟକୁ ସୁବ୍ୟବସ୍ଥିତ କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବା ଜରୁରୀ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି ।

## ବଧୂ ହତ୍ୟା ଅଭିଯୋଗ, ସ୍ୱାମୀ ଓ ଶାଶୁ ଅଟକ

**କଣାସ, ୨୦।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ପୁରୀ ଜିଲ୍ଲା କଣାସ ବ୍ଲକ ଗୋପୀନାଥପୁର ଗ୍ରାମପଞ୍ଚାୟତର କଳାପଦର ଗ୍ରାମର ଅଛବ ସାହୁଙ୍କ କନ୍ୟା ସୁଜତା ସାହୁଙ୍କୁ ତା'ର ଶାଶୁ ଘର ଲୋକ ପେଟ୍ରୋଲ ଢାଳି ପୋଡି ମାରି ଦେଇଥିବା ସୁଜାତାର ମା' କମଳନୀ ସାହୁ ଗଡିଶାଗୋଦା ଥାନାରେ ଅଭିଯୋଗ କରିବା ପରେ ଗଡିଶାଗୋଦା ଥାନା ଆଇଆଇସି ସୁଧିର କୁମାର ଦାସ ଏତଲା ପାଇ ସୁଜତା ବିବାହ ହୋଇଥିବା ତଇଲା ଗ୍ରାମର ଅନନ୍ତ ମାଝୀଙ୍କ ଘରେ ପହଁଚି ସୁଜତାର ଅର୍ଦ୍ଧଦଗ୍ଧ ଶରୀରକୁ ଚିକିତ୍ସା ପାଇଁ ପ୍ରଥମେ ଭୁବନେଶ୍ୱର ପରେ କଟକ ବଡ ଡାକ୍ତରଖାନାକୁ ପଠାଇଥିଲେ । ଗଡିଶାଗୋଦା ଆଇଆଇସି ଗଡିଶାଗୋଦା ଥାନା କେସ ନମ୍ବର ୨୦୨ /୨୦୨୫ ଏକ ମକଦମା ରଜୁ କରି ସୁଜାତାର ସ୍ୱାମୀ ସୁଜିତ ମାଝୀ ଓ ଶାଶୁକୁ ଗଡିଶାଗୋଦାଥାନାରେ ଅଟକ ରଖିଛନ୍ତି । ସୁଜାତା ଚିକିତ୍ସା ହେଉଥିବା ଅବସ୍ଥାରେ କଟକ ଡାକ୍ତରଖାନାରେ ମୃତ୍ୟୁବରଣ କରିବାରୁ ମଙ୍ଗଳାବାଗ ଥାନା ପୁଲିସ ଶବକୁ ଜବତ କରି ଏକ ଅପମୃତ୍ୟୁ ମାମଲା ରଜୁ କରିଛନ୍ତି । ସୁଜାତାର ଶବକୁ କାଲି କଟକଠାରେ ବ୍ୟବଚ୍ଛେଦ କରାଯିବ । ଖବର ନେବାରେ ଜଣାପଡିଛି ଅଛବ ସାହୁଙ୍କ କନ୍ୟା ସୁଜତା ସାହୁ ଛଅ ମାସ ତଳେ ଅର୍ଥାତ୍ ୧୯/୬/୨୦୨୫ ତାରିଖରେ ଅନନ୍ତ ମାଝୀଙ୍କ ସାନପୁଅ ସୁଜିତ ମାଝୀଙ୍କୁ ବିବାହ କରିଥିଲେ ।

## ଦଣ୍ଡିରୀ ପଞ୍ଚାୟତରେ ହାତୀ ତାଣ୍ଡବ, ନିଦ୍ରାରେ ବନବିଭାଗ

**ଢେଙ୍କାନାଳ, ୨୦।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ହିନ୍ଦୋଳ ଉପଖଣ୍ଡ ଦଣ୍ଡିରୀ ଗ୍ରାମପଞ୍ଚାୟତ ଅନ୍ତର୍ଗତ କନକା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର ସନ୍ଧ୍ୟା ସମୟରେ କିଛି ବଣୁଆ ହାତୀ ପଶି ବିଦ୍ୟାଳୟ ପରିସରରେ ଥିବା କୂଅ, କଦଳୀ ବଗିଚା ଓ ଆମ୍ବଗଛ ଆଦି ଭାଙ୍ଗି ନଷ୍ଟ କରିବା ସହ ତାଣ୍ଡବ ରଚିଛନ୍ତି । ଯାହାଫଳରେ ସାଧାରଣରେ କୋକୁଆ ଭୟ ସୃଷ୍ଟି ହୋଇଛି । ଦଣ୍ଡିରୀ ବିଟ୍ ହାଉସ୍‌ରେ ଥିବା ବନ କର୍ମଚାରୀମାନେ ଆଦୌ ପାଟ୍ରୋଲିଂ କରୁନାହାନ୍ତି ଏବଂ ହାତୀ ଘଉଡ଼ାଇବାକୁ ଲୋକମାନେ ଡାକିଲେ ମଧ୍ୟ ଯାଉନାହାନ୍ତି ବୋଲି ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି । କେବଳ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇ ରହୁଛନ୍ତି । ଏ ସଂପର୍କରେ ଆମେ ଦଣ୍ଡିରୀ ବିଟ୍ ହାଉସ୍‌ର ଫରେଷ୍ଟରଙ୍କୁ ଯୋଗାଯୋଗ କରିବାକୁ ଉଦ୍ୟମ କରିଥିଲେ ମଧ୍ୟ ସମ୍ଭବ ହୋଇପାରିନଥିଲା । ତେବେ ଲୋକଙ୍କୁ ସୁରକ୍ଷା ଯୋଗାଇବା ପାଇଁ ବନବିଭାଗ ଲୋକଙ୍କ ପଇସାରେ ଦରମା ନେଉଥିବାବେଳେ ଲୋକମାନେ ହାତୀ ଘଉଡ଼ାଇବାକୁ ବାରମ୍ବାର ଡାକିଲେ ମଧ୍ୟ ବନବିଭାଗ କର୍ମଚାରୀମାନେ ଯାଉନଥିବା ଘଟଣାକୁ ନେଇ ସାଧାରଣରେ ଏବଂ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହେବା ସହ ଏହାର ଦୃଢ ନିନ୍ଦା କରାଯାଇଛି । ଉପରିସ୍ଥ ବନ କର୍ମଚାରୀମାନେ ଏହାର ସମାଧାନ କରିବା ଦିଗରେ ପଦକ୍ଷେପ ନେବା ଜରୁରୀ ବୋଲି ସ୍ଥାନୀୟ ଲୋକମାନେ ଦାବି କରିଛନ୍ତି । ଏ ଖବର ପ୍ରକାଶ ପାଇବା ପରେ ଦଣ୍ଡିରୀ ବିଟ୍ ହାଉସ୍ ର ବନ କର୍ମଚାରୀମାନଙ୍କର କୁମ୍ଭକର୍ଣ୍ଣ ନିଦ୍ରା ଭାଙ୍ଗୁଛି ନା ନାହିଁ ତାହା ଦେଖିବାକୁ ବାକି ରହିଲା।

## ପୋଖରୀରୁ ନିଖୋଜ ବ୍ୟକ୍ତିଙ୍କ ଶବ ଉଦ୍ଧାର

**ସୋର, ୨୦।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ବଡ଼ ପୋଖରୀରୁ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି । ସୂଚନା ଅନୁସାରେ ସୋର ଥାନା ଦହିସଡା ପଞ୍ଚାୟତ ସୁଲତାନପୁର ଗ୍ରାମର ଦେବେନ୍ଦ୍ର ନାୟକ ଗତକାଲି ସନ୍ଧ୍ୟାରେ ସୋର କୋର୍ଟ ସମ୍ମୁଖ ବଡପୋଖରୀ ନିକଟରେ ବୁଲୁଥିବାର ସ୍ଥାନୀୟ ଲୋକ ଦେଖିଥିଲେ । ମାତ୍ର ଆଜି ସକାଳେ ପୋଖରୀରେ ତାଙ୍କ ମୃତଦେହ ଭାସୁଥିବାର ଦେଖି ସୋର ପୁଲିସ ଓ ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା । ପରେ ପୁଲିସ ଓ ଅଗ୍ନିଶମ କର୍ମଚାରୀମାନେ ପୋଖରୀରୁ ତାଙ୍କ ମୃତଦେହକୁ ଉଦ୍ଧାର କରି ସୋର ଡ଼ାକ୍ତରଖାନାକୁ ନେଇଥିବା ବେଳେ ସେଠାରେ ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ।

# ସୂଚନା ଫଳକ ପଡ଼ି ପ୍ରଥମ ଶ୍ରେଣୀ ଛାତ୍ର ମୃତ

ବାରିପଦା: ମୟୂରଭଞ୍ଜ ଜିଲ୍ଲାର ବଡ଼ଭୁଣ୍ଡୁରେ ଥିବା ଏକ ସରକାରୀ ସ୍କୁଲରେ ବଡ ଅଘଟଣ ଘଟିଛି । ସୂଚନା ଫଳକ ଭୁଶୁଡ଼ି ଜଣେ ପ୍ରଥମ ଶ୍ରେଣୀ ଛାତ୍ରଙ୍କର ମୃତ୍ୟୁ ଘଟିଥିବା ସୂଚନା ମିଳିଛି । ମୃତକ ତିରିଂ ଥାନା ଅନ୍ତର୍ଗତ ବଡ଼ ଭୁଣ୍ଡୁ ଗ୍ରାମର ଶିବ ଚରଣ ଲୋହାରଙ୍କ ପୁଅ ଅଭିର ଲୋହାର(୭) । ଅନ୍ୟ ଦୁଇଜଣ ଛାତ୍ରଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ନିକଟସ୍ଥ ମେଡିକାଲରେ ଭର୍ତ୍ତି କରାଯାଇଛି ।




ସୂଚନା ଅନୁସାରେ, ଶୁକ୍ରବାର ଅପରାହ୍ଣ ପ୍ରାୟ ୩.୩୦ ସମୟ ତିରିଂ ବ୍ଲକର ସାନଭୁଣ୍ଡୁ ଗ୍ରାମ ପଞ୍ଚାୟତ ଅଞ୍ଚଳ ବଡ଼ଭୁଣ୍ଡୁ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିସରରେ ଥିବା ସୂଚନା ଫଳକ ନିକଟରେ ଛାତ୍ରମାନେ ଖେଳୁଥିଲେ । ସେହି ସମୟରେ ଦୁର୍ବଳ ସିମେଣ୍ଟ ସୂଚନା ଫଳକ ଓଲଟି ଯାଇ ନିକଟରେ ଖେଳୁଥିବା ଛାତ୍ରମାନଙ୍କ ଉପରେ ଚାପି ହୋଇଯାଇ ଥିଲା । ଏହା ପରେ ନିକଟରେ ଥିବା ଅନ୍ୟ ଛାତ୍ର ଓ ଶିକ୍ଷକମାନେ ଫଳକ ତଳେ ଚାପି ହୋଇଥିବା ତିନି ଜଣ ଛାତ୍ରଙ୍କୁ ଉଦ୍ଧାର କରିଥିଲେ । ତାଙ୍କ ମଧ୍ୟରେ ଜଣେ ଗୁରୁତର ପ୍ରଥମ ଶ୍ରେଣୀ ଛାତ୍ର ଅଭିର ଲୋହାର (୭)କୁ ଉଦ୍ଧାର କରି ବିଦ୍ୟାଳୟ ଶିକ୍ଷକମାନେ ତିରିଂ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେଠାରେ ଚିକିତ୍ସକମାନେ ଛାତ୍ର ଅଭିରକୁ ମୃତ ଘୋଷଣା କରିଥିଲେ । ମୃତ ଛାତ୍ର ବଡଭୁଣ୍ଡୁ ଗାଁର ଶିବଚରଣ ଲୋହାରଙ୍କ ପୁଅ ଅଭିର ଲୋହାର ବିଦ୍ୟାଳୟ ପ୍ରଥମ ଶ୍ରେଣୀରେ ପଢୁଥିଲା । ଅନ୍ୟ ଦୁଇ ଜଣ ଛାତ୍ର ସାମାନ୍ୟ ଆହତ ହୋଇଥିବା ଜଣାପଡିଛି । ସୂଚନା ପରେ ତିରିଂ ଥାନା ପୁଲିସ ସେଠାକୁ ଯାଇ ଛାତ୍ରର ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ରାଇରଙ୍ଗପୁର ଡାକ୍ତରଖାନାକୁ ପଠାଇ ଘଟଣାର ଅଧିକ ତଦନ୍ତ କରୁଥିବା ଜଣାପଡିଛି । ଘଟଣାକୁ ନେଇ ତିରିଂ ଥାନାରେ କେସ ନମ୍ବର ୨୨/୨୦୨୫ରେ ଏକ ଅସ୍ୱାଭାବିକ ମୃତ୍ୟୁର ମାମଲା ରୁଜୁ ହୋଇଛି ।

ସୂଚନାଯୋଗ୍ୟ, ଆର୍ଥିକ ବର୍ଷ ୨୦୨୨– ୨୩ ରେ ତିରିଂ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ୧୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଶୌଚାଳୟ ନିର୍ମାଣ କରାଯିବା ପାଇଁ ବିଦ୍ୟାଳୟ ପରିସର ପାଚେରୀ ସଂଲଗ୍ନ ଏକ ସିମେଣ୍ଟ ସୂଚନା ଫଳକ ନିର୍ମାଣ କରାଯାଇଥିଲା । ସମ୍ପୃକ୍ତ ସୂଚନାଫଳକ ଅତ୍ୟନ୍ତ ନିମ୍ନମାନର ହୋଇଥିବା ଯୋଗୁଁ ଦୁର୍ବଳ ହୋଇଯାଇଥିଲା ଓ ଛାତ୍ରମାନେ ଫଳକ ନିକଟରେ ଖେଳୁଥିବା ବେଳେ ତାହା ଓଲଟି ପଡିଥିଲା ବୋଲି ଅଭିଯୋଗ ହୋଇଛି ।

## ରାସ୍ତା ଖୋଳି ଠିକାଦାର ଛୁ'
## ହନ୍ତସନ୍ତ ଗ୍ରାମବାସୀ

**ଅସ୍ତରଙ୍ଗ, ୨୦।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ଅସ୍ତରଙ୍ଗ ହୀରାଦେଇପୁର କେନାଲ ରାସ୍ତାରେ ଯାଅଆସ କରି ପାଞ୍ଚୋଟି ପରିବାର ସ୍ଥାୟୀ ଘର କରି ବସବାସ କରୁଛନ୍ତି । ଏହିରାସ୍ତା ପାର୍ଶ୍ୱରେ ଠିକାଦାର ପାଣି ପାଇପ୍ ପକାଇ ରାସ୍ତା କୁ ଖୋଳି ନଷ୍ଟ କରିଦେବା ଦ୍ୱାରା ଚାରିଚକିଆ ଯାନ ଘରୁ ୧ ମାସରୁ ଉର୍ଦ୍ଧ୍ୱ ସମୟ ହେଲାଣି ଘରୁ ବାହାରି ପାରୁନାହୁଁ ଯାହାଦ୍ୱାରା ବହୁ ଅସୁବିଧାରେ ସମ୍ମୁଖୀନ ହେଉଛୁ । ଏହାର ସମାଧାନ ପାଇଁ ଉକ୍ତ ପରିବାର ଲୋକେ ଅସ୍ତରଙ୍ଗ ପ୍ରେସ୍ କ୍ଲବର ସଭାପତି ଶରତ ପରିଡ଼ା ଙ୍କୁ ଅବଗତ କରିଥିଲେ । ଏ ସମ୍ପର୍କରେ ଜଳସମ୍ପଦ ବିଭାଗର ମୁଖ୍ୟ ଯନ୍ତ୍ରୀ ଦିଲ୍ଲୀପ କୁମାର ରାଉତଙ୍କୁ ଅବଗତ ପରେ ସାଇଡ ୱାଲ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏ ସମ୍ପର୍କରେ ପାଟଳଦା ଗ୍ରାମପଞ୍ଚାୟତର ସରପଞ୍ଚ ଯଶୋବନ୍ତ ନାୟକ କହିଛନ୍ତି ପଞ୍ଚାୟତ ପକ୍ଷରୁ ଦୁଇ ଲକ୍ଷ ପଚାଶ ହଜାର ବ୍ୟୟବରାଦ ହୋଇସାରିଛି ବହୁ ଜଳଦି କାର୍ଯ୍ୟ ଆରମ୍ଭ କରାଯିବ । ସୂଚନା ଥାଉକି ଉକ୍ତ କେନାଲ ରାସ୍ତା ପାର୍ଶ୍ୱରେ ଅଙ୍ଗନବାଡି କେନ୍ଦ୍ର ଅଛି, ଦୈନିକ ଛୋଟ ପିଲା ପାଠ ପଢ଼ିବାକୁ ଆସନ୍ତି ଏ ସମ୍ପର୍କରେ ବରିଷ୍ଠ ନାଗରିକ ମହେଶ୍ୱର ବିଶ୍ୱାଳ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି ।



## ବିଦ୍ୟୁତ୍ ଆଘାତରେ ହାତୀ ଛୁଆ ମୃତ

**ଢେଙ୍କାନାଳ : ଏକ୍ସପ୍ରେସ୍ ନ୍ୟୁଜ୍**

ଢେଙ୍କାନାଳ ଜିଲ୍ଲା ସଦର ରେଞ୍ଜ ମହାଦିଆ ନିକଟରେ ହାତୀଛୁଆର ମୃତଦେହ ଠାବ ହୋଇଛି । ବିଦ୍ୟୁତ ଆଘାତରେ ହାତୀଟିର ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି । ମୃତ ହାତୀଟିର ବୟସ ଏକ ବର୍ଷ ହୋଇଥିବା ସୂଚନା ମିଳିଛି । ମିଳିଥିବା ସୂଚନା ଅନୁଯାୟୀ ଆଜି କିଛି ହାତୀପଲ ବିଲରୁ ଧାନ ଫସଲ ଖାଇବା ଉଦ୍ଦେଶ୍ୟରେ ମଠରଗଡ଼ି ଜଙ୍ଗଲରୁ ବାହାରି ବିଲକୁ ଯାଉଥିଲେ । ଏତିକିବେଳେ ମହାଦିଆ ଗାଁରେ ଫସଲ ରକ୍ଷା କରିବା ପାଇଁ ଚାଷୀମାନେ ଜମି ଚାରିପଟେ ଦେଇଥିବା ସୋଲାର କରେଣ୍ଟରେ ଲାଗି ଯିବାରୁ ହାତୀଛୁଆଟିର ମୃତ୍ୟୁ ଘଟିଥିଲା । ଏହି ସୋଲାର ସହିତ ବିଦ୍ୟୁତ ସଂଯୋଗ ହୋଇଥିବା କିମ୍ବା ହାଇ ଭୋଲଟ୍ ପାଇଁ ହାତୀ ଛୁଆଟି ମୃତ୍ୟୁବରଣ କରିଥିବା ସନ୍ଦେହ କରାଯାଉଛି । ପୋଷ୍ଟମର୍ଟମ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ବନ ବିଭାଗ କର୍ମଚାରୀମାନେ କହିଛନ୍ତି ।

## ଅଜଣା ଗାଡ଼ି ଧକ୍କାରେ ଜଣେ ମୃତ

**ରଣପୁର, ୨୦।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ନୟାଗଡ଼ ଜିଲ୍ଲା ରଣପୁର ଥାନା ରାଜ ସୁନାଖଳା ଫାଣ୍ଡି ଅନ୍ତର୍ଗତ ୫୭ ନମ୍ବର ଜାତୀୟ ରାଜପଥରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଏକ ଅଜଣା ଗାଡିକୁ ମୋଟର ସାଇକେଲ ଧକ୍କା ଦେଇଛି । ଦୁର୍ଘଟଣାରେ ଜଣେ ମୃତ୍ୟୁବରଣ କରିଥିବାବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି । ମୃତ ଯୁବକ ଜଣକ ପାନନଗର ଗାଁର ଅଜୟ ମହାନ୍ତିଙ୍କ ପୁଅ ଶୁଭମ୍ ମହାନ୍ତି(୧୭) ବୋଲି ଜଣାପଡିଛି । ଗୁରୁତର ଯୁବକ ରାଜେନ୍ଦ୍ର ତାରେଣିଆ(୧୭)ଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ପ୍ରଥମେ ଭୁବନେଶ୍ୱର ଏମ୍ସ ଏବଂ ପରେ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ଖବର ପାଇ ରାଜ ସୁନାଖଳା ଫାଣ୍ଡି ଉପ ନିରୀକ୍ଷକ ରମେଶ ଚନ୍ଦ୍ର ଯେନା ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଅଧିକ ତଦନ୍ତ ଜାରି ରଖିଛନ୍ତି ।

## ବଳାତ୍କାର ମାମଲାରେ ଅଭିଯୁକ୍ତକୁ ୧୦ ବର୍ଷ ଜେଲ

**ଫୁଲବାଣୀ, ୨୦।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଜନୈକା ମହିଳାଙ୍କୁ ବଳାତ୍କାର ଅଭିଯୋଗରେ ଫୁଲବାଣୀ ଫାଷ୍ଟ ଟ୍ରାକ କୋର୍ଟ ଅଭିଯୁକ୍ତକୁ ୧୦ ବର୍ଷ ଜେଲଦଣ୍ଡାଦେଶ ଦେଇଛନ୍ତି । ଏଥିସହ ଦୋଷୀକୁ ୧୦ ହଜାର ଟଙ୍କା ଜରିମାନା କରାଯାଇଛି । ଅଭିଯୁକ୍ତ ଜଣକ ହେଲେ ଗଞ୍ଜାମ ଜିଲ୍ଲା ଗାଙ୍ଗପୁର ଥାନା ସିଙ୍ଗିପୁର ଗ୍ରାମର ରାଜାରାମ ବିଷୋୟୀ ।

ସୂଚନା ଅନୁଯାୟୀ, ଉଭୟ ପୀଡିତା ଏବଂ ଅଭିଯୁକ୍ତ ଫୁଲବାଣୀ ସହରର ଏକ ହୋଟେଲରେ କାମ କରୁଥିଲେ । ଗତ ଏପ୍ରିଲ ମାସ ୨୮ ତାରିଖ ଦିନ ପୀଡିତା ହୋଟେଲରେ କାମ ସାରି ରାତି ପ୍ରାୟ ୯ଟା ବେଳେ ଘରକୁ ଫେରୁଥିଲେ । ଏହି ସମୟରେ ଅଭିଯୁକ୍ତ ରାଜାରାମ ତାଙ୍କୁ ଘରେ ଛାଡିଦେବି କହି ସାଙ୍ଗରେ ନେଇଥିଲେ । ତେବେ ଘରକୁ ନେବା ବେଳେ ନାରାୟଣୀ ମନ୍ଦିର ରାସ୍ତାରେ ତାଙ୍କୁ ବଳାତ୍କାର କରିଥିଲେ । ଏ ନେଇ ପୀଡିତା ପରଦିନ ଫୁଲବାଣୀ ଟାଉନ ଥାନାରେ ଏତଲା ଦେଇଥିଲେ । ପୁଲିସ ୧୬୪/ ୨୫ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ୩୦ ତାରିଖରେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା । ତେବେ ଏହି ମାମଲାରେ ତତ୍ପରତା ପ୍ରକାଶ କରି ଟାଉନ ଥାନା ଅଧିକାରୀ ପି ସ୍ୱରୂପ କିଶନ ମାତ୍ର ୩୨ ଦିନ ମଧ୍ୟରେ ଚାର୍ଜସିଟ ଦାଖଲ କରିଥିଲେ । ଏହି ମାମଲାର ଶୁଣାଣି କରି ଅଦାଲତ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି ।

### ବସୁଧା ପାନୀୟ ଜଳ ସଙ୍କଟ ଦୂର ପାଇଁ ନିର୍ଦ୍ଦେଶ
## ବିଦ୍ୟୁତ ବିଲ୍‌ର ସ୍ଥାୟୀ ସମାଧାନ ପାଇଁ ଦାବି

**ଗୋପ, ୨୦।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ପୁରୀ ଜିଲ୍ଲାର ଗୋପ ବ୍ଲକ ଅଧୀନରେ ଥିବା ଏକାଧିକ ପଞ୍ଚାୟତରେ ପାନୀୟ ଜଳ ଯୋଗାଣ ବନ୍ଦ ହେବାକୁ ନେଇ ପୁନଃ ବିବାଦ ଉପୁଜିଛି । ଗୋପ, ଏରବଙ୍ଗ ଏବଂ ପାଟେଳିଆରେ ନିର୍ମାଣ ହୋଇଥିବା ବସୁଧା ଜଳ ଯୋଗାଣ ବ୍ୟାଘାତର ମୁଖ୍ୟ କାରଣ ବିଦ୍ୟୁତ ବିଲ ପଇଠ ନ କରିବା । ଏ ସମ୍ପର୍କରେ ପୂର୍ବରୁ ଖବର ପ୍ରସାରଣ ମଧ୍ୟ ହୋଇଥିଲା ଆଉ ତାହାକୁ ଗୋପ ବ୍ଲକ୍ ପ୍ରଶାସନ ସ୍ୱୀକାର କରିଛି । ଏ ସଂକ୍ରାନ୍ତରେ ଗୋପ ପଞ୍ଚାୟତ ସମିତିର ବ୍ଲକ୍ ଉନ୍ନୟନ ଅଧିକାରିଣୀଙ୍କ ପକ୍ଷରୁ ୨୮ ନଭେମ୍ବର ୨୦୨୫ ତାରିଖରେ ଜିଲ୍ଲାପାଳଙ୍କୁ ପଠାଯାଇଥିବା ଚିଠିରେ କୁହାଯାଇଛି ଯେ, ଟାଟା ପାୱାର ପକ୍ଷରୁ ନୂତନ ଜିସିଏମଏସ ପୋର୍ଟାଲ୍‌ରେ ଗୋପ ପାଇପ୍ଡ ୱାଟର୍ ସପ୍ଲାଇର କଞ୍ଜୁମର୍ ଆଇଡି ଅନ୍ତର୍ଭୁକ୍ତ ନହେବାରୁ ବିଦ୍ୟୁତ୍ ବିଲ୍ ପେଣ୍ଡିଂ ଥିବା ଜଣାପଡ଼ିନଥିଲା । ଫଳରେ ୧୩ ନଭେମ୍ବର ୨୦୨୫ ତାରିଖରେ ପାୱାର୍ କଟ୍ ହୋଇ ପାଣି ଯୋଗାଣ ବନ୍ଦ ହୋଇଥିଲା । ପରେ ସେହିଦିନ ବିଲ୍ ଅଦାୟ କରାଯାଇ ୧୪ ନଭେମ୍ବରରୁ ପୁନଃ ପାଣି ଯୋଗାଣ ଆରମ୍ଭ ହୋଇଥିଲା ବୋଲି ବିଡ଼ିଓ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି । ଏହି ସ୍ପଷ୍ଟିକରଣ ପରେ ମଧ୍ୟ, ଭାରତୀୟ ଜନତା ପାର୍ଟି କୃଷକ ମୋର୍ଚ୍ଚାର ରାଜ୍ୟ ସମ୍ପାଦକ ପ୍ରଶାନ୍ତ ସ୍ୱାଇଁ ଏହାକୁ ଅସ୍ଥାୟୀ ଓ ନୀତିବିରୋଧୀ ସମାଧାନ ବୋଲି କହି ଗୁରୁତର ଆପତ୍ତି ଉଠାଇଛନ୍ତି । ସେ ଜିଲ୍ଲାପାଳ, ପଞ୍ଚାୟତିରାଜ ବିଭାଗ ଓ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ପଠାଇଥିବା ପ୍ରତିଉତ୍ତରରେ କହିଛନ୍ତି ଯେ, ବିଡ଼ିଓଙ୍କ ଚିଠିରେ ସରପଞ୍ଚ ଓ ପଞ୍ଚାୟତ ପ୍ରତିନିଧିମାନଙ୍କୁ ନିୟମିତ ବିଦ୍ୟୁତ୍ ବିଲ୍ ଜମା କରିବା ପାଇଁ ନିର୍ଦ୍ଦେଶ ଦେବା ଜଳଜୀବନ ମିଶନର ମୂଳ ଗାଇଡଲାଇନ୍ ସହିତ ଖାପ ଖାଉନାହିଁ । ଶ୍ରୀ ସ୍ୱାଇଁ ଉଲ୍ଲେଖ କରିଛନ୍ତି ଯେ, କେନ୍ଦ୍ର ସରକାରଙ୍କ ଜଳଜୀବନ ମିଶନ୍ ଅପରେସନ୍ ଓ ମେଣ୍ଟେନାନ୍ସ ଗାଇଡଲାଇନ୍ ଅନୁଯାୟୀ, ବିଦ୍ୟୁତ୍ ବିଲ୍ ଭଳି ଦୈନନ୍ଦିନ ଖର୍ଚ୍ଚ ପାଇଁ ପଞ୍ଚାୟତ ଉନ୍ନୟନ ଅର୍ଥ (୧୫ତମ ଅର୍ଥ କମିଶନ୍ ଟାଇଡ୍/ଅନଟାଇଡ୍ ଫଣ୍ଡ) ବ୍ୟବହାର କରାଯିବା ନିଷିଦ୍ଧ । ଏହି ଖର୍ଚ୍ଚ ବ୍ୟବସ୍ଥାପନା ପାଇଁ ଉପଭୋକ୍ତା ଶୁଳ୍କ, ସମୁଦାୟ ଅଂଶଗ୍ରହଣ, ରିଭଲଭିଂ ଫଣ୍ଡ ଓ ନିର୍ଦ୍ଦିଷ୍ଟ ଅପରେସନ୍ ଓ ମେଣ୍ଟେନାନ୍ସ ଆକାଉଣ୍ଟ ରହିବା କଥା ।

ସେ ଆହୁରି କହିଛନ୍ତି ଯେ, ଓଡ଼ିଶା ସରକାର ପୂର୍ବରୁ ଗ୍ରାମୀଣ ଜଳ ଯୋଜନା ପାଇଁ ପ୍ରତିବର୍ଷ ପ୍ରାୟ ୨୫୦ କୋଟି ଟଙ୍କା ବିଦ୍ୟୁତ୍ ଖର୍ଚ୍ଚ ଦେଉଥିବା ବେଳେ, ପଞ୍ଚାୟତ ଉନ୍ନୟନ ଅର୍ଥକୁ ଏହି କାମରେ ବ୍ୟବହାର କରିବା ଯୋଜନାର ସ୍ଥାୟୀତ୍ୱକୁ ଦୁର୍ବଳ କରୁଛି । ଏହା ହର୍ ଘର୍ ଜଳ ଲକ୍ଷ୍ୟ ପ୍ରତି ଲୋକଙ୍କର ଭରସାକୁ ମଧ୍ୟ କ୍ଷୟ କରୁଛି ବୋଲି ସେ ମତ ପ୍ରକାଶ କରିଛନ୍ତି । ଏହାର ଏକ ସ୍ଥାୟୀ ସମାଧାନ ପାଇଁ ଶ୍ରୀ ସ୍ୱାଇଁ ଜିଲ୍ଲା ପ୍ରଶାସନକୁ ଅନୁରୋଧ କରିଛନ୍ତି ଯେ, ଗୋପ ବ୍ଲକ୍ ଓ ସମସ୍ତ ଗ୍ରାମପଞ୍ଚାୟତରେ ଜଳଜୀବନ ମିଶନ୍ ଗାଇଡଲାଇନ୍ ଅନୁଯାୟୀ ସ୍ୱଚ୍ଛ ଓ ପାରଦର୍ଶୀ ଅପରେସନ୍ ଓ ମେଣ୍ଟେନାନ୍ସ ନୀତି ଲାଗୁ କରାଯାଉ, ପଞ୍ଚାୟତ ଉନ୍ନୟନ ଫଣ୍ଡ ବ୍ୟବହାର ତୁରନ୍ତ ବନ୍ଦ କରାଯାଉ ଓ ପୂର୍ବରୁ ହୋଇଥିବା ବିଦ୍ୟୁତ୍ ପେମେଣ୍ଟ ଉପରେ ଅଡିଟ୍ କରାଯାଉ । ଘଟଣାକୁ ନେଇ ଗ୍ରାମବାସୀମାନେ ପାଣି ଯୋଗାଣ ପୁନଃ ସ୍ଥାପନ ହୋଇଥିବାରେ ସ୍ୱାସ୍ଥ୍ୟ ନିଃଶ୍ୱାସ ନେଇଥିବା ବେଳେ, ଦୀର୍ଘକାଳୀନ ସମାଧାନ ନ ହେଲେ ଭବିଷ୍ୟତରେ ପୁନରାବୃତ୍ତି ସଙ୍କଟ ଆସିପାରେ ବୋଲି ଚିନ୍ତା ପ୍ରକାଶ କରୁଛନ୍ତି ।

## ସନ୍ତରା ପଞ୍ଚାୟତରେ ମନରେଗାରେ ବ୍ୟାପକ ଦୁର୍ନୀତି

**ବୈଶିଙ୍ଗା, ୨୦।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ର ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ମହାତ୍ମାଗାନ୍ଧି ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଏବେ ବାଟବଣା ସାଜିଛି । ପ୍ରତି ପଞ୍ଚାୟତରେ ଜାଲ୍ ଜବକାର୍ଡଧାରୀଙ୍କ ନାମରେ ମଜୁରୀ ବିଲ ଉଠାଯାଉଥିବାର ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ । ଏହାର ଏକ ଉଦାହରଣ ପାଲଟିଛି ବେତନଟୀ ବ୍ଲକ ଅନ୍ତର୍ଗତ ସମ୍ତରା ପଞ୍ଚାୟତରେ । ଏହି ପଞ୍ଚାୟତ ଅଧିନ କୁଶୁଦା ଗ୍ରାମର ଅଙ୍ଗନବାଡ଼ିର ଖେଳ ପଡିଆ ନିର୍ମାଣ ପାଇଁ ଏକ ଲକ୍ଷ ଟଙ୍କା ମନରେଗା ଯୋଜନାରେ କାର୍ଯ୍ୟକାରୀ କରିବା ସଂଯୋଜକକୁ ଦାୟିତ୍ୱ ଦିଆଗଲା । ମାତ୍ର ଜବକାର୍ଡଧାରୀଙ୍କ ବଦଳରେ ଜେସିବିରେ ନିକଟସ୍ଥ ପଡିଆରୁ ମାଟି ଉତ୍ତୋଳନ କରି ଟ୍ରାକ୍ଟର ଜରିଆରେ ଖେଳ ପଡିଆରେ ପକାଇ ଦିଆଗଲା । ଏହା ଦେଖି ଗ୍ରାମବାସୀମାନେ ମୟୂରଭଞ୍ଜ ଜିଲ୍ଲାପାଳଙ୍କୁ ଅଭିଯୋଗରେ ଦୁର୍ନୀତି ସମ୍ପର୍କରେ ଜଣାଇଲେ । ଏହାର କପି ଜିଲ୍ଲା ଶ୍ରମ ଉନ୍ନୟନ ବିଭାଗ, ରାଜ୍ୟ ପଞ୍ଚାୟତରାଜ ଅଧିକାରୀ ଏବଂ ବେତନଟୀ ବିଡିଓଙ୍କୁ ପ୍ରଦାନ କରିଥିଲେ ।




ଏହାର ପରଦିନ ଲାଗିଥିବା ଫଳକରେ ନାମ ପରିବର୍ତ୍ତନ ହୋଇଗଲା । ପ୍ରଥମ ଫଳକରେ କାର୍ଯ୍ୟନିର୍ବାହୀ ଭାବେ ପଞ୍ଚାୟତ ସମିତି ଲେଖାଯାଇଥିବା ବେଳେ ବଦଳାଯାଇଥିବା ଫଳକରେ ପଞ୍ଚାୟତ ଅଧିକାରୀ ବୋଲି ଲେଖାଗଲା । ଏଥିସହିତ ପ୍ରକୃତ ଜବ କାର୍ଡ ଧାରୀମାନେ କାର୍ଯ୍ୟ ନ ପାଇ ଦୁଃଖ ଅନୁଭବ କରୁଥିବା ବେଳେ ପଞ୍ଚାୟତ ଅଧିକାରୀ ଜାଲ୍ ଜବକାର୍ଡରେ ଡିମାଣ୍ଡ ପକାଇ ୨୬ହଜାର ଦୁଇ ଶହ ଟଙ୍କା ପଇଠ କରିଦେଲେ । ଏ ବାବଦରେ ସନ୍ତରା ସରପଞ୍ଚଙ୍କୁ ମଧ୍ୟ ଏକ ଅଭିଯୋଗ ଗ୍ରାମବାସୀଙ୍କ ତରଫରୁ ପ୍ରଦାନ କରାଗଲା । ଆମ୍ଭ ପ୍ରତିନିଧି ସରପଞ୍ଚଙ୍କୁ ଏହି କାର୍ଯ୍ୟ ବିଷୟରେ ପଚାରିଥିଲେ ମଧ୍ୟ ସେ ଏ ବିଷୟରେ ଜାଣିନାହାନ୍ତି ବୋଲି କହିଥିଲେ । ତେବେ ବିଡିଓଙ୍କ ଜ୍ଞାତସାରରେ ପଞ୍ଚାୟତ ଅଧିକାରୀ ଏବଂ ଠିକାଦାର ଏଭଳି ଦୁର୍ନୀତି କରୁଥିବାର ଅଭିଯୋଗ ହେଉଛି ।

# ଧାନ କିଣା ମନ୍ଥର : କଳାହାଣ୍ଡିରେ ଏବେବି ଖୋଲିନି ୩୦ ମଣ୍ଡି

**ଭବାନୀପାଟଣା ୨୦।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

କଳାହାଣ୍ଡି ଜିଲ୍ଲାରେ ଧାନର ଅଭାବୀ ବିକ୍ରି ଦେଖିବାକୁ ମିଳିଛି । ଜିଲ୍ଲାରେ ଗତ ନଭେମ୍ବର ୨୯ରୁ ଖରିଫ ଧାନ ପାଇଁ ମଣ୍ଡି ଶୁଭାରମ୍ଭ ହୋଇଥିଲା । ଇତିମଧ୍ୟରେ ୨୦ ଦିନ ବିତିଯାଇଥିଲେ ମଧ୍ୟ ଜିଲ୍ଲାର ସମସ୍ତ ମଣ୍ଡି ଖୋଲି ପାରିନାହିଁ । ଯାହାକୁ ନେଇ ଚାଷୀଙ୍କ ମଧ୍ୟରେ ତୀବ୍ର ଉଦ୍‌ବେଗ ପ୍ରକାଶ ପାଇଛି । ଜିଲ୍ଲା ଯୋଗାଣ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ, ଜିଲାରେ ଗୁରୁବାର ସୁଦ୍ଧା ୭୪୬୪ ଜଣ ଚାଷୀ ୩ଲକ୍ଷ ୫୦ ହଜାର ୪୧୮ କ୍ୱିଣ୍ଟାଲ ଧାନ ବିକ୍ରି କରିଛନ୍ତି। କେବଳ ଗୁରୁବାର ଗୋଟିଏ ଦିନରେ ୧୯୮୭ ଜଣ ଚାଷୀଙ୍କ ୯୨ ହଜାର ୮୭ କ୍ୱିଣ୍ଟାଲ ଧାନ ଉଠାଣ ହୋଇଛି । ଗତବର୍ଷ ଏହି ତାରିଖରେ ୧୦ ହଜାର ୩୬୬ ଚାଷୀ ୪ଲକ୍ଷ ୭୬ ହଜାର ୧୨ କ୍ୱିଣ୍ଟାଲ ଧାନ ବିକ୍ରି କରି ସାରିଥିଲେ । ଏହି ତଥ୍ୟକୁ ଦେଖିଲେ ଗତ ବର୍ଷଠାରୁ ବହୁ ପଛରେ ଧାନ କ୍ରୟ ଚାଲିଛି । ବର୍ତ୍ତମାନ ଜିଲାର ୨୩୦ଟି ମଣ୍ଡିରୁ ୨୦୦ଟି ଖୋଲିଥିବାବେଳେ ୮୩ ମିଲର୍ସରୁ ୭୪ଜଣ ଚୁକ୍ତିନାମା କରିଛନ୍ତି । ଜିଲାକୁ ପ୍ରଥମ ପର୍ଯ୍ୟାୟରେ ୩୬ ଲକ୍ଷ ୫୮ ହଜାର କ୍ୱିଣ୍ଟାଲ ଧାନ ଟାର୍ଗେଟ ଆସିଛି । ବର୍ତ୍ତମାନ ଜିଲାରେ ଅନେକ ଚାଷୀ ଧାନ ଅମଳ କରି ଖଳାରେ ଓ ମଣ୍ଡିରେ ରଖିଛନ୍ତି । କେବେ ମଣ୍ଡି ଚାଲିବ ଓ ଚାଷୀଙ୍କ ଧାନ ଉଠିବ ତାହା ଦେଖିବାକୁ ବାକି ରହିଲାଛ ଅନ୍ୟପକ୍ଷରେ ଧାନ କିଣା ମନ୍ଥର ତଥା ଅବ୍ୟସ୍ଥାକୁ ନେଇ ଶୁକ୍ରବାର ବିଜେଡିର ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଜୁନାଗଡ଼ ବ୍ଲକର ବିଭିନ୍ନ ମଣ୍ଡି ପରିଦର୍ଶନ କରି ଧାନ ସଂଗ୍ରହ ତଦାରଖ କରିଥିଲେ । ଜୁନାଗଡ଼ ବିଧାୟକ କ୍ୟାପ୍‌ଟେନ ଦିବ୍ୟଶଙ୍କର ମିଶ୍ର ଓ ଲାଞ୍ଜିଗଡ଼ ବିଧାୟକ ତଥା ଜିଲା ସଭାପତି ପ୍ରଦୀପ ଦିଶାରୀଙ୍କ ନିର୍ଦ୍ଦେଶ କ୍ରମେ ଏହି ଟିମ୍ରେ ସାମିଲ ଥିବା ବରିଷ୍ଠ ନେତା ସାମନ୍ତ ଖମାରୀ, ପ୍ରଶାନ୍ତ ନାଏକ, ଜୁନାଗଡ ବିଧାୟକ ପ୍ରତିନିଧି ଦିନେଶ ବଗର୍ତ୍ତି, ଜୁନାଗଡ ବ୍ଲକ ଅଧ୍ୟକ୍ଷା ସବିତା ମେହେର, ବଦ୍ରି ପଟ୍ଟନାଏକ, ମୁଣ୍ଡରାଗୁଡ଼ା ସରପଞ୍ଚ ତାରା ରାୟଗୁରୁ, ପୂର୍ବତନ ପୌରାଧ୍ୟକ୍ଷା ସଂଯୁକ୍ତା ବେହେରା, ଯୁବନେତା ମନିନ୍ଦ୍ର ମହାନ୍ତି, ମଧୁସୂଦନ ନାଗ, ପୀତବାସ ବେହେରା ପ୍ରମୁଖ ଜୁନାଗଡ଼ ବ୍ଲକର ମାଟିଗାଁ, ବଣିଜରା, ରାଜପୁର, ମୁଣ୍ଡରାଗୁଡ଼ା ଆଦି ମଣ୍ଡି ପରିଦର୍ଶନ କରି ଚାଷୀମାନଙ୍କ ସହ ମଣ୍ଡି ଅବ୍ୟବସ୍ଥା ବିଷୟରେ ଆଲୋଚନା କରିଥିଲେ ।



ନିର୍ବାଚନ ବର୍ଷ ହିଁ ଲୋକଙ୍କୁ ପ୍ରଭାବିତ କରିହୁଏ । ସେଇ ସମୟର ପ୍ରସଙ୍ଗ ହିଁ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରେ । ଯେମିତି ଓଡ଼ିଆ ଅସ୍ମିତା ଏବଂ ପାଣ୍ଡିଆନ ପ୍ରସଙ୍ଗକୁ ତେଜେଇ ରଖି ବିଜେପି ବେଶ୍ ପ୍ରଭାବିତ କରିପାରିଲା ଓଡ଼ିଶାର ଜନସାଧାରଣମାନଙ୍କୁ । ଏବେ ରାଜ୍ୟର ଦୁଇ ପ୍ରମୁଖ ବିରୋଧୀ ଦଳ– ବିଜେଡି ଏବଂ କଂଗ୍ରେସ ବହୁଧା ଗୋଷ୍ଠୀରେ ବିଭକ୍ତ । ତେଣୁ ଏଭଳି ଏକ ପ୍ରକ୍ରିୟା ଜାରି ରହିଲେ ଏହା ଶାସକ ଦଳ ପାଇଁ ବେଶ୍ ଲାଭଦାୟକ ହୋଇପାରିବ । ରାଜ୍ୟ କଂଗ୍ରେସ ନିଜର ଏକ ପରିଚୟ ତିଆରି କରିଆସୁଥିଲା । ଅନେକେ ମତ ଦେଉଥିଲେ– ରାଜ୍ୟରେ ଏବେ କଂଗ୍ରେସ ହିଁ ମୁଖ୍ୟ ବିରୋଧୀ ଦଳର ଭୂମିକା ନେବ । କିନ୍ତୁ ସେ ଦଳରେ ମଧ୍ୟ ଗୋଷ୍ଠୀକନ୍ଦଳ ଆରମ୍ଭ ହୋଇଗଲାଣି, ଯାହା ରାଜ୍ୟ କଂଗ୍ରେସର ଏକ ଧରାବନ୍ଧା ଧାରା । ଏବେ ଶାସକ ଦଳ ସାଧାରଣ ଲୋକଙ୍କୁ ସନ୍ତୁଷ୍ଟ କରିପାରିଲେ ହିଁ ଆଗାମୀ ଦିନ ପାଇଁ ବାଟ ଫର୍ଚ୍ଚା ହୋଇଯିବ ।



# ଓଡ଼ିଶା ଏକ୍ସପ୍ରେସ୍

## ଜଳବିନା ମାଛ କ୍ଷମତାବିନା ନେତା

ଜଳବିନା ମାଛର ଅବସ୍ଥା ଯେମିତି ହୁଏ, କ୍ଷମତା ଚାଲିଯିବା ପରେ ନେତାଙ୍କ ଅବସ୍ଥା ମଧ୍ୟ ଠିକ୍ ସେହିଭଳି ହୁଏ । ଖୁବ୍ ଦୟନୀୟ ଏବଂ କଷ୍ଟଦାୟକ ।

ଲମ୍ବା ସମୟ ଧରି ଶାସନରେ ରହିବା ପରେ ହଠାତ୍ ହାତରୁ ଶାସନ ଖସିଯିବ–ଏଭଳି ଏକ ଆଶା ବିଜେଡି କରିନଥିଲା । ବିରୋଧୀ ଭୂମିକାରେ ରହି ସଂଗଠନକୁ ମଜଭୁତ କରି ରଖିବା ସବୁବେଳେ ସମ୍ଭବ ହୁଏନି । ଲୋକଙ୍କୁ ସନ୍ତୁଷ୍ଟ କରିବାକୁ ହେଲେ କ୍ଷମତା ଦରକାର ହୁଏ । ବିନା କ୍ଷମତାରେ କେବଳ ଶାସକ ଦଳର ଦୋଷତ୍ରୁଟି ଦେଖାଇ ଲୋକଙ୍କ ହୃଦୟରେ ଆସ୍ଥାନ ଜମାଇବା କଷ୍ଟକର ହୋଇଥାଏ ।

ରାଜ୍ୟରେ ବିଜେପି ଶାସନ ଏକବର୍ଷ ପୂରଣ କରି ଦ୍ୱିତୀୟ ବର୍ଷରେ ପାଦ ଦେଇଛି । ଆହୁରି ଲମ୍ବା ସମୟ ବାକି ଅଛି । ଏଣୁ ଲୋକେ ଏଯାଏଁ ବିଜେଡିର ୨୪ ବର୍ଷର ଶାସନ ସହିତ ବର୍ତ୍ତମାନ ସରକାରଙ୍କ ତୁଳନା କରିପାରୁନାହାନ୍ତି । ଏତିକି ସମୟ ଯଥେଷ୍ଟ ନୁହେଁ ଏକ ସମ୍ପୂର୍ଣ୍ଣ ବିକଶିତ ରାଜ୍ୟ ଗଢ଼ିବା ଏବଂ ଲୋକଙ୍କ ପ୍ରତିଟି ସମସ୍ୟା ଦୂର କରିବା ପାଇଁ । କିନ୍ତୁ ବେଳେ ବେଳେ ଦଳର ଆଭିମୁଖ୍ୟରୁ ମଧ୍ୟ କଳିହୁଏ ଆଗକୁ କ'ଣ ହୋଇପାରେ । ଦଳର ନେତାଙ୍କ ମାନସିକତା ଏବଂ କାର୍ଯ୍ୟଶୈଳୀରୁ ଲୋକେ ଜାଣିପାରନ୍ତି ଆଗାମୀ ଦିନରେ ସେବାର ମାନ କେତେ ବଢ଼ିବ ।

ବିଜେଡି ସୁପ୍ରିମୋଙ୍କ ଭାବମୂର୍ତ୍ତି ସାଧାରଣ ଲୋକଙ୍କୁ ଏବେବି ପ୍ରଭାବିତ କରୁଛି । ନବୀନବାବୁଙ୍କୁ ଭଲ ପାଉଥିବା ଲୋକ ଅନେକ ଅଛନ୍ତି ରାଜ୍ୟରେ କିନ୍ତୁ ଦଳର ନେତାମାନେ ତାଙ୍କ ନେତୃତ୍ୱକୁ ଆଉ କେତେଦିନ ଅନ୍ଧଭାବରେ ମାନିନେବେ ସେଇଟା ହିଁ ମୂଳ ପ୍ରଶ୍ନ । ସେତେବେଳେ ମନ୍ତ୍ରୀପଦ ଚାଲିଯିବାର ଏବଂ ଟିକେଟ ନ ମିଳିବାର ଭୟ ଥିଲା, ଏବେ ସେ ଭୟ ଆଉ ନାହିଁ କ୍ଷମତା ଚାଲିଯିବା ପରେ । ଯେଉଁମାନେ ପାଟି ଖୋଲିବାକୁ ଚାହୁଁନଥିଲେ ନିଜ ସୁରକ୍ଷା ପାଇଁ ସେମାନେ ପାଟି ଖୋଲିବା ଆରମ୍ଭ କଲେଣି । ଦଳରେ ଗୋଷ୍ଠୀ ତିଆରି ହେଲାଣି, ଯାହାକୁ ମେଳି କୁହାଯାଉଛି । ଅନେକେ ଶାସକ ଦଳ ମୁହାଁ ହେଲେଣି । କିନ୍ତୁ ଏବେ ଯେଉଁମାନେ ଶାସନ ଦଳରେ ଯୋଗଦେବେ ସେମାନଙ୍କୁ ଯେ ରାତାରାତି କ୍ଷମତା ମିଳିଯିବ ଏହାର କୌଣସି ସମ୍ଭାବନା ନାହିଁ, କାରଣ ନିର୍ବାଚନ ଆହୁରି ଅନେକ ଦୂରରେ ଅଛି । କେବଳ ଶାସକ ଦଳର ଛତ୍ରଛାୟା ତଳେ ରହିଲେ ଯେ କ୍ଷମତା ହରାଇଥିବା ନେତାମାନେ ସନ୍ତୁଷ୍ଟ ହୋଇପାରିବେ ଏକଥା କହିବା ଭୁଲ୍ ହେବ । ନିଜ ଦଳ ଛାଡ଼ି ଶାସକ ଦଳରେ ମିଶିଲେ ଲୋକଙ୍କର ଏବଂ କର୍ମୀଙ୍କର ଅସନ୍ତୋଷର ଶିକାର ହେବାର ସମ୍ଭାବନା ମଧ୍ୟ ରହିଛି । ତେଣୁ ଏ ସମୟରେ ଦଳ ବଦଳାଇବା କୌଣସି ନେତାଙ୍କ ପାଇଁ ଲାଭଦାୟକ ଯେ ହେବନାହିଁ ଏକଥା ନ କହିବା ଭଲ ।

ବର୍ତ୍ତମାନର ଶାସନ ଦଳ ବିଜେପି ଆଗନ୍ତୁକମାନଙ୍କୁ କେବେବି ଅଧିକ ଗୁରୁତ୍ୱ ଦେବନାହିଁ ନିଜ ଦଳର ନେତାଙ୍କୁ ଛାଡ଼ି । ତେଣୁ ବିଜେଡି ଛାଡ଼ି ବିଜେପିରେ ମିଶିବାକୁ ଚିନ୍ତା କରୁଥିବା ନେତାମାନେ ଏ ଦିଗଟିକୁ ଅଣଦେଖା କରିବା ଉଚିତ୍ ନୁହେଁ

ନିର୍ବାଚନ ବର୍ଷ ହିଁ ଲୋକଙ୍କୁ ପ୍ରଭାବିତ କରିହୁଏ । ସେଇ ସମୟର ପ୍ରସଙ୍ଗ ହିଁ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରେ । ଯେମିତି ଓଡ଼ିଆ ଅସ୍ମିତା ଏବଂ ପାଣ୍ଡିଆନ ପ୍ରସଙ୍ଗକୁ ତେଜେଇ ରଖି ବିଜେପି ବେଶ୍ ପ୍ରଭାବିତ କରିପାରିଲା ଓଡ଼ିଶାର ଜନସାଧାରଣମାନଙ୍କୁ । ଏବେ ରାଜ୍ୟର ଦୁଇ ପ୍ରମୁଖ ବିରୋଧୀ ଦଳ– ବିଜେଡି ଏବଂ କଂଗ୍ରେସ ବହୁଧା ଗୋଷ୍ଠୀରେ ବିଭକ୍ତ । ତେଣୁ ଏଭଳି ଏକ ପ୍ରକ୍ରିୟା ଜାରି ରହିଲେ ଏହା ଶାସକ ଦଳ ପାଇଁ ବେଶ୍ ଲାଭଦାୟକ ହୋଇପାରିବ । ରାଜ୍ୟ କଂଗ୍ରେସ ନିଜର ଏକ ପରିଚୟ ତିଆରି କରିଆସୁଥିଲା । ଅନେକେ ମତ ଦେଉଥିଲେ– ରାଜ୍ୟରେ ଏବେ କଂଗ୍ରେସ ହିଁ ମୁଖ୍ୟ ବିରୋଧୀ ଦଳର ଭୂମିକା ନେବ । କିନ୍ତୁ ସେ ଦଳରେ ମଧ୍ୟ ଗୋଷ୍ଠୀକନ୍ଦଳ ଆରମ୍ଭ ହୋଇଗଲାଣି, ଯାହା ରାଜ୍ୟ କଂଗ୍ରେସର ଏକ ଧରାବନ୍ଧା ଧାରା । ଏବେ ଶାସକ ଦଳ ସାଧାରଣ ଲୋକଙ୍କୁ ସନ୍ତୁଷ୍ଟ କରିପାରିଲେ ହିଁ ଆଗାମୀ ଦିନ ପାଇଁ ବାଟ ଫର୍ଚ୍ଚା ହୋଇଯିବ ।

# ଅସଫଳ ରେକର୍ଡ ସୃଷ୍ଟିରେ ଭାରତ



**ମୂଲ୍ୟବୋଧ**

**ଅରବିନ୍ଦ ରାଉତରାୟ**

ଦେଶ ସ୍ୱାଧୀନତା ପ୍ରାପ୍ତିର ଶତବାର୍ଷିକୀ ପୂର୍ତ୍ତି ଅବସରରେ ବିକଶିତ ରାଷ୍ଟ୍ର ମାନ୍ୟତା ହାସଲ ପାଇଁ ପ୍ରସ୍ତୁତ କରିଥିବା ପରିକଳ୍ପନାକୁ ସାକାର କରିବା ସହଜ ନହେଲେ ମଧ୍ୟ ଏହାର ବିକଳ୍ପ ନାହିଁ । ଏହାର ବାସ୍ତବତା ସଂପୂର୍ଣ୍ଣ ନିର୍ଭରଶୀଳ ଅର୍ଥନୈତିକ ପ୍ରଗତି ଓ ଜିଡିପିର ଅନବରତ ସମୃଦ୍ଧି ଉପରେ । ଏଗାର ବର୍ଷ ତଳେ ଦେଶର ଅର୍ଥନୈତିକ ପ୍ରଗତି ହାର ଆଠ ଶତାଂଶରୁ ଅଧିକ ଥିଲା ଓ ସେତେବେଳର ବିକାଶ ଧାରା ଲଗାତର ଆଗାମୀ ଦଶନ୍ଧି ଶେଷଯାଏ ଅବ୍ୟାହତ ରହିଲେ ବିକଶିତ ରାଷ୍ଟ୍ର ମାନ୍ୟତା ପରିକଳ୍ପନା ସହଜ ହେବାରେ ବାଧା ବନ୍ଧନ ରହିବ ନାହିଁ । ହେଲେ ବର୍ତ୍ତମାନର ବିକାଶ ଧାରା ଓ ଜିଡିପି ଅଭିବୃଦ୍ଧି ହାର ପ୍ରତିକୂଳ ବାର୍ତ୍ତା ଦେଉଥିବାରୁ ସେଥିରେ ବାସ୍ତବିକ ପରିବର୍ତ୍ତନ ଅଣାଯିବାର ଆବଶ୍ୟକତା ଦେଶ ଓ ଦଶ ପାଇଁ ଜରୁରୀ ହୋଇପଡିଛି । କାରଣ ପରିବର୍ତ୍ତନ ହିଁ ସମୃଦ୍ଧିର ମାପକାଠି ଓ ସକରାତ୍ମକ ପରିବର୍ତ୍ତନ କେବଳ ପରିକଳ୍ପନାକୁ ବାସ୍ତବିକ ରୂପ ଦେବାରେ ସଫଳ ହୋଇପାରିବ । ନଚେତ୍ ସାଂପ୍ରତିକ ଅର୍ଥନୈତିକ ପରିବେଶ ପରିକଳ୍ପନାର ଅବଧି ବଢାଇବ ସିନା ଲକ୍ଷ୍ୟ ହାସଲ ଠାରୁ ବହୁ ଦୂରକୁ ନେଇଯିବ । ଆଗକୁ ଥିବା ଦୁଇ ଦଶନ୍ଧିର ଅବଧି ଦେଶ ପାଇଁ ଯେତିକି ଗୁରୁତ୍ୱପୂର୍ଣ୍ଣ ସେତିକି ସମ୍ବେଦନଶୀଳ ମଧ୍ୟ । ସେଥିରେ ସକରାତ୍ମକ ପରିବର୍ତ୍ତନ ଆଣିବାକୁ ହେଲେ ଦେଶ ସମ୍ମୁଖରେ ଥିବା ବହୁବିଧ ଅସଫଳତା ଉପରେ ତର୍ଜମା କରାଯିବାର ସମୟ ଆସିଛି । ଅସଫଳ ରେକର୍ଡ ସୃଷ୍ଟି କ୍ଷେତ୍ରରେ ଦେଶରେ ଉପଲବ୍ଧ ସଫଳତାରେ ଆମୂଳଚୂଳ ପରିବର୍ତ୍ତନର ବିକଳ୍ପ ନାହିଁ କହିଲେ ଅତ୍ୟୁକ୍ତି ହେବ ନାହିଁ ।

ବିଶ୍ୱ ବ୍ୟାଙ୍କ ଋଣ ତାଲିକାରେ ଭାରତ ଶୀର୍ଷରେ ରହିବା ଓ ଅର୍ଥନୈତିକ ପରିଚାଳନା କ୍ଷେତ୍ରରେ ଆନ୍ତର୍ଜାତିକ ମୁଦ୍ରା ପାଣ୍ଠିଠାରୁ 'ସି' ଗ୍ରେଡ୍ ପାଇବା ଦେଶ ପାଇଁ ପ୍ରଥମ ଅସଫଳ ରେକର୍ଡ ବୋଲି ଧରିବାକୁ ହେବ । କାରଣ ଏଗାର ବର୍ଷ ତଳେ ଯେଉଁ ଦେଶର ଋଣଭାର ପ୍ରାୟ ୫୫ ଲକ୍ଷ କୋଟି ଟଙ୍କାରେ ସୀମିତ ଥିଲା ଏବେ ତାହା ୨୫୦ ଲକ୍ଷ କୋଟି ଟଙ୍କାକୁ ଅତିକ୍ରମ କରିଯିବା ଆର୍ଥିକ ଅସଫଳତା ନୁହେଁ ତ ଆଉ କ'ଣ ହୋଇପାରେ । ଏକ ବିକାଶଶୀଳ ରାଷ୍ଟ୍ରରେ ଭିତ୍ତିଭୂମିର ବିକାଶ ଓ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଦେଶବାସୀଙ୍କୁ ଉପରକୁ ଉଠାଇବା ପାଇଁ ରାଜସ୍ୱ ଆୟର ଆବଶ୍ୟକତା ଜରୁରୀ । ଟିକସ, ରପ୍ତାନୀ ଓ ବାଣିଜ୍ୟ କ୍ଷେତ୍ରର ସମ୍ବଳ ସଂଗ୍ରହ ନିଅଣ୍ଟ ହେଲେ ସରକାର ସେ କ୍ଷେତ୍ରର ଚାହିଦା ଭରଣା ପାଇଁ ଋଣ କରିବା ଛଡ଼ା ଅନ୍ୟ ପନ୍ଥା ନାହିଁ । ସର୍ବୋଚ୍ଚ ଶକ୍ତିଶାଳୀ ରାଷ୍ଟ୍ର ଆମେରିକା ହେଉ ବା ବିକଶିତ ରାଷ୍ଟ୍ର ଜାପାନ ହେଉ ସମସ୍ତଙ୍କ ପାଇଁ ସମ୍ବଳ ସଂଗ୍ରହ ପ୍ରକ୍ରିୟା ସମାନ । ଆମେରିକା ଓ ଜାପାନର ଋଣଭାର ଅଧିକ ହେଲେ ସୁଦ୍ଧା ପରିଶୋଧ କରିବାର ସବୁପ୍ରକାର ସୁବିଧା ରହିଛି । ହେଲେ ଭାରତରେ ନିର୍ବାଚନୀ କ୍ଷମତା ହାସଲ ପାଇଁ ଋଣ ବାବଦ ସଂଗୃହୀତ ଅର୍ଥ ବିନିଯୋଗ ହେବା ଏକ ଅଣଉତ୍ପାଦନ ଭିତ୍ତିକ ନିଷ୍ପତ୍ତି । ଭାରତ ସେସବୁକୁ ଆପଣେଇ ନେବା ଅସଫଳତା ବ୍ୟତିରେକ ଆଉ କ'ଣ ହୋଇପାରେ ?

ଅର୍ଥନୈତିକ ବିକାଶ କ୍ଷେତ୍ରରେ ଆର୍ଥିକ ଅସମତାର ବିକଟ ରୂପ ଆଉ ଏକ ଅସଫଳତା ଓ ପ୍ରତିବନ୍ଧକ ହୋଇପାରେ । ଦେଶର ଏକ ଶତାଂଶ ଧନୀ ଲୋକଙ୍କ ପାଖରେ ଚାଳିଶ ପ୍ରତିଶତ ସମ୍ପତ୍ତି ଥିବାବେଳେ ଅବଶିଷ୍ଟ ଅନେଶୋତ ଭାଗ ଲୋକ ମାତ୍ର ଷାଠିଏ ଶତାଂଶ ସମ୍ପତ୍ତିର ଅଧିକାରୀ । ପ୍ରତିକୂଳ ଅର୍ଥନୈତିକ ପରିବେଶରେ ସେହି ହାତ ଗଣତି ଧନୀ ଲୋକଙ୍କ ସମ୍ପତ୍ତିର ଆଶାତୀତ ସମୃଦ୍ଧି ଘଟୁଛି । ହେଲେ ଅବଶିଷ୍ଟ ଦେଶବାସୀଙ୍କ ଆର୍ଥିକସ୍ଥିତି ନିମ୍ନମୁଖୀ ହେବାର କାରଣ ହେଲା ଚରମ ଅସମତା । ଏହାକୁ ଦୂର କରିବା ପାଇଁ ଜନକଲ୍ୟାଣ ଓ ସାମାଜିକ ବିକାଶ କ୍ଷେତ୍ରରେ ପୁଞ୍ଜି ଲଗାଣର ଆବଶ୍ୟକତା ରହିଛି । ବିକଶିତ ରାଷ୍ଟ୍ର ବ୍ରିଟେନ ମଧ୍ୟ ଆର୍ଥିକ ଅସମତା ଦୂର ପାଇଁ ବାସ୍ତବ କାର୍ଯ୍ୟକ୍ରମ ଭିତ୍ତିକ ପୁଞ୍ଜି ନିବେଶରୁ ବାଦ ପଡିନାହିଁ । ଦେଶବାସୀଙ୍କ ଜୀବନଧାରଣ ପ୍ରକ୍ରିୟାରେ ଉନ୍ନତ ସାଧନ ସେହି ଯୋଜନା ଭିତ୍ତିକ ପୁଞ୍ଜି ବିନିଯୋଗର ଉଦ୍ଦେଶ୍ୟ । ହେଲେ ଭାରତରେ ପ୍ରଚଳିତ ବ୍ୟବସ୍ଥା ଧନୀଙ୍କୁ ଅଧିକ ଧନୀ କରିବା ଓ ଗରିବଙ୍କୁ ଅଧିକ ଗରିବ କରାଇବାରେ ସହାୟକ ହେଉଛି ।

ବିଶ୍ୱ କ୍ଷୁଧା ତାଲିକାରେ ଦେଶକୁ ସୁସ୍ଥ ସ୍ଥିତିରେ ସ୍ଥାନିତ କରିବାର ଉଦ୍ଦେଶ୍ୟ ହେଲା ପ୍ରଚଳିତ ଖାଦ୍ୟ ସୁରକ୍ଷା ଆଇନର । ସେଇଥି ପାଇଁ ତ କେନ୍ଦ୍ର ସରକାର ଅଶୀ କୋଟି ଭୋକିଲା ପେଟକୁ ପାଞ୍ଚକିଲୋ ମାଗଣା ରାସନ ଯୋଗାଇବାର ପ୍ରତିବଦ୍ଧତା ହାତକୁ ନେଇଛନ୍ତି । ଏହା ସତ୍ତ୍ୱେ କ୍ଷୁଧା ତାଲିକାରେ ଦେଶର ସ୍ଥାନ ପୁନର୍ବାର ନିମ୍ନକୁ ଯିବା ଅସଫଳ ବ୍ୟତୀତ ଆଉ କ'ଣ ହୋଇପାରେ? ଦାରିଦ୍ର୍ୟ ସୀମରେଖା ତଳେ ଥିବା ଲୋକଙ୍କୁ ଉପରକୁ ଉଠାଇବା କ୍ଷେତ୍ରର ଅସଫଳତା ଏହାର ବଳିଷ୍ଠ ଦୃଷ୍ଟାନ୍ତ । ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି ଦେଶର ଅର୍ଥନୀତି ଓ ପରିସଂଖ୍ୟାନକୁ ନୀଚ ଦୃଷ୍ଟିରେ ଦେଖିବା କୌଣସି ଦୃଷ୍ଟିରୁ ସଫଳତା ହୋଇ ନପାରେ । ଜିଡିପି ଭିତ୍ତିରେ ଦେଶର ସ୍ଥାନ ବିଶ୍ୱର ଶକ୍ତିଶାଳୀ ରାଷ୍ଟ୍ର ତାଲିକାରେ ଚତୁର୍ଥରୁ ଏବେ ଖସିଆସିଛି । ତେବେ ଅର୍ଥନୈତିକ ସଫଳତାର ମାପଦଣ୍ଡ ମୁଦ୍ରାପାଣ୍ଠି ପାଇଁ ଗ୍ରହଣୀୟ ନ ହେବା ଆଉ ଏକ ଅସଫଳ ରେକର୍ଡ । ଏହି ନକରାତ୍ମକ ସ୍ଥିତିର କାରଣ ଯେ ବହୁବିଧ ଏଥିରେ ସନ୍ଦେହ ନାହିଁ । ମୋଦି ସରକାର ୨୦୧୪ରେ ଶାସନଭାର ହାତକୁ ନେବା ବେଳେ ଗୋଟିଏ ଆମେରିକୀୟ ଡଲାର ପାଇବାକୁ ପ୍ରାୟ ଷାଠିଏ ବାଆଷଠି ଟଙ୍କା ପୈଠ କରିବାକୁ ପଡୁଥିଲା ଦେଶବାସୀଙ୍କୁ । ସେତେବେଳେ ଅନ୍ତର୍ଜାତୀୟ ବାଣିଜ୍ୟିକ ନିଅଣ୍ଟ ମଧ୍ୟ ଗ୍ରହଣୀୟ ସ୍ଥିତିରେ ରହିଥିଲା । ଏ କ୍ଷେତ୍ରରେ ବିଶ୍ୱବିଖ୍ୟାତ ଅର୍ଥନୀତିଜ୍ଞ ଡକ୍ଟର ମନମୋହନ ସିଂହଙ୍କ ଅତୁଳନୀୟ ଅବଦାନ ଦେଶର ଅର୍ଥନୀତି ପାଇଁ ଚିରସ୍ମରଣୀୟ । ଅଳ୍ପ କଥା କହି ଅଧିକ କର୍ମରେ ବିଶ୍ୱାସ କରୁଥିବା ଦିବଂଗତ ପ୍ରଧାନମନ୍ତ୍ରୀ ଡକ୍ଟର ସିଂହ ଏକଦା ଆର୍ଥିକ ସଂସ୍କାର ପ୍ରକ୍ରିୟାକୁ ଆମନ୍ତ୍ରଣ କରି ଦେଶ ଓ ଦଶ ପାଇଁ ସଫଳତାର ରେକର୍ଡ ସୃଷ୍ଟି କରିଥିଲେ । ମାତ୍ର ବିଗତ ଏଗାରବର୍ଷର କେନ୍ଦ ନେତୃତ୍ୱ ଦେଶର ବାଣିଜ୍ୟିକ ନିଅଣ୍ଟକୁ ଏକପ୍ରକାର ଦେହସୁହା କରିବାକୁ ପଛାଇଲେ ନାହିଁ । ମୁଦ୍ରାର କ୍ରୟଶକ୍ତି ଅବାଧଗତିରେ ନିମ୍ନମୁଖୀ ହୋଇଚାଲିଛି ଓ ତାହା ପ୍ରଥମ ଥର ପାଇଁ ଅତ୍ୟନ୍ତ ଦୁର୍ବଳ ଅବସ୍ଥାରେ ପହଞ୍ଚିଛି । ଆନ୍ତର୍ଜାତିକ ବାଣିଜ୍ୟ କ୍ଷେତ୍ରର ବିଲ୍ ପୈଠ ପାଇ ଭାରତୀୟଙ୍କୁ ଗୋଟିଏ ଡଲାର ପାଇବା ଲାଗି ନବେ ଟଙ୍କା କୋଡ଼ିଏ ପଇସା ଜମା ଦେବାକୁ ପଡୁଛି । ସାଂପ୍ରତିକ ଅର୍ଥନୈତିକ ସ୍ଥିତିରେ ଉନ୍ନତି ନ ଘଟିଲେ ଡଲାର ଓ ମୁଦ୍ରା ବିନିମୟ ଅନୁପାତ ଶହେ ଟଙ୍କା ଟପିଯିବାର ଆଶଙ୍କା ସୃଷ୍ଟି ହୋଇଛି । ଏହି ଅସଫଳ ପ୍ରକ୍ରିୟା ଦେଶର ବୈଦେଶିକ ବିନିମୟ ମୁଦ୍ରା ଭଣ୍ଡାରକୁ ଦୁର୍ବଳ କରିବାରେ ଲାଗିଛି । ଫଳତଃ ଦେଶରେ ବିନିଯୁକ୍ତ ବୈଦେଶିକ ପୁଞ୍ଜି ପ୍ରତ୍ୟାହାର ଦିନକୁ ଦିନ ବଢିବାରେ ଲାଗିଛି । ଏଣେ ଭାରତୀୟ ରାଷ୍ଟ୍ରାୟ ଓ ଘରୋଇ ତୈଳ କମ୍ପାନୀ ଋଷରୁ ଶସ୍ତାରେ ଅଶୋଧିତ ତୈଳ ଆମଦାନୀ ବଢାଇ ବିଦେଶରେ ଅଧିକ ଦରରେ ବିକ୍ରି କରିଚାଲିଛନ୍ତି । ଏ କ୍ଷେତ୍ରର ଆର୍ଥିକ ଫାଇଦା ସେମାନଙ୍କ ଖାତାକୁ ଯାଉଛି ଓ ଦେଶବାସୀ ଚଢା ଦରରେ ବିଶୋଧିତ ପେଟ୍ରୋଲ, ଡିଜେଲ ଓ ଗ୍ୟାସ୍ କିଣି ଆର୍ଥିକ ଦଣ୍ଡ ଭୋଗି ଚାଲିଛନ୍ତି । ଭାରତୀୟ ପ୍ରତିଭୂତି ବଜାରରୁ ପ୍ରତ୍ୟାହୃତ ବିଦେଶୀ ପୁଞ୍ଜି ପଡୋଶୀ ବିକଶିତ ରାଷ୍ଟ୍ର ଚୀନରେ ବିନିଯୁକ୍ତ ହେଉଛି ଓ ସେ ଦେଶର ମୁଦ୍ରା କ୍ରୟ ଶକ୍ତି ବଢାଇବାରେ ତାହା ସଫଳ ହେବା ମଧ୍ୟ ସ୍ୱାଭାବିକ ।

ଦେଶର ଅର୍ଥନୈତିକ ଭିତ୍ତିଭୂମିର ଦୃଢତା ବୈଦେଶିକ ନୀତି ଉପରେ ପ୍ରତ୍ୟକ୍ଷ ଓ ପରୋକ୍ଷ ରୂପେ ନିର୍ଭରଶୀଳ । ବୃହତ ରାଷ୍ଟ୍ର ଆମେରିକାର ଭାରତ ପ୍ରତି ପ୍ରତିକୂଳ ମନୋଭାବ ଓ ଆମଦାନୀ ଶୁଳ୍କ ଉପରେ ପଚାଶ ପ୍ରତିଶତ ଅତିରିକ୍ତ ଟିକସ ଲାଗୁ କରାଯିବାର ପରିଣାମ ଦେଶବାସୀଙ୍କୁ ଭୋଗିବାକୁ ପଡୁଛି । ରାଷ୍ଟ୍ରପତି ଟ୍ରମ୍ପଙ୍କ ଦୃଷ୍ଟିରେ ଭାରତୀୟ ଶୀର୍ଷ ନେତୃତ୍ୱ ଗ୍ରହଣୀୟ ହୋଇପାରୁ ନଥିବାରୁ ଆମେରିକାରେ ଭାରତୀୟ ଅଧିବାସୀ ହୁଅନ୍ତୁ ବା ଯେ କେହି ଆମେରିକୀୟ ଅଧିବାସୀ ଚଢା ଦରରେ ଭାରତୀୟ ସାମଗ୍ରୀ କିଣିବାକୁ ନାପସନ୍ଦ କରିବା ସ୍ୱାଭାବିକ । ଏଣେ ଭାରତୀୟ ସାମଗ୍ରୀର ଚାହିଦା ହ୍ରାସ ଓ ଗୋଟିକ ପରେ ଗୋଟିଏ ଅର୍ଡର ବାତିଲ ହେବା ଯୋଗୁ ଦେଶର ରପ୍ତାନୀ ବାଣିଜ୍ୟ ଆଶାତୀତ ପ୍ରଭାବିତ ହୋଇଛି । ଏପରିକି ସ୍ୱଳ୍ପ ଅବଧିରେ ଭାରତୀୟ ରପ୍ତାନୀ କ୍ଷେତ୍ର ବିକଳ୍ପ ବଜାର ନପାଇ ଉତ୍ପାଦନ ବନ୍ଦ ରଖିବାକୁ ବାଧ୍ୟ ହେଉଛନ୍ତି । ଉତ୍ପାଦନ ହ୍ରାସ ଯୋଗୁ ବିନିମୟ ମୁଦ୍ରା ଆୟ କମିଛି ଓ ଭାରତରେ ବେକାରୀ ସମସ୍ୟା ବହୁଗୁଣିତ ହୋଇଛି । ନିଯୁକ୍ତି ସଂକୋଚନ ହାର ବିଗତ ଦଶନ୍ଧି ତୁଳନାରେ ନୂଆ ରେକର୍ଡ ସ୍ପର୍ଶ କରିଛି । ଦେଶରେ ଦୁଇଲକ୍ଷରୁ ଅଧିକ ଛୋଟ ବଡ଼ ଶିଳ୍ପାନୁଷ୍ଠାନରେ ଉତ୍ପାଦନ ବନ୍ଦ ରହିଛି ଓ କୋଟି କୋଟି ଲୋକ ବେରୋଜଗାର ହୋଇଛନ୍ତି । ପ୍ରଚଳିତ କର୍ମନିଯୁକ୍ତି ଯୋଜନା ଏ କ୍ଷେତ୍ରରେ ହାର ମାନିଛି । ନିକଟରେ ଆଉ ଏକ ରାଷ୍ଟ୍ର ମେକ୍ସିକୋ ଭାରତୀୟ ସାମଗ୍ରୀ ଉପରେ ପଚାଶ ପ୍ରତିଶତ ଶୁଳ୍କ ଲାଗୁ କରିବାକୁ ଆଗେଇ ଆସିବା ଭାରତୀୟ ଅର୍ଥନୀତି ପ୍ରତି ବୋଝ ନୁହେଁ କି ? ଏଣେ ବିଗତ ଦଶବର୍ଷରେ ୧୬ ଲକ୍ଷ ଭାରତୀୟ ନାଗରିକତ୍ୱ ପରିତ୍ୟାଗ କରି ବିଦେଶୀ ନାଗରିକ ସାଜିଛନ୍ତି ।

ଦେଶର ସୀମା ଓ ସାର୍ବଭୌମତ୍ୱର ସୁରକ୍ଷା ସାମରିକ ଶକ୍ତି ଉପରେ ନ୍ୟସ୍ତ । ପରିବର୍ତ୍ତିତ ପରିବେଶରେ ସାମରିକ ଶକ୍ତିର ଦୃଢ଼ତା ଓ ବିକାଶ ପାଇଁ ଅଧିକରୁ ଅଧିକ ପୁଞ୍ଜି ନିବେଶ ଏବଂ ବଜେଟ ବ୍ୟବସ୍ଥାର ଆବଶ୍ୟକତା ରହିଛି । ମାତ୍ର ଏ କ୍ଷେତ୍ରର ଦୁର୍ବଳତା ଓ ପୁଞ୍ଜି ବିନିଯୋଗ କ୍ଷେତ୍ରର ନିମ୍ନମୁଖୀ ଗତି ସମଗ୍ର ବିଶ୍ୱର ପ୍ରଥମ ଦଶଟି ସାମରିକ ଶକ୍ତିଶାଳୀ ରାଷ୍ଟ୍ର ତାଲିକାରୁ ଭାରତ ବାଦ ପଡିଛି । ଏହି ଅନାବଶ୍ୟକ ଦୁର୍ବଳ ସ୍ଥିତିରୁ ପଡ଼ୋଶୀ ରାଷ୍ଟ୍ର ଚୀନ୍ ଫାଇଦା ଉଠାଇବା ମଧ୍ୟ ସ୍ୱାଭାବିକ । ଅରୁଣାଚଳ ପ୍ରଦେଶ ସୀମା ପଟୁ ଚୀନ୍ ନିଜର କ୍ଷମତା ଜାହିର କରିବା ଘଟଣା ନିକଟରେ ଲୋକଲୋଚନକୁ ଆସିଛି । ସେହିପରି ଜାତୀୟ ଶିକ୍ଷା ଏକ ମୌଳିକ କ୍ଷେତ୍ର ହୋଇଥିଲେ ସୁଦ୍ଧା ସେ କ୍ଷେତ୍ରର ବଜେଟ ହ୍ରାସ ସଫଳ ତାଲିକାରେ ଗ୍ରହଣୀୟ ହୋଇପାରୁ ନାହିଁ ।

ସାଂପ୍ରତିକ ପରିବେଶରେ ଦରଦାମ ବୃଦ୍ଧିକୁ ରୋକିବାରେ ସରକାରଙ୍କ ଅସଫଳତା ଦେଶବାସୀଙ୍କ କ୍ରୟକ୍ଷମତାକୁ ପ୍ରଭାବିତ କରୁଛି । ଟିକସ ପରବର୍ତ୍ତୀ ସୀମିତ ଆୟ ମାଧ୍ୟମରେ ଗ୍ରାହକର ଦୈନନ୍ଦିନ ଚାହିଦା କମୁଛି ଓ ଏକ ସୀମିତ ସ୍ତରରେ ଅଟକି ଯାଉଛି । ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ମାଗଣା ରାଶି ବଣ୍ଟନ ଦେଶବାସୀଙ୍କ ଉତ୍ପାଦନ କ୍ଷମତା ହ୍ରାସ କ୍ଷେତ୍ରରେ ସଫଳ ହେଉଛି । କେତେକ କ୍ଷେତ୍ରରେ ବିନା ପରିଶ୍ରମରେ ଜୀବନ ବିତାଇବାକୁ ସେମାନେ ପସନ୍ଦ କରୁଛନ୍ତି । ହେଲେ ମାଗଣା ରାଶି ବନ ରାଜନୈତିକ ଫାଇଦା ହାସଲ ଦିଗରେ ସଫଳ ହେଉଛି ସିନା, ମାନବୀୟ ଉତ୍ପାଦନ ବୃଦ୍ଧି ଘଟାଇବାରେ ଅସଫଳ ହେଉଛି । ଫଳତଃ ରାଷ୍ଟ୍ରାୟ ବ୍ୟାଙ୍କ ସଂଖ୍ୟା କ୍ରମଶଃ ହ୍ରାସ ପାଇବା ଉପରେ ପହଞ୍ଚିଥିବା ବେଳେ ସରକାର ତାହାକୁ ପାଞ୍ଚରେ ସୀମିତ ରଖିବାର ପ୍ରୟାସ ଆରମ୍ଭ କରିଛନ୍ତି । ଦେଶବାସୀଙ୍କୁ ଭଲ ଦିନ ଓ ଭଲ ଶାସନ ଦେବାକୁ ବାରମ୍ବାର କଥା ଦେଇଥିବା କେନ୍ଦ୍ର ସରକାର ବିଫଳତାର ରେକର୍ଡ ସୃଷ୍ଟି କରୁଥିବା ବାରି ହୋଇପଡୁଛି । ଏହି ପରିସ୍ଥିତି ଆଗକୁ ବଢିଲେ ଅର୍ଥନୈତିକ ମାନ୍ଦାବସ୍ଥା ସୃଷ୍ଟିକୁ ରୋକିବା 'କାଠିକର ପାଠ' ହେବା କିଛି ଅସମ୍ଭବ ନୁହେଁ ।

**ବରିଷ୍ଠ ସାମ୍ବାଦିକ, କଟକ**
*ମୋ– ୯୪୩୭୧୩୪୪୦୦*

# ପହିଲି ଭୋଗ

**■ ପୁଷ୍ପମିତ୍ର ମହାପାତ୍ର ■**

ଶୀତଦିନେ ଶ୍ରୀ ମନ୍ଦିରରେ ହୁଏ ପହିଲି ଭୋଗ ନୀତି । ପ୍ରତିଦିନର ନୀତି ରାତି ଦୁଇଟାରୁ ଆରମ୍ଭ ହୋଇ ମଧ୍ୟ ରାତି ସୁଦ୍ଧା ପହଡ଼ ନୀତି ସମ୍ପନ୍ନ ହୁଏ। ପୌଷ ମାସରେ ଶ୍ରୀମନ୍ଦିରରେ ପହିଲି ଭୋଗ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ ମୁତାବକ କରାଯାଏ । ପ୍ରତିଦିନ ରାତି ଦୁଇଟାରୁ ଶ୍ରୀମନ୍ଦିର ଦ୍ୱାର ଫିଟା ନୀତି ହୁଏ । ସନ୍ଧ୍ୟାରୁ ଶ୍ରୀମନ୍ଦିରର ରାତି ନୀତି ପୁନଃ ଆରମ୍ଭ ହୁଏ । ମଇଲମ ଓ ବେଶ ନୀତି ସମ୍ପନ୍ନ ହୁଏ । ଏହାପରେ ସନ୍ଧ୍ୟା ଆଳତି ନୀତି, ରାତି ବଢ଼ିବା ପରେ ସନ୍ଧ୍ୟାଧୂପ ନୀତି ଶେଷ ହୁଏ। ତା'ପରେ ମଇଲମ ସରି ପ୍ରଭୁଙ୍କ ଚନ୍ଦନ ଲାଗି, ବଡ଼ସିଂହାର ବେଶ, ବଡ଼ ସିଂହାର ଭୋଗ ଶେଷ ହୁଏ । ଏହାପରେ ପ୍ରଭୁଙ୍କ ଟୋପର ଲାଗି ନୀତି ସରି ରାତି ବାରଟା ସୁଦ୍ଧା ମହାପ୍ରଭୁଙ୍କ ପହଡ଼ ନୀତି ଶେଷ ହୁଏ । ବିଭିନ୍ନ ବେଶ ବଢ଼ିବା ପରେ ପହିଲି ଭୋଗ ଭୋର ସୁଦ୍ଧା ସମ୍ପନ୍ନ ହୁଏ ।

ଧନୁ ସଂକ୍ରାନ୍ତିରୁ ମକର ସଂକ୍ରାନ୍ତି ପୂର୍ବଦିନ (ନବାଙ୍କ) ଯାଏ ପୌଷ ମାସର ପ୍ରଚଳନ ରହିଛି । ଓଡ଼ିଆ ପରମ୍ପରା ଅନୁସାରେ ପୌଷ ମାସରେ କୌଣସି ଶୁଭ କାମ ହୁଏ ନାହିଁ ଓ ଏହି ସମୟରେ ଘରର ବୋହୁ ବାପଘରକୁ ଯିବାର ପ୍ରଥା ମଧ୍ୟ ରହିଛି । ଓଡ଼ିଆ ପରମ୍ପରା ଅନୁସାରେ ଏହି ସମୟରେ ମହାଲକ୍ଷ୍ମୀ ପିତ୍ରାଳୟ ଗମନ କରନ୍ତି। ବିଶ୍ୱାସ ଅନୁସାରେ ଏହି ସମୟରେ ବଡ଼ଖିଆ ବଡ଼ ଠାକୁରଙ୍କୁ ରୋଷେଇ କରି ଖାଇବା ଦେବାର ଦାୟିତ୍ୱ ନିଅନ୍ତି ମା' ଯଶୋଦା । କୁହାଯାଏ କାଉ, କା' ନକରିବା ଆଗରୁ ମା' ଯଶୋଦା ରୋଷ ଘରେ ରୋଷେଇ ପ୍ରସ୍ତୁତ କରି ସାରିଥାନ୍ତି । ତାହା ପୁଣି ଯାହା ତାହି ସାଧାରଣ ଖାଦ୍ୟ ନୁହେଁ । ୩୨ ପ୍ରକାର ପିଠା ସହିତ, ଖିରି, ମୁଆଁ ପ୍ରସ୍ତୁତ କରିଥାନ୍ତି ଯଶୋଦା । ମହାପ୍ରଭୁଙ୍କ ପାଖରେ ଲାଗି ହେଉଥିବା ଏ ସମସ୍ତ ଭୋଗକୁ ପହିଲି ଭୋଗ କୁହାଯାଏ । ଯାହା ଧନୁ ସଂକ୍ରାନ୍ତିରୁ ନବାଙ୍କ ଯାଏ ଲାଗି ହୋଇଥାଏ । କେବଳ ଶ୍ରୀମନ୍ଦିର ନୁହେଁ, ଉତ୍କଳୀୟ ସବୁ ମନ୍ଦିରରେ ପହିଲି ଭୋଗର ନୀତିକାନ୍ତି କରାଯାଏ। ତେବେ ପ୍ରାୟ ଏକମାସ ଧରି ଚାଲେ ଏହି ପହିଲି ଭୋଗ ନୀତି ।

ଶ୍ରୀମନ୍ଦିରରେ ଦୈନନ୍ଦିନ ନୀତି ମଧ୍ୟରେ ପହିଲି ଭୋଗର ସ୍ଥାନ ସ୍ୱତନ୍ତ୍ର । ଏହା କେବଳ ଏକ ଭୋଗ ନୁହେଁ ବରଂ ଜଗତରନାଥ ଶ୍ରୀଜଗନ୍ନାଥଙ୍କ ପ୍ରତି ମାତୃତ୍ୱର ଏକ ଅପୂର୍ବ ଅଭିବ୍ୟକ୍ତି । ପ୍ରତିବର୍ଷ ପବିତ୍ର ଧନୁ ସଂକ୍ରାନ୍ତି ତିଥିରୁ ଶ୍ରୀମନ୍ଦିରରେ ପହିଲି ଭୋଗ ଆରମ୍ଭ ହୋଇଥାଏ । ପରମ୍ପରା ଉତ୍ତରାୟଣ ସଂକ୍ରାନ୍ତି ବା ମକର ସଂକ୍ରାନ୍ତି ପର୍ଯ୍ୟନ୍ତ ପ୍ରାୟ ଏକ ମାସ ବ୍ୟାପୀ ଚାଲିଥାଏ । ଧନୁ ସଂକ୍ରାନ୍ତି ଆରମ୍ଭ ହେବା ମାତ୍ରେ ଶ୍ରୀମନ୍ଦିରରେ ଅତି ଆନନ୍ଦ ଓ ଉଲ୍ଲାସରେ କାଳିଆ ଠାକୁରଙ୍କ ନିକଟରେ ଏହି ପହିଲି ଭୋଗ ନୀତି ପାଳିତ ହୁଏ । ପହିଲି ଭୋଗ ନୀତି ପଛରେ ରହିଛି ଏକ ମାର୍ମିକ ଲୋକକଥା, ଯାହା ମା' ଏବଂ ପୁଅର ବାତ୍ସଲ୍ୟ ମମତାର ନିଦର୍ଶନ। ଲୋକକଥା ଅନୁଯାୟୀ ଏହି ଧନୁ ମାସରେ ମା' ମହାଲକ୍ଷ୍ମୀ ଶାଶୁଘରୁ (ଶ୍ରୀମନ୍ଦିରରୁ) ବାପଘରକୁ ଯାଇଥାନ୍ତି। ମା' ମହାଲକ୍ଷ୍ମୀଙ୍କ ଅନୁପସ୍ଥିତିରେ ମା' ଯଶୋଦା ନିଜେ ହାତରେ ଏହି ଭୋଗ ପ୍ରସ୍ତୁତ କରି ପ୍ରତ୍ୟୁଷରୁ (ସଅଳ ନୈବେଦ୍ୟ) ମହାପ୍ରଭୁଙ୍କୁ ସେବନ କରାଇଥାନ୍ତି । ମା'ର ସଅଳ ନୈବେଦ୍ୟ ମଣୋହି କରାଇବାର ବିଶ୍ୱାସ ଭକ୍ତମାନଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରେ ।

ପହିଲି ଭୋଗରେ ବିଭିନ୍ନ ପ୍ରକାର ପାରମ୍ପରିକ ଓଡ଼ିଆ ପିଠା ଓ ମିଠା ବ୍ୟଞ୍ଜନ ପ୍ରସ୍ତୁତ ହୋଇଥାଏ। ପହିଲି ଭୋଗରେ ମହାପ୍ରଭୁଙ୍କ ପାଇଁ ସାଧାରଣତଃ ୨୩ ପ୍ରକାରର ବ୍ୟଞ୍ଜନ ବଡ଼ ଝିଲି, ବଡ଼ ବଡ଼ା, ଅମାଲୁ, ନଳି, କାକରା, ଆରିଷା, ଗଜା, ଖଇରଚୁଳ, ଗଇଁଣ୍ଠା, ମଣ୍ଡା, ଏଣ୍ଡୁରି, ମୁଗେଇ, ବୂଡ଼ାପୁଆ ଆଦି ବିଭିନ୍ନ ଭୋଗ ପ୍ରସ୍ତୁତ ହୋଇଥାଏ। ଶ୍ରୀମନ୍ଦିରରେ ପହିଲି ଭୋଗ ନୀତି ଅନୁଷ୍ଠିତ ହେଉଥିବାରୁ ଦ୍ୱାରଫିଟା ପରେ ମଙ୍ଗଳ ଆଳତି, ମଇଲମ, ତଡ଼ପ ଲାଗି ନୀତି ହୁଏ। ଏହାପରେ ରୋଷ ହୋମ ନୀତି ଓ ତା'ପର ବଲ୍ଲଭ ନୀତିରେ ପହିଲି ଭୋଗ ନୀତି ଅନୁଷ୍ଠିତ ହୋଇଥାଏ ।

*ସେକ୍ଟର–୬, ସିଡିଏ, କଟକ,*
*ମୋ. ୯୪୩୭୨୨୫୬୮୯*

# ପ୍ରଚାର ବିଳାସୀ ସରକାର

**■ ରାମନାରାୟଣ ମିଶ୍ର ■**

ଆମ ରାଜ୍ୟର ଶାସନମଙ୍ଗ ଧରିବା ଦିନରୁ ନୂଆ ସରକାର କିଛି ଜନ ହିତକାର କାମ କରିବାର ପ୍ରାଥମିକତାକୁ ଭୁଲି ନିଜର ପ୍ରଚାର ପାଇଁ ବିଭିନ୍ନ ବିଜ୍ଞାପନ ମାଧ୍ୟମରେ ଅନାୟସରେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଚାଲିଛନ୍ତି ଯହିଁରେ ଅଙ୍କୁଶ ଦେବାକୁ କେହି ନାହିଁ । ପ୍ରାୟଦିନ ରାଜ୍ୟର ପ୍ରମୁଖ ଖବରକାଗଜ ମାନଙ୍କରେ ସରକାରୀ ରଙ୍ଗୀନ ବିଜ୍ଞାପନ ପ୍ରକାଶ ପାଇଚାଲିଛି । ଏହା କେତେଦୂର ଜନମାନସକୁ ପ୍ରଭାବିତ କରୁଚି, ତାହା ବିଚାର ସାପେକ୍ଷ । ହେଲେ ଶାସନ ମୁଖିଆ କେବେ ସୁସ୍ଥ ମନରେ ଚିନ୍ତା କରୁଛନ୍ତି କି, ଏ ବିଜ୍ଞାପନ ପାଇଁ ଖର୍ଚ୍ଚ ହେଉଥିବା ଟଙ୍କା ଆସୁଛି କେଉଁଠୁ? ରାଜ୍ୟରେ ମୁଣ୍ଡପିଛା ଋଣଭାର କ୍ରମାଗତ ଭାବେ ବଢି ଲକ୍ଷାଧିକ ଟଙ୍କାରୁ ଅଧିକ ହେଲେଣି । ଏ ଋଣଭାର କେବେ ହ୍ରାସ ପାଇବ, ତାର ଉତ୍ତର ସରକାରଙ୍କ ପାଖରେ ନଥିବ । କାରଣ ଲଥାଟିଏ ଅଛି, 'ଯାବତ୍ ଯିବେତ୍ ସୁଖଂ ଯିବେତ୍, ଋଣଂକୃତ୍ୱା ଘୃତଂ ପିବେତ୍ ।' ଯାହା ଆମ ସରକାର ଅକ୍ଷରେ ଅକ୍ଷରେ ପାଳନ କରୁଛନ୍ତି ।

ଆଗରୁ ଏପରି ହେଉ ନଥିଲା । ଅବଶ୍ୟ ଗତ ସରକାରରେ ଏହି ବିଜ୍ଞାପନ ବ୍ୟବସ୍ଥା ବଢି ଯାଇଥିଲା । କିନ୍ତୁ ଏବେ ଏହାର ସୀମା ସରହଦ କିଛି ନାହିଁ । ମାଛ ତେଲରେ ମାଛ ଭାଜିବା ପରି ନିଜ ସରକାରର ପାରିଲାପଣକୁ ଲୋକଙ୍କୁ ଜଣାଇବାର ଏ ପ୍ରୟାସ କେବେ ସଫଳ ହେବନି, ଏହା ଧ୍ରୁବ ସତ୍ୟ । ଏକମାତ୍ର ସତ୍ୟ, ଲୋକଙ୍କ ପାଇଁ କିଛି ଆଖିଦୃଶିଆ କାମ କଲେ ସେମାନେ ସହକାରୀ କାର୍ଯ୍ୟକଳାପ ବଳେ ଜାଣିବେ, ଅନୁଭବକୁ ନେବେ ।

ରାଜ୍ୟର ବିକାଶର ଧାରାକୁ ସାଧାରଣଙ୍କ ନିକଟରେ ପହଞ୍ଚାଇବା ପାଇଁ କିଛିଦିନ ତଳେ ଗୋଟିଏ ଖବର କାଗଜରେ ବିଜ୍ଞାପନ ମାଧ୍ୟମରେ ପ୍ରକାଶ ପାଇଥିଲା ଯାହାକୁ ପଢିଲାପରେ ନିଜର ଭାବନାକୁ ଉପରୋକ୍ତ ଶିରୋନାମାରେ ପ୍ରକାଶ କରିବାକୁ ମନହେଲା ।

ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ପ୍ରଦତ୍ତ ଏହି ବିଜ୍ଞାପନରେ ନାରୀ ସଶକ୍ତିକରଣ, ଶିକ୍ଷା, ସ୍ୱାସ୍ଥ୍ୟ, ନିଯୁକ୍ତି, କୃଷି, ସହର ଓ ଗ୍ରାମ ଉନ୍ନୟନ, ଜନଜାତିର ଉନ୍ନତି, ସାମାଜିକ ନିରାପତ୍ତା, ଶିଳ୍ପ ଓ ୨୫–୨୬ ବର୍ଷ ବଜେଟ୍ ସମ୍ପର୍କରେ ଅନେକ ଘୋଷଣାନାମା ପ୍ରକାଶ ପାଇଛି । ହେଲେ ରାଜଧାନୀରେ ପ୍ରସ୍ତୁତ ଏଇ ବିଜ୍ଞାପନରେ ରାଜ୍ୟର ତୃଣମୂଳ ସ୍ତରର ବାସ୍ତବ ଚିତ୍ର ପ୍ରତିଫଳିତ ହୋଇନାହିଁ ବୋଲି ମୋର ମନେହୁଏ । କାରଣ ଆମ ରାଜ୍ୟର ଅଧିକାଂଶ ଅଞ୍ଚଳ ବୁଲି ସେଠାର ଜନଜୀବନ ସମ୍ପର୍କରେ ଆସିବାର ସୌଭାଗ୍ୟ ଏ ଅଧମର ଭାଗ୍ୟରେ ଏକାଧିକ ବାର ଆସିଛି । ଏବେ ବି ସେଥିମଧ୍ୟରୁ ଅନେକ ଅଞ୍ଚଳରେ ଶିକ୍ଷା, ଚିକିତ୍ସା, ବିଜୁଳି ଆଲୁଅ, ନଳକୂଅପାଣି ମିଳିବା ତ ଦୂରର କଥା, ସବୁଦିନିଆ ରାସ୍ତାଟିଏ ନିର୍ମିତ ହୋଇପାରି ନାହିଁ । ତେଣୁ ବିଜ୍ଞାପନରେ ପ୍ରକାଶିତ ବିକାଶର ରଥ ସେଠାକୁ ଗଡିବ କିପରି? ଏଥିପାଇଁ ଏକମାତ୍ର କାରଣ ସରକାର ଓ ପ୍ରଶାସନ ମଧ୍ୟରେ ସମନ୍ୱୟର ଘୋର ଅଭାବ ।

ଖବର କାଗଜ ହେଉ ବା ଦୂରଦର୍ଶନ, ତହିଁରେ ରାଜ୍ୟର ବିଭିନ୍ନ ଅଞ୍ଚଳର ମୌଳିକ ସମସ୍ୟା, ସାଧାରଣ ଲୋକଙ୍କର ଅନେକ ଅଭାବ ଅସୁବିଧାର ଖବରମାନ ଲୋକ ଲୋଚନକୁ ଆସେ, ହେଲେ ସେଗୁଡିକ ସରକାରଙ୍କ ଦୃଷ୍ଟିକୁ ଆସେ କି ନା, ତାହା ଜାଣିବା କଷ୍ଟକର । ଏବେ ବି ଅନେକ ପ୍ରକୃତ ହିତାଧିକାରୀ ରାସନକାର୍ଡ, ଆଧାର କାର୍ଡ ପାଇବାରୁ ବଞ୍ଚିତ ରହିଛନ୍ତି । ପ୍ରକୃତ ହିତାଧିକାରୀ ପାଖରେ ନା ପହଞ୍ଚୁଚି ବାର୍ଦ୍ଧକ୍ୟ ଭତ୍ତା, ନା ମିଳୁଚି ମୁଣ୍ଡ ଗୁଞ୍ଜିବାକୁ ସୁଲଭ ମୂଲ୍ୟର ବଖରେ ଘର । ବିପଦସଙ୍କୁଳ ରାସ୍ତାରେ ଖଟିଆରେ ରୋଗୀ ଡାକ୍ତରଖାନାରେ ପହଞ୍ଚୁଚି ନହେଲେ ବାଟରେ ମୃତ୍ୟୁବରଣ କରୁଚି । ନିଜ ଜୀବନକୁ ବିପନ୍ନକରି ଭରାନଦୀ ପାରହୋଇ ପିଲାମାନେ ପାଠ ପଢିବାକୁ ସ୍କୁଲକୁ ଯାତାୟାତ କରୁଥିବାର ଦୃଶ୍ୟ ଖବର କାଗଜରୁ ସମସ୍ତେ ଦେଖୁଥିବେ । ହେଲେ ତାର ପ୍ରତିକାର କାହିଁ? ଆମର ପ୍ରିୟ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କର ଅଭୂତପୂର୍ବ ଆବିଷ୍କାର 'ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା' ଦ୍ୱାରା ରାଜ୍ୟର ଅନେକ ଗ୍ରାମାଞ୍ଚଳର ଗମନାଗମନକୁ ସହଜ କରି ସେଠାରେ ବିନା ସରକାରୀ ସହାୟତାରେ ବହୁବିଧ ବିକାଶ ହୋଇପାରିଛି । ହେଲେ ସେଇ ଯୋଜନା ଏ ଯାଏ ରାଜ୍ୟର ଅନେକ ଅପହଞ୍ଚ ଇଲାକାରେ ପହଞ୍ଚି ନଥିବା ସରକାରୀ ଅବହେଳା ଓ ଅପାରଗତା ଛଡା ଆଉ କ'ଣ ହୋଇପାରେ?

ରାଜ୍ୟର ସରକାରୀ ଦପ୍ତର, ଶିକ୍ଷାନୁଷ୍ଠାନ, ଚିକିତ୍ସାଳୟ ତଥା ଉଦ୍ୟୋଗ ମାନଙ୍କରେ ଯଥେଷ୍ଟ ସଂଖ୍ୟାରେ କର୍ମଚାରୀ ପଦବୀ ଖାଲି ଥିବା ଏବଂ ରାଜ୍ୟରେ ଲକ୍ଷଲକ୍ଷ ଶିକ୍ଷିତ ବେକାର ଯୁବକ ଯୁବତୀ କର୍ମ ସଂସ୍ଥାନ ନପାଇ ଉହଳବିକଳ ହେଉଥିବା ସହ ମାନସିକ ଚାପର ବଶବର୍ତ୍ତି ହୋଇ ଆତ୍ମହତ୍ୟା କରୁଥିଲାବେଳେ ସରକାର ସେମାନଙ୍କୁ ଉପଯୁକ୍ତ ପଦ ପଦବୀରେ ନିଯୁକ୍ତି ନଦେଇ କାଳ କ୍ଷେପଣ ନୀତି ଅବଲମ୍ବନ କରିବା କେତେଦୂର ଯଥାର୍ଥ?

ରାଜ୍ୟର ଶିକ୍ଷାନୁଷ୍ଠାନମାନଙ୍କରେ ଶିକ୍ଷକ ମରୁଡି ଯୋଗୁ ପାଠପଢାରେ ଅକଥନୀୟ ଅସୁବିଧା, ଚିକିତ୍ସାଳୟ ମାନଙ୍କରେ ଡାକ୍ତର ଓ ଅନ୍ୟ କର୍ମଚାରୀଙ୍କର ଘୋର ଅଭାବ ଯୋଗୁ ରୋଗୀ ହନ୍ତସନ୍ତ, ଚାଷୀ ହାତରେ କିଛି ଟଙ୍କା ସହାୟତା ଦେଇ ସରକାର ନିଶ୍ଚିନ୍ତ ହେଲେ ଚାଷୀ ସବୁବେଳେ ସାର, ବିହନ, ପାଣି ଏବଂ ଅମଳ ଫସଲ ବିକ୍ରୀ କରିବା ପାଇଁ ଘୋର ଅସୁବିଧାର ସମ୍ମୁଖୀନ, ଫସଲ ସାଇତି ରଖିବା ପାଇଁ ସରକାରଙ୍କ ଘୋଷିତ ଶୀତଳ ଭଣ୍ଡାର ଏବେ ନାଲି ଫିତା ତଳେ ବିଶ୍ରାମରତ, ଫସଲ କ୍ଷତିରୁ ଋଣ ଶୁଝିନପାରି ଚାଷୀ ଆତ୍ମହତ୍ୟା ଖବର ଦେଖିଲେ ଛାତି ଥରି ଉଠୁଚି । ଏବେ ବି ରାଜ୍ୟର ତିରିଶଭାଗରୁ ଅଧିକ ଅଞ୍ଚଳରେ ଗମନାଗମନର ଅକଥନୀୟ ଅସୁବିଧା ଥିଲାବେଳେ ସହରମାନଙ୍କର ପ୍ରମୁଖ ଅଞ୍ଚଳ ମାନଙ୍କରେ ଚକାଚକ୍ ରାସ୍ତା ପାଇଁ ସରକାର ହାତଖୋଲା ଖର୍ଚ୍ଚ କରି ଚାଲିଛନ୍ତି । ଦାଦନ ଖଟି ଯିବାରେ ଓ ମୃତାହତ ହୋଇ ଫେରିବାରେ ଆମ ରାଜ୍ୟ ଏବେ ଏକ ନମ୍ବର । ନାରୀ ନିର୍ଯାତନା, ଶୋଷଣ, ଲୁଣ୍ଠନ, ଚୋରି ଡକାୟତି, ଦୁର୍ନୀତି ଆଦିରେ ଆମ ରାଜ୍ୟ ଢେର ଆଗରେ । ଏ ସବୁ ସମ୍ବାଦ ଦେଖି ଦେଖି ମନରେ ଘୋର ଉଦ୍‌ବେଗ । କୋଟି କୋଟି ଟଙ୍କା ଆତ୍ମସାତ୍ କରିଥିବା ବାବୁଭାୟାମାନେ ରାଜନେତା ଅଥବା ଆଇନର ଛତ୍ରଛାୟା ତଳେ ବେଶ୍ ସୁରକ୍ଷିତ । ସେମାନଙ୍କ ନିକଟରୁ ଜବତ ହୋଇଥିବା ପ୍ରଚୁର ସମ୍ପତ୍ତି ଏବେ କାହା ପାଖରେ, ସେକଥା କିଏ ଜାଣେ?

ଆଉ ଗୋଟିଏ କଥା, ଜୀବନର ଅର୍ଦ୍ଧାଧିକ ସମୟ ସରକାରଙ୍କ ସେବାରେ ନିୟୋଜିତ ଜଣେ କର୍ମଚାରୀ ତା'ଚାକିରିର ଅବସର କାଳିନ ପ୍ରାପ୍ୟ ଓ ପେନସନ୍ ଠିକ୍ ସମୟରେ ପାଇ ପାରୁନଥିବା ବେଳେ ଆଜି ମନ୍ତ୍ରୀ, ବିଧାୟକ ତଥା ସାଂସଦମାନେ ମାତ୍ର ପାଞ୍ଚବର୍ଷପାଇଁ ଲୋକମାନଙ୍କ ଦ୍ୱାରା ନିର୍ବାଚିତ ହୋଇ ମାସିକ ଦରମା ସହ ଅନେକ ଆନୁସଙ୍ଗିକ ସୁବିଧା ହାସଲ କରିବା ସତ୍ତ୍ୱେ ପାଞ୍ଚବର୍ଷ ପରେ ପେନସନ୍ ପାଇବା କେତେ ଯୁକ୍ତିଯୁକ୍ତ? ସେମାନେ ପରା କୁଆଡେ ଲୋକ ପ୍ରତିନିଧି, ଲୋକଙ୍କ ସେବାରେ ସମର୍ପିତ? ସେ କଥାକୁ ଭୁଲି ରାଜ୍ୟର ରାଜନେତାମାନେ ସରକାରୀ ଚାକିରିଆଙ୍କ ଢଙ୍ଗରେ ମୋଟା ଅଙ୍କର ଦରମା, ଭତ୍ତା ଓ ପେନସନ୍ ଲାଭ କରି ନିଜର ଆଗାମୀ ପିଢିଙ୍କ ଭବିଷ୍ୟତକୁ ସୁରକ୍ଷିତ କରିବାରେ ଲାଗି ପଡିଛନ୍ତି । ଏହା ରାଜ୍ୟର ବିକାଶ ନା ନିଜର ବିକାଶ, ସେମାନେ ଆତ୍ମ ସମୀକ୍ଷା କରିବେ କି?

ଆଜିର ମହଙ୍ଗା ସମୟରେ ନିଜର ପେଟ ପାଟଣା ଓ ଅସୁବିଧାର ସୁଧାର ପାଇଁ ବିଭିନ୍ନ କର୍ମଚାରୀ ସଙ୍ଘମାନ ସେମାନଙ୍କର ଦାବି ସରକାରଙ୍କ ନିକଟରେ ଉପସ୍ଥାପିତ କରୁଥିଲା ବେଳେ ସରକାର ସେଥିପ୍ରତି କର୍ଣ୍ଣପାତ ନକରି ନିକଟରେ ଅହେତୁକ ଓ ବିନା କାରଣରେ ନିଜର ବେତନ, ଭତ୍ତା ଓ ପେନସନ୍ ବୃଦ୍ଧି କରି ସାରା ଦେଶରେ ଏକ ନମ୍ବର ସ୍ଥାନରେ ରହିଲେ । ହେଲେ ସରକାର ବିବେକହୀନ ହୋଇ ରାଜ୍ୟରେ ଦାରିଦ୍ର୍ୟରେଖା ତଳେ ରହିଥିବା ଖଟିଖିଆ, ଦିନ ମଜୁରିଆ, ରାସ୍ତାକଡରେ ଜୀବନ ବିତାଉଥିବା ଅସହାୟମାନଙ୍କ ପ୍ରତି ସାମାନ୍ୟ ଦରଦ, ସହାନୁଭୂତି ଦେଖାଇବାକୁ ଭୁଲିଯିବା ଆମ ଦେଶର ସମ୍ବିଧାନ ପ୍ରତି ଘୋର ଅବମାନନା ନୁହେଁ କି?

ଆମ ରାଜ୍ୟର ଅନେକ ବରପୁତ୍ର, ଯେଉଁମାନେ ସକ୍ରୀୟ ରାଜନୀତିରେ ଥାଇ ରାଜ୍ୟର ପ୍ରଭୂତ ଉନ୍ନତି କରି ଯାଇଛନ୍ତି, ସେମାନେ କୌଣସି ସରକାରୀ ସୁବିଧା ସୁଯୋଗ ଓ ପେନସନ୍ ପାଇଥିବା ଆମକୁ ଜଣାନାହିଁ । ସେମାନଙ୍କ ଜୟନ୍ତୀ, ପୁଣ୍ୟତିଥିରେ ଆମ ରାଜନେତାମାନେ ଅନେକ ଭାଷଣବାଜି କରୁଛନ୍ତି କିନ୍ତୁ ସେଇ ମହାନ୍ ମହାପୁରୁଷ ମାନଙ୍କର ନିସ୍ୱାର୍ଥପରତା, ତ୍ୟାଗ, ଜୀବନାଦର୍ଶ ଓ ନୈତିକତାକୁ ଆପଣେଇବା ପରିବର୍ତ୍ତେ ସେମାନଙ୍କୁ ଅଣଦେଖା କରି ଚାଲିଛନ୍ତି । ଆମ ରାଜ୍ୟର ଭବିଷ୍ୟତ ଛାତ୍ରଛାତ୍ରୀ, ଯୁବପିଢିଙ୍କୁ ସେହି ମହାମନୀଷୀଙ୍କ ଜୀବନୀକୁ ଜାଣିବା ପାଇଁ କୌଣସି ବ୍ୟବସ୍ଥା କରାଯାଉନାହିଁ ।

ଓଡ଼ିଶା ପ୍ରଦେଶ ଗଠନ ବେଳେ ଆଜିର ଯେଉଁ ବିଚ୍ଛିନ୍ନାଞ୍ଚଳ ଓଡିଶାରେ ଥିଲା, ରାଜନୈତିକ ସ୍ୱାର୍ଥ ପାଇଁ ତାକୁ ହାତଛଡା କରିଦିଆଗଲା । ସେମାନଙ୍କର ଆମ ମାତୃଭାଷା, ସଂସ୍କୃତି ପରମ୍ପରା ପ୍ରତି ଯଥେଷ୍ଟ ଆଗ୍ରହ ଥିଲେ ବି ସେଠାରେ ସେ ସବୁର ପ୍ରଚାର ପ୍ରସାର ଦିଗରେ ସରକାରଙ୍କର କୌଣସି ନୀତିଗତ ଯୋଜନା ନାହିଁ । ସେଇ ବିଚ୍ଛିନ୍ନାଞ୍ଚଳମାନଙ୍କ ପରି ଘଟଣା ଏବେ କୋରାପୁଟ, ରାୟଗଡା ଓ ଗଜପତି ଜିଲ୍ଲାରେ ପୁନରାବୃତ୍ତିର ସମ୍ଭାବନା ସୃଷ୍ଟି କଲାଣି । ଏଥିପାଇଁ ସରକାର ସେତେଟା ତତ୍ପର ଥିବା ମନେ ହେଉନାହିଁ । ଓଡିଶାର ଜୀବନଧାରା ମହାନଦୀର ସମସ୍ୟା ସମାଧାନ ନ ହେଉଥିବାରୁ ଓଡିଶାର ଅଧିକାଂଶ ନଦୀ ଏବେ ଶୂନ୍ୟଗର୍ଭା ଓ ମୃତପ୍ରାୟ । ଏହିପରି ଅନେକ କଥା ଓ ବ୍ୟଥା ମନରେ ଆନ୍ଦୋଳିତ ।

ଅଠସ୍ତରୀ ବର୍ଷର ସ୍ୱାଧୀନତା ପରେ ସାଧାରଣ ଲୋକେ ଏହାର ସ୍ୱାଦ ପାଇବାରେ ଏବେ ବି ଅସମର୍ଥ । ନୂତନ ଭୁବନେଶ୍ୱର ନିର୍ମାଣ, ମେଟ୍ରୋ ଟ୍ରେନ୍ ପ୍ରଚଳନ, ଆଇଟି ସେକ୍ଟରର ଉନ୍ନତି କରଣ, ନୂତନ ଶିଳ୍ପ ପ୍ରତିଷ୍ଠା ଆଦି ଦିଗରେ ସରକାର କାମ କରିବାରେ ମନା ନାହିଁ । ହେଲେ ଗ୍ରାମ ବହୁଳ ଆମ ରାଜ୍ୟର କୃଷିଜୀବୀ, ସରଳ ଜୀବନଯାପନ କରୁଥିବା ଜନସାଧାରଣଙ୍କ ପ୍ରାଥମିକ ଆବଶ୍ୟକତାକୁ ସର୍ବାଗ୍ରେ ପୂରଣ କରିବା ସରକାରଙ୍କର ପରମ କର୍ତ୍ତବ୍ୟ । ସେଥିପାଇଁ ଭାବେ, ରାଜଧାନୀରେ ବିଳାସ ବ୍ୟସନ ଭିତରେ ରହି ରାଜ୍ୟର ବିକାଶର ଚିତ୍ର ଆଙ୍କିବା ଯେତିକି ସହଜ, ଅନୁନ୍ନତ, ଦୁର୍ଗମ ଅଞ୍ଚଳରେ ଅବହେଳିତ ଅବସ୍ଥାରେ ବାସ କରୁଥିବା ଲୋକଙ୍କ ନିକଟରେ ପହଞ୍ଚି ପ୍ରକୃତ ବିକାଶକୁ ଅବଲୋକନ କରିବାରେ ସରକାରଙ୍କ ଆନ୍ତରିକତାର ଘୋର ଅଭାବ । ବନ୍ଦେ ଉତ୍କଳ ଜନନୀ ।

*ଭୁବନେଶ୍ୱର–୨*
*ମୋ–୭୯୭୮୪୬୬୪୧୫*

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୨୧ ଡିସେମ୍ବର ୨୦୨୫ ରବିବାର ପୃଷ୍ଠା ୫





ଭିଟାମିନ୍ ଡି' ଶରୀର ପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ । ଖରା ସହ ମାଗଣାରେ ମିଳୁଥିବା ସତ୍ତ୍ୱେ ଆଜିକାଲି ବହୁ ସଂଖ୍ୟକ ଲୋକ ଏହାର ଅଭାବରେ ନାନାପ୍ରକାର ରୋଗର ଶିକାର ହେଉଛନ୍ତି । ଏହି ଅବସରରେ ଜାଣନ୍ତୁ ଭିଟାମିନ୍ ଡି' ସହ ଜଡ଼ିତ ସମସ୍ୟା, ଶୀତଦିନେ ସମସ୍ତଙ୍କର ପ୍ରିୟ ହୋଇଥିବା ସୂର୍ଯ୍ୟକିରଣର ଲାଭ ଏବଂ କ୍ୟାଲସିୟମ୍ ସହ ଏହାର ସମ୍ପର୍କ ବିଷୟରେ ।

# ଶରୀର ପାଇଁ ଜରୁରୀ ଭିଟାମିନ୍ ଡି'

ଆଜିକାଲି ଆଣ୍ଠୁଗଣ୍ଠିର ଯନ୍ତ୍ରଣା ସାଧାରଣ ସମସ୍ୟା ହୋଇଗଲାଣି । ସବୁ ବୟସର ଲୋକମାନେ ଏହି ଯନ୍ତ୍ରଣାର ଶିକାର ହେଉଛନ୍ତି, ଅଧିକାଂଶ ସମୟରେ ଏହି ଯନ୍ତ୍ରଣାର କାରଣ ଭିଟାମିନ୍-ଡି'ର ଅଭାବ ହିଁ ହୋଇଥାଏ । ତେବେ ଆଶ୍ଚର୍ଯ୍ୟର ବିଷୟ ହେଉଛି- ସହରରେ ରହୁଥିବା ପ୍ରାୟ ୮୦ରୁ ୯୦ ପ୍ରତିଶତ ଲୋକଙ୍କ ପାଖରେ ଭିଟାମିନ୍ ଡି'ର ଅଭାବଜନିତ ସମସ୍ୟା ଦେଖିବାକୁ ମିଳୁଛି । ଏହାର କାରଣ ଏହି ଲୋକମାନେ ଖରାକୁ ବାହାରିବା କମ୍ ଏବଂ ପୁଷ୍ଟିକର ଖାଇବା ମଧ୍ୟ କମ୍ । ତେବେ ସମସ୍ୟା ହେଉଛି ଅଧିକାଂଶ ଲୋକ ଏହା ଜାଣନ୍ତି ନାହିଁ, ଆଉ ଯେଉଁମାନେ ଜାଣନ୍ତି ସେମାନେ ଏହା ସ୍ୱୀକାର କରିବା ପାଇଁ ରାଜି ହୁଅନ୍ତି ନାହିଁ ଯେ, ଖରାକୁ ନ ବାହାରିବା କାରଣରୁ ହିଁ ସେମାନେ ରୋଗରେ ପଡୁଛନ୍ତି । ଶରୀରକୁ ମଜଭୁତ ରଖିବାର ଦାୟିତ୍ୱ ନେଇଥିବା ଆମ ଶରୀରର ହାଡ଼ଗୁଡ଼ିକୁ ମଜଭୁତ ରଖିବାର ଦାୟିତ୍ୱ ଭିଟାମିନ୍-ଡି'ର । ଏହା ଆଉ କେତେକ ରୋଗରୁ ମଧ୍ୟ ରକ୍ଷା କରେ । ଭିଟାମିନ୍ ଡି'ର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଯେ, ଏହା ଶରୀର ପାଇଁ ଜରୁରୀ ପୋଷକ ତତ୍ତ୍ୱ ହେବା ସହ ଜରୁରୀ ହରମୋନ ମଧ୍ୟ । କେବଳ ଏତିକି ନୁହେଁ, ଏହା ସୂର୍ଯ୍ୟଙ୍କଠାରୁ ମିଳୁଥିବା ଏକମାତ୍ର ଭିଟାମିନ୍ । ସୂର୍ଯ୍ୟଙ୍କ ବ୍ୟତୀତ ଏହି ଭିଟାମିନ୍ ବାଦାମ, ଅଣ୍ଡା, ମାଛ ଆଦିରେ ମିଳିଥାଏ । ଶରୀର ପାଇଁ ଆବଶ୍ୟକ ହେଉଥିବା ଭିଟାମିନ୍-ଡି'ର ୮୦ ପ୍ରତିଶତ ଅଂଶ ସୂର୍ଯ୍ୟକିରଣରୁ ମିଳିଥାଏ । ବଳକା ୨୦ ପ୍ରତିଶତ ମିଳିଥାଏ ଖାଦ୍ୟରୁ ।

ଭିଟାମିନ୍-ଡି' ଦୁଇପ୍ରକାରର । ସେଗୁଡ଼ିକ ହେଉଛି ଭିଟାମିନ୍ ଡି'-୨ ଓ ଭିଟାମିନ୍ ଡି'-୩ । ଭିଟାମିନ୍ ଡି'-୨କୁ ଶରୀର ଅବଶୋଷଣ କରିପାରେ ନାହିଁ । ଭିଟାମିନ୍ ଡି-୩ ଆମ ଶରୀରରେ ସେତେବେଳେ ପ୍ରସ୍ତୁତ ହୁଏ ଯେତେବେଳେ ଆମେ ଖରାରେ ଥାଏ । ଏହା ବ୍ୟତୀତ ଆନିମଲ ଫ୍ୟାଟ୍ ଅର୍ଥାତ୍ ଫିସ୍ ଅଏଲ୍, ଲିଭର, ଅଣ୍ଡାର କେଶର, ଦୁଗ୍ଧଜାତୀୟ ଖାଦ୍ୟ ଆଦିରୁ ଏହି ଭିଟାମିନ୍ ମିଳିଥାଏ । ତେବେ ଖରାରୁ ହିଁ ଏହି ଭିଟାମିନ୍ ସବୁଠାରୁ ଅଧିକ ମିଳିଥାଏ ।

ଭିଟାମିନ୍-ଡି' ଶରୀର ରୋଗ ପ୍ରତିରୋଧକ କ୍ଷମତା ବଢ଼ାଏ, ସ୍ନାୟୁ ଏବଂ ମାଂସପେଶୀ ମଧ୍ୟରେ ସମନ୍ୱୟକୁ ନିୟନ୍ତ୍ରଣ କରେ । ଏହା ହାଡ଼, ମାଂସପେଶୀ ଏବଂ ଲିଗାମେଣ୍ଟଗୁଡ଼ିକୁ ମଜଭୁତ କରେ, କ୍ୟାନସର ରୋକିବାରେ ସାହାଯ୍ୟ କରେ । ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଆମ ଶରୀରର ଦୁର୍ବଳ ହୋଇଥିବା ହାଡ଼ ମଜଭୁତ ହେବା ପାଇଁ ପ୍ରାୟ ୧୫୦ ଦିନ ସମୟ ଲାଗେ, କିନ୍ତୁ ଖରାପ ହେବାକୁ ମାତ୍ର ୨୦ ଦିନ ସମୟ ଲାଗେ ।

ଆମ ଶରୀରର ହାଡ଼ ଗୋଟିଏ ନିର୍ଦ୍ଦିଷ୍ଟ ବୟସ ପର୍ଯ୍ୟନ୍ତ ମଜଭୁତ ହେବାରେ ଲାଗେ । ଯେଉଁ ଲୋକମାନେ ପିଲାଦିନରୁ ଆରମ୍ଭ କରି ୩୦ ବର୍ଷ ପର୍ଯ୍ୟନ୍ତ ନିଜ ହାଡ଼ଗୁଡ଼ିକୁ ଉପଯୁକ୍ତ ପୋଷଣ ଦେଇଛନ୍ତି ଏବଂ ଭିଟାମିନ୍-ଡି'କୁ ଠିକ୍ ଭାବରେ ଶରୀରରେ ଶୋଷଣ କରାଇଛନ୍ତି ବୟସ ବଢ଼ିବା ସତ୍ତ୍ୱେ ସେମାନଙ୍କର ହାଡ଼ ଦୁର୍ବଳ ହୁଏ ନାହିଁ । ଏହାକୁ ଆପଣ ଚାକିରି ଓ ପେନ୍‌ସନ ଭାବରେ ତୁଳନା କରିପାରିବେ । ଚାକିରି ସମୟରେ ଦରମା ଅଧିକ ଥିଲେ ଅବସର ପରେ ପେନସନ୍ ମଧ୍ୟ ଭଲ ମିଳେ । ତେଣୁ ପିଲାଦିନରୁ ଆରମ୍ଭ କରି ୩୦-୩୫ ବର୍ଷ ପର୍ଯ୍ୟନ୍ତ ଅଧିକରୁ ଅଧିକ ଭିଟାମିନ୍ ପାଇବାର ଚେଷ୍ଟା କରନ୍ତୁ । ଆଗରୁ କୁହାଯାଇଛି ଗୋଟିଏ ଦୁର୍ବଳ ହାଡ଼ ମଜଭୁତ ହେବାକୁ ୧୫୦ ଦିନ ଲାଗେ, କିନ୍ତୁ ଖରାପ ହେବାକୁ ମାତ୍ର ୨୦ଦିନ । ତେଣୁ ହାଡ଼ ଖରାପ ହେବାର ଆଶଙ୍କା ସବୁବେଳେ ଥାଏ । ତେଣୁ ଶରୀରରେ ଭିଟାମିନ୍-ଡି'ର ଅଭାବ କେବେବି କରାଇ ନଦେବା ଉଚିତ୍ । ପିଲାମାନଙ୍କର ଭଲ ଶାରୀରିକ ଅଭିବୃଦ୍ଧି ପାଇଁ ଭିଟାମିନ୍-ଡି' ଖୁବ୍ ଜରୁରୀ । ପର୍ଯ୍ୟାପ୍ତ ପରିମାଣରେ ଭିଟାମିନ୍-ଡି' ନେବା ଦ୍ୱାରା ସେମାନଙ୍କ ହାଡ଼ ମଜଭୁତ ହୁଏ । ବର୍ତ୍ତମାନର ପିଲାମାନେ ବାହାରେ ଖେଳିବା ବହୁତ କମ୍ ହୋଇଯାଇଛି । ସ୍କୁଲ୍‌ରୁ ଆସିବା ମାତ୍ରେ ମୋବାଇଲ୍ କିମ୍ବା ଟିଭି ସହ ସେମାନେ ଲାଗିଯାଉଛନ୍ତି, ତେଣୁ ପିଲାମାନଙ୍କଠାରେ ଭିଟାମିନ୍-ଡି'ର ଅଭାବ ଜନିତ ସମସ୍ୟା ବହୁତ ବଢ଼ିଯାଇଛି । ଛୋଟ ସହର ଅପେକ୍ଷା ମହାନଗରମାନଙ୍କରେ ପିଲାମାନଙ୍କ ଠାରେ ଏହି ସମସ୍ୟା ଆହୁରି ଅଧିକ । ମହାନଗର ମାନଙ୍କରେ ଘରଗୁଡ଼ିକ ଏତେ ପାଖାପାଖି ଥାଏ ଯେ ଗଳି ଏବଂ ଘର ଭିତରେ ସୂର୍ଯ୍ୟକିରଣ ପହଞ୍ଚିବା ପ୍ରାୟତଃ ଅସମ୍ଭବ ହୋଇଥାଏ । ତେଣୁ ଛୋଟ ସହର ଏବଂ ଗାଁର ପିଲାମାନଙ୍କ ତୁଳନାରେ ମହାନଗରର ପିଲାମାନଙ୍କ ଭିଟାମିନ୍-ଡି' ଅଭାବ ଜନିତ ସମସ୍ୟା ଅଧିକ ଦେଖିବାକୁ ମିଳୁଛି । ଏମିତିରେ ନବଜାତ ଶିଶୁ ହୁଅନ୍ତୁ ବା କିଶୋର, ଶରୀରରେ ଭିଟାମିନ୍-ଡି'ର ସ୍ତର ଠିକ୍ ରଖିବା ପାଇଁ ଦିନକୁ ଅତିକମ୍‌ରେ ୧ ଘଣ୍ଟା ଖରାରେ ରହିବା ଆବଶ୍ୟକ । ଏକଥା ବି ମନେ ରଖିବା ଦରକାର, ଏହି ସମୟରେ ଶରୀରର ଅତିକମ୍‌ରେ ୨୦ଭାଗ ଅଂଶ ଖୋଲାଥିବା ଆବଶ୍ୟକ । ଅଧ୍ୟୟନରୁ ଏକଥା ମଧ୍ୟ ଜଣାପଡ଼ିଛି ପୁରୁଷଙ୍କ ତୁଳନାରେ ମହିଳାମାନଙ୍କର ଭିଟାମିଟ୍ -ଡି' ଅଭାବ ଅଧିକ । ଏହାର ମୁଖ୍ୟ କାରଣ ମାସିକ ଧର୍ମ ଏବଂ ଗର୍ଭଧାରଣ । ଆଉ ଏକ ଅଧ୍ୟୟନରୁ ଜଣାଯାଇଛି ୨୦୫୦ ମସିହା ବେଳକୁ ସାରା ପୃଥିବୀରେ ଯେତିକି ହିପ୍ ଫ୍ୟାକ୍ଟର ହୋଇଥିବ ସେ ମଧ୍ୟରୁ ଅର୍ଦ୍ଧାଧିକ ଏସିଆ ମହାଦେଶରେ ହିଁ ହୋଇଥିବ ।

ଶରୀରରେ ଭିଟାମିନ୍ ଡି' ଅଭାବ ହେବା କେତେକ ଲକ୍ଷଣରୁ ଜଣାପଡ଼େ । ଯେମିତି କି ଲଗାତାର ଯନ୍ତ୍ରଣା ହେବା, ହାଲିଆ ଲାଗିବା, ନିଦୁଆ ଲାଗିବା କିମ୍ବା ଗଣ୍ଠିଗୁଡ଼ିକରେ ଯନ୍ତ୍ରଣା ହେବା । ବିଶେଷ କରି ଅଣ୍ଟା ଓ ଆଣ୍ଠୁରେ ଲଗାତାର ଯନ୍ତ୍ରଣା ହେବା । ତେବେ ଏହି ଲକ୍ଷଣ ଅନ୍ୟ ରୋଗର ମଧ୍ୟ ହୋଇପାରେ, ତେଣୁ ଏଥିପାଇଁ ଡାକ୍ତରୀ ପରୀକ୍ଷା କରାଇ ନେବା ଉଚିତ୍ ।

ସାଧାରଣତଃ ଲୋକମାନେ ଭାବନ୍ତି ଭିଟାମିନ୍ ଡି'ର ଅଭାବରେ ହାଡ଼ ଦୁର୍ବଳ ହୁଏ ଏବଂ ହାଡ଼ରେ ଯନ୍ତ୍ରଣା ହୁଏ । କିନ୍ତୁ ଅନେକେ ଏ ସମ୍ପର୍କରେ ଅନଭିଜ୍ଞ ଯେ ଟିବି, ଡାୟାବେଟିସ୍, ହାଇପର୍‌ଟେନ୍‌ସନ୍, ମାନସିକ ଅଗ୍ରସରତା, କ୍ୟାନ୍‌ସର୍, ଦୁର୍ବଳ ରୋଗ ପ୍ରତିରୋଧକତା, ଏବଂ ଅନେକ ସଂକ୍ରାମକ ରୋଗ ନିମନ୍ତେ ଭିଟାମିନ୍ ଡି'ର ଅଭାବ ଆଉ ଏକ କାରଣ ବୋଲି ଜଣା ପଡ଼ିଛି । ଏଭଳି ରୋଗୀମାନଙ୍କର ଭିଟାମିନ୍ ଡି'ର ଅଭାବ ଦୂର ହୋଇଗଲେ ସେମାନଙ୍କୁ ଯନ୍ତ୍ରଣାରୁ ଆରାମ ମିଳିଥାଏ । ଭିଟାମିନ୍ ଡି'ର ଅଭାବ ଦ୍ୱାରା ହାଡ଼ ଦୁର୍ବଳ ହୋଇ ଫମ୍ପା ହୁଏ ଏବଂ ପରିଣାମ ସ୍ୱରୂପ ବାରମ୍ବାର ଭାଙ୍ଗିଥାଏ, ଆଣ୍ଠୁ ଏବଂ ମାସଂପେଶୀ ଦୁର୍ବଳ ହେବା ସହ ନିୟମିତ ଯନ୍ତ୍ରଣା ହୁଏ, ଶରୀରର ରୋଗ ପ୍ରତିରୋଧକ ଶକ୍ତି କମ୍ ହୁଏ, କେଶ ଝଡ଼େ, ପ୍ରଜନନ କ୍ଷମତା ହ୍ରାସ ପାଏ, ମାସିକ ଧର୍ମ ଅନିୟନ୍ତ୍ରିତ ହୁଏ ।

**ହାଡ଼ ସହ ସମ୍ପର୍କିତ ଦୁଇଟି ବଡ଼ ସମସ୍ୟା**

**ଓଷ୍ଟିଓ ପୋରୋସିସ୍ :** ଏଥିରେ ହାଡ଼ର ସାନ୍ଦ୍ରତା କମ୍ ହୋଇଯାଏ ଏବଂ ଏହା ସହଜରେ ଭାଙ୍ଗିଯାଏ । ହାଡ଼ରେ ଚା' ଛଣା ପରି ଛିଦ୍ର ହୋଇଯାଏ । କାରଣ ହାଡ଼ରେ ଜମା ହୋଇଥିବା କ୍ୟାଲ୍‌ସିୟମ୍, ମିନେରାଲ୍ସ ଧୀରେ ଧୀରେ ହାଡ଼ରୁ ବାହାରି ଯାଏ । କହୁଣି, ମେରୁଦଣ୍ଡ ଏବଂ ଅଣ୍ଟାର ହାଡ଼ ସବୁଠାରୁ ଅଧିକ ପ୍ରଭାବିତ ହୁଏ ।

**ଓଷ୍ଟିଓପେନିଆ :** ସାଧାରଣତଃ ଏଥିରେ ହାଡ଼ର ପ୍ରୋଟିନ୍ କମ୍ ହୋଇଯାଏ । ଏଥିରେ ଓଷ୍ଟିଓ ପୋରୋସିସ୍ ପରି ହାଡ଼ର ସାନ୍ଦ୍ରତା କମ୍ ହୁଏ ନାହିଁ ତେଣୁ ହାଡ଼ ସହଜରେ ଭାଙ୍ଗେ ନାହିଁ କିନ୍ତୁ ଏହା ଦୁର୍ବଳ ହୋଇଯାଏ ।

**ବୟସ୍କମାନଙ୍କ ପାଇଁ ଅଧିକ ସମସ୍ୟା :** ବୟସ୍କମାନଙ୍କ ଠାରେ ଭିଟାମିନ୍ ଡି'ର ଅଭାବ ହୋଇଥାଏ । ପ୍ରକୃତରେ ବୟସ ବଢ଼ିବା ସହ ତ୍ୱଚା ତଳେ କୋଲେଷ୍ଟ୍ରୋଲ୍ ଅଭାବ ହୋଇଯାଏ । ଫଳରେ ଯଥେଷ୍ଟ ପରିମାଣର ଭିଟାମିନ୍ ଡି' ପ୍ରସ୍ତୁତ ହୋଇପାରେ ନାହିଁ । ପରିଣାମ ହୁଏ ହାଡ଼ ଏବଂ ମାଂସପେଶୀର ଦୁର୍ବଳତା । ଏଥିପାଇଁ ଭିଟାମିନ୍ ଡି'ର ସପ୍ଲିମେଣ୍ଟ ଆବଶ୍ୟକ ହୋଇଥାଏ ।

**ଭିଟାମିନ୍ ଡି' ଅଭାବର ସମାଧାନ :** ଭିଟାମିନ୍ ଡି'ର ଅଭାବ ଭରଣା ପାଇଁ ପିଲାମାନଙ୍କୁ ଥରକେ ୬ ଲକ୍ଷର ଡୋଜ୍ ଦିଆଯାଏ । ଏହା ଅନେକ ସମୟରେ ଇଂଜେକ୍ସନ୍ ଦ୍ୱାରା ମଧ୍ୟ ଦିଆଯାଏ ଛ ପୁଣି ସାଧାରଣ ଧାରାକୁ ଆସିବା ପର୍ଯ୍ୟନ୍ତ ପ୍ରତି ସପ୍ତାହରେ ୬୦ ହଜାର ୟୁନିଟ୍ ଏବଂ ଏହାପରେ ମାସିକ ୬୦ ହଜାର ୟୁନିଟ୍ ଓରାଲ୍ ଡ୍ରପ୍ ଭାବରେ ଦିଆଯାଏ ।

ବଡ଼ମାନଙ୍କ ଠାରେ ଭିଟାମିନ୍ ଡି'ର ଅଭାବ ଚିହ୍ନଟ ହେବାପରେ ପ୍ରଥମ ଦୁଇମାସ ସପ୍ତାହକୁ ୬୦ ହଜାର ୟୁନିଟ୍ ଏବଂ ଏହାପରେ ମାସିକ ୬୦ ହଜାର ୟୁନିଟ୍ ଶିଶି ପ୍ରଦାନ କରାଯାଏ ।

ଯେଉଁମାନେ ଖରାକୁ ବାହରନ୍ତି ନାହିଁ ସେମାନେ ପ୍ରତିମାସରେ ଗୋଟିଏ ଶିଶି ବା ୬୦ ହଜାର ୟୁନିଟ୍ ନେବା ଆବଶ୍ୟକ ।

ଇଂଜେକ୍ସନ୍ ଅପେକ୍ଷା ଔଷଧ ଭାବରେ ଖାଇବା ଅଧିକ ଉପଯୋଗୀ କାରଣ ଏହା ଦ୍ୱାରା ଶରୀରକୁ ଅଧିକ ଭିଟାମିନ୍ ଡି' ଯାଇଥାଏ ।

**ଖରା ସବୁଠାରୁ ଜରୁରୀ**

ଅଧିକାଂଶ ଲୋକ ଭାବନ୍ତି ସବୁଦିନ ଖୀର ପିଇଲେ ଶରୀରରେ ଭିଟାମିନ୍ ଡି'ର ଅଭାବ ହେବନାହିଁ , ଯାହାକି ଆଦୌ ଠିକ୍ ନୁହେଁ । ନିୟମିତ ଖୀର ପିଇଲେ ମଧ୍ୟ ଭିଟାମିନ୍ ଡି'ର ଅଭାବ ହୋଇପାରେ । ପ୍ରକୃତରେ ଖୀରରୁ କ୍ୟାଲସିୟମ୍ ମିଳେ । ଏହି କ୍ୟାଲ୍‌ସିୟମ୍ ଆମ ପାକସ୍ଥଳୀରେ ଜମା ହୋଇ ରହେ । ଅନ୍ୟ ଉତ୍ସ ଗୁଡ଼ିକରୁ ମିଳୁଥିବା କ୍ୟାଲ୍‌ସିୟମ୍ ମଧ୍ୟ ଏହି ଠାରେ ଜମା ହୋଇ ରୁହେ । ଏହାକୁ ଡର୍ମାଟ୍ କ୍ୟାଲ୍‌ସିୟମ୍ କୁହାଯାଏ । ଯେ ପର୍ଯ୍ୟନ୍ତ ଭିଟାମିନ୍ ଡି ନମିଳିଛି ସେ ପର୍ଯ୍ୟନ୍ତ ଏଗୁଡ଼ିକ ନିଷ୍କ୍ରିୟ ରୁହେ । ଭିଟାମିନ୍ ଡି'ର ଉପସ୍ଥିତିରେ ଏହା ସକ୍ରିୟ ହୁଏ ଓ ଶରୀର ପାଇଁ ଉପଯୋଗୀ ହୁଏ । ଅର୍ଥାତ୍ ଯେତେବେଳେ ଶରୀରକୁ ଭିଟାମିନ୍ ଡି' ମିଳେ ସେତେବେଳେ ଶରୀର କ୍ୟାଲ୍‌ସିୟମ୍ ଅବଶୋଷଣ କରିପାରେ ।

ଖରା ଭିଟାମିନ୍ ଡି'ର ପ୍ରକୃତିକ ଉତ୍ସ । ଏହା ମାଗଣାରେ ବି ମିଳେ । ମାତ୍ର ମହାନଗର ସଂସ୍କୃତିରେ ଅଧିକାଂଶ ଲୋକଙ୍କ ଭାଗ୍ୟରେ ଖରା ମିଳେନାହିଁ । ସମୟର ଅଭାବ ସହ ଖୋଲା ସ୍ଥାନର ଅଭାବ ମଧ୍ୟ ଏହାର କାରଣ ହୋଇଥାଏ । ଯଦି ଆପଣ ଚାହାନ୍ତି ଯେ ଆପଣଙ୍କ ଶରୀରରେ ଭିଟାମିନ୍ ଡି'ର ଅଭାବ ନହେଉ ତେବେ ଏହି ଶୀତ ଦିନର ପ୍ରକୃତ ଉପଯୋଗ କରନ୍ତୁ । ଶୀତ ଦିନେ ଖରା ସମସ୍ତଙ୍କୁ ଭଲ ଲାଗେ, ଆପଣ ଖରାରେ କିଛି ସମୟ ବସି ଶୀତରୁ ରକ୍ଷା ପାଇବା ସହ ଶରୀରକୁ ଏହାର ଜରୁରୀ ଭିଟାମିନ୍ ଦେଇପାରିବେ । ଖରାରୁ ପ୍ରଚୁର ପରିମାଣରେ ଭିଟାମିନ୍ ଡି' ମିଳିଲେ ଖାଦ୍ୟରୁ ମିଳୁଥିବା କ୍ୟାଲସିୟମ୍‌କୁ ଶରୀର ଅବଶୋଷଣ କରିପାରିବ ।

ଭିଟାମିନ୍ ଡି' ପାଇଁ ଖରାକୁ ଯିବାର ସବୁଠାରୁ ଠିକ୍ ସମୟ କ'ଣ ତାହା ନେଇ ବିବାଦ ରହିଛି । ଏଥିପାଇଁ ଭିନ୍ନ ଭିନ୍ନ ବିଶେଷଜ୍ଞଙ୍କ ମତ ଭିନ୍ନ । ତେବେ ଏଥିପାଇଁ ସବୁଠାରୁ ସାଧାରଣ ଫର୍ମୁଲା ହେଉଛି- ଯେତେବେଳେ ଖରାରେ ଆପଣଙ୍କ ଛାଇ ଆପଣଙ୍କ ଉଚ୍ଚତା ଠାରୁ କମ୍ ସେତେବେଳେ ଖରାରେ ବସିବା ଭଲ । ଦିନରେ ୪୫ ମିନିଟ୍ ଖରାରେ ରହିବା ଶରୀରର ଭିଟାମିନ୍ ଡି'ର ସମସ୍ତ ଆବଶ୍ୟକତା ପୂରଣ କରିଥାଏ । ମନେରଖନ୍ତୁ ଭିଟାମିନ୍ ଡି' ପାଇଁ ଖରାକୁ ଯିବା ସମୟରେ ହାତ, ମୁହଁ, ବେକ, ପିଠି, କାନ୍ଧ ପାଦ ଆଦି ଯଥାସମ୍ଭବ ଖୋଲା ରଖନ୍ତୁ । ହଁ ମନେରଖନ୍ତୁ ଆମ ତ୍ୱଚା ସହ ପ୍ରତ୍ୟକ୍ଷ ସୂର୍ଯ୍ୟକିରଣ ହିଁ ସମ୍ପର୍କ ରହିଛି । ତେଣୁ ଝରକା କାଚ ଦେଇ ପାଉଥିବା ସୂର୍ଯ୍ୟକିରଣ ଶରୀର ପାଇଁ ଉପଯୋଗୀ ହୋଇନଥାଏ ।

ସୂର୍ଯ୍ୟକିରଣର ଅନେକ ଲାଭ ଅଛି । ଉଷ୍ମତାର ମୁଖ୍ୟ ଉତ୍ସ ହୋଇଥିବା କାରଣରୁ ଶୀତରେ ସଙ୍କୁଚିତ ହୋଇଯାଇଥିବା ଶରୀରକୁ ଏହା ଉଷ୍ମତା ଦିଏ । ଫଳରେ ଶରୀର ଭିତରର ଥଣ୍ଡା ଏବଂ ପିତ୍ତର ଅଭାବ ଦୂର ହୁଏ । ଆୟୁର୍ବେଦରେ ସନ୍‌ବାଥ୍ ଆତପ ସେବନ କୁହାଯାଏ । ସୂର୍ଯ୍ୟ କିରଣରେ ଥିବା ଚମତ୍କାରୀ ଗୁଣ ଶରୀରରେ ବିଭିନ୍ନ ପ୍ରକାର ସଂକ୍ରମଣକୁ ପ୍ରତିହତ କରିଥାଏ । ଏହା ଶରୀରରେ ଅଧିକ ପରିମାଣର ଶ୍ୱେତ ରକ୍ତ କଣିକା ପ୍ରସ୍ତୁତ କରି ଏହାର ପ୍ରତିରୋଧକ ଶକ୍ତିକୁ ମଜଭୁତ କରେ ।

ସୂର୍ଯ୍ୟ କିରଣରୁ ଶରୀରକୁ କ୍ୟାନ୍ସର୍ ସହ ଲଢ଼ିବାର ଶକ୍ତି ମିଳେ । ଆୟୁର୍ବେଦ ଅନୁଯାୟୀ ଶରୀରର ପାଚନ କାର୍ଯ୍ୟ ଜଠରାଗ୍ନି ଦ୍ୱାରା ହୋଇଥାଏ ଯାହାର ମୁଖ୍ୟ ଉତ୍ସ ସୂର୍ଯ୍ୟ । ଦ୍ୱିପହରରେ ସୂର୍ଯ୍ୟ ସବୁଠାରୁ ଅଧିକ ଉତ୍ତାପ ଦିଅନ୍ତି ଏବଂ ସେହି କାରଣରୁ ସେହି ସମୟରେ ଜଠରାଗ୍ନି ସବୁଠରୁ ସକ୍ରିୟ ଥାଏ ଏବଂ ଖାଦ୍ୟ ଭଲ ଭାବରେ ହଜମ ହୋଇଥାଏ । ଆମକୁ ଭଲ ଲାଗିବାର ଅନୁଭବ ଦେଉଥିବା ବା ଫିଲ୍ ଗୁଡ୍ ହରମୋନ୍ ଗୁଡ଼ିକ ସୂର୍ଯ୍ୟକିରଣର ପ୍ରଭାବରୁ ଶରୀରରେ ପର୍ଯ୍ୟାପ୍ତ ମାତ୍ରାରେ ନିର୍ଗତ ହୋଇଥାଏ । ଯାହା ଅବସାଦ, ମାନସିକ-ଭାବନାତ୍ମକ ସ୍ୱାସ୍ଥ୍ୟ ଏବଂ ଶରୀର ଘଣ୍ଟାର ତାଳ ସନ୍ତୁଳିତ ରଖିବାରେ ସାହାଯ୍ୟ କରିଥାଏ । ଖରାକୁ ବାହାରିବା ଆମର ନିଦ୍ରାହୀନତା ସମସ୍ୟା ଦୂର କରେ । କାରଣ ସୂର୍ଯ୍ୟକିରଣ ଆମର ପିନିୟଲ୍ ଗ୍ଲାଣ୍ଡକୁ ପ୍ରଭାବିତ କରେ । ଏହି ଗ୍ଲାଣ୍ଡ ମେଲାନିନ୍ ନାମକ ହରମୋନ୍ ନିର୍ଗତ କରାଏ ଯାହା ଆମର ନିଦର ମାନ ନିରୂପଣ କରେ ଏବଂ ଅବସାଦ କମ୍ କରେ । ସକାଳର ଖରା ତ୍ୱଚା ସମ୍ପର୍କିତ ଅନେକ ସମସ୍ୟା ଦୂର କରେ । ଏହା ଶରୀରର ରକ୍ତକୁ ପରିଷ୍କାର କରେ ଏବଂ ସୋରିଆସିସ୍, ଏକ୍‌ଜିମା, ଫଙ୍ଗାଲ୍ ଇନ୍ଫେକ୍ସନ୍ ପରି ସମସ୍ୟା ସହ ରକ୍ତଚାପ କମ୍ କରିବାରେ ସାହାଯ୍ୟ କରିଥାଏ ।

ହଁ ଖରା ପୁଇଁଲା ବେଳେ ଭୁଲି ଯାଆନ୍ତୁ ନାହିଁ ଯେ ଅଧିକ ସୂର୍ଯ୍ୟକିରଣ ଶରୀର ପାଇଁ କ୍ଷତିକାରକ ହୋଇପାରେ । ଓଜୋନୋ ସ୍ତର କ୍ଷତିଗ୍ରସ୍ତ ହେବା କାରଣରୁ ଅଲ୍ଟ୍ରା ଭାଓଲେଟ୍ କିରଣର ପ୍ରଭାବ ଆମ ଶରୀର ଉପରେ ପଡ଼େ । ତେଣୁ ଦିନରେ ଗୋଟିଏ ଘଣ୍ଟାରୁ ଅଧିକ ସମୟ ଖରାରେ ରହିବା କ୍ଷତିକାରକ ହୋଇପାରେ ।















# ମନ ରୋଗ ମାନିଆ



ମାନିଆ ଶବ୍ଦଟିକୁ ପ୍ରଥମେ ହିପୋକ୍ରେଟିସ ଉଦ୍ଭାବନ କରିଥିଲେ । ଅରେଟିଅସ ପ୍ରଥମେ ଏହାକୁ ଏକ ମନୋରୋଗ ଭାବରେ ବର୍ଣ୍ଣନା କରିଥିଲେ । ଏହି ରୋଗଗ୍ରସ୍ତ ବ୍ୟକ୍ତିଟି ବାସ୍ତବ ଦୁନିଆରୁ ବିଚ୍ଛିନ୍ନ ହୋଇ ନିଜ ଖିଆଲରେ ବଞ୍ଚେ ।

**ଲକ୍ଷଣ :** ରୋଗୀଟି ଭାରି ଖୁସି ଥିଲା ପରି ଜଣାପଡ଼େ । ସେ ବହୁତ କଥା କହେ । ଗୋଟିଏ କଥା ପଚାରିଲେ ସେ ବହୁତ କଥା କହିଚାଲେ । ତା'ର ଚତୁଃପାର୍ଶ୍ୱରେ ହେଉଥିବା କୌଣସି ଘଟଣା ସହିତ ତା'ର ସମ୍ପର୍କ ନଥାଏ । ଲୋକଟି ମିଥ୍ୟା ଆତ୍ମବିଶ୍ୱାସ ବଢ଼ିଯାଏ । ସେ ନିଜକୁ ବହୁତ ବଡ଼ଲୋକ ବୋଲି ଭାବେ । ବଡ଼ ବଡ଼ କଥା କହେ । ବଡ଼ଲୋକ ପରି ଟଙ୍କା ପଇସା ବାଣ୍ଟିଥାଏ । ନିଜକୁ ରାଜା ବା ପ୍ରଧାନମନ୍ତ୍ରୀ ବୋଲି ଭାବେ । ସମୟେ ସମୟେ କୌଣସି କାରଣ ନଥାଇ ଚିଡ଼ିଚିଡ଼ି ହୁଏ ।

ସମୟେ ସମୟେ ଓ ଏକ ସମୟରେ ଅଧିକ ଶାରୀରିକ କାର୍ଯ୍ୟ କରିବା ପାଇଁ ଚେଷ୍ଟା କରେ ।

ଅଯଥା ବହୁତ ଗପେ । ଅଧିକ ଏବଂ ବଡ଼ ପାଟିରେ କଥା କହେ । ମନର ଚାପ ଯୋଗୁଁ ଅନ୍ୟକୁ ଥଟ୍ଟା କଲାପରି, ଚିଡ଼ାଇଲାପରି କଥା କହେ । ଗୋଟିଏ କଥା ନ ସରୁଣୁ ଅଉ ଗୋଟିଏ କଥା ଆରମ୍ଭ କରିଥାଏ ।

ଯୌନ ଇଚ୍ଛା ବଢ଼ିଯାଏ ।

ରୋଗୀଟି ଶୁଏ ନାହିଁ । ପ୍ରଥମ ଅବସ୍ଥାରେ ଭୋକ ବଢ଼ିଯାଏ ଓ ପରେ କମିଯାଏ ।

**ପ୍ରକାର ଭେଦ :** ଏହି ରୋଗ ତିନି ପ୍ରକାର ଦେଖାଯାଏ –

**ହାଇପୋମାନିଆ :** ଏଥିରେ ରୋଗର ଲକ୍ଷଣ ଦେଖାଯାଉଥିଲେ ମଧ୍ୟ ତା'ର ନୈନନ୍ଦିନ କାର୍ଯ୍ୟରେ ଅଧିକ ବ୍ୟାଘାତ ଘଟେ ନାହିଁ ।

**ମାନିଆ :** ଏହି ପ୍ରକାର ରୋଗରେ ରୋଗୀଟି ରୋଗର ଲକ୍ଷଣ ଦେଖାଦେଲେ ତାର ଦୈନନ୍ଦିନ କାର୍ଯ୍ୟରେ ବ୍ୟାଘାତ ଘଟେ ।

**ମାନିକ ସାଇକୋସିସ୍ :** ଏହି ରୋଗ ସହିତ ଅନ୍ୟାନ୍ୟ ମାନସିକ ରୋଗ ଥାଏ ଯଥା – ଅତ୍ୟଧିକ ସନ୍ଦେହ କରିବା, ଶୂନ୍ୟରୁ କଥା ଶୁଭିବା ।

**ବାଇପୋଲାର ଆଫେକ୍ଟିଭ ଡିସଅର୍ଡ଼ର / ମାନିକ୍ ଡିପ୍ରେସିଭ୍ ସାଇକୋସିସ୍ :** କେତେକ ଲୋକ ଡିପ୍ରେସନ୍ ଦ୍ୱାରା ଆକ୍ରାନ୍ତ ହୁଅନ୍ତି ଓ ଭଲ ହୋଇ ଯାଆନ୍ତି । ଅନେକ ସମୟରେ ସେମାନେ ମାନିଆଦ୍ୱାରା ଆକ୍ରାନ୍ତ ହୁଅନ୍ତି ଓ ଏହି ସମୟରେ ବହୁତ ଗପନ୍ତି । କୌଣସି କାରଣ ନଥାଇ ଖୁସି ହୁଅନ୍ତି, ଗପନ୍ତି ଓ ଅଙ୍ଗଭଙ୍ଗୀ ପ୍ରଦର୍ଶନ କରନ୍ତି । ସେମାନେ ଅତ୍ୟଧିକ କର୍ମଚଞ୍ଚଳ ହୋଇ ଉଠନ୍ତି ଏବଂ ସେହି ସମୟରେ ଚିଡ଼ି ଚିଡ଼ି ହୋଇ ହିଂସ୍ର ହୋଇଯାଆନ୍ତି । ଏହା କିଛି ସମୟ ପାଇଁ ରହେ ଓ ପରେ ପରେ ଭଲ ହୋଇଯାଏ । ଫଳରେ ମାନିଆ ଓ ଡିପ୍ରେସନ୍ ଗୋଟିକ ପରେ ଗୋଟିଏ ହେଉଥାଏ । ଏହାକୁ 'ମାନିକ୍ ଡିପ୍ରେସିଭ ସାଇକୋସିସ୍' କହନ୍ତି । କେତେକ ସ୍ଥଳରେ ଏ ପ୍ରକାର ଚିତ୍ର ନିୟମିତ ଭାବରେ ହେଉଥାଏ ।

**ଚିକିତ୍ସା :** ଏହି ରୋଗୀମାନେ ଅତ୍ୟଧିକ ବିଶୃଙ୍ଖଳିତ ଥାଆନ୍ତି । ଏମାନଙ୍କୁ ଆୟତ୍ତ କରିବା କଷ୍ଟ । ମୁଖ୍ୟ ଚିକିତ୍ସା ରୂପେ ଔଷଧ ବ୍ୟବହାର କରାଯାଏ ଯଥା- ହାଲୋପେରିଡ଼ଲ୍ ବଟିକା ଓ ଇଞ୍ଜେକ୍‌ସନ୍, ଲିଥିୟମ୍, ଭାଲପ୍ରୋଏଟ୍, କାର୍‌ବାମାଜେପିନ୍ ଇତ୍ୟାଦି । ଦରକାର ପଡ଼ିଲେ ବିଜୁଳି ଚିକିତ୍ସାର ସାହାଯ୍ୟ ମଧ୍ୟ ନିଆଯାଏ । ଏଥିସହିତ ରୋଗୀଟିର ପରିବାର ଲୋକମାନଙ୍କୁ ରୋଗ ବିଷୟରେ ବୁଝାଯାଏ ଓ ରୋଗୀଟିର ଠିକ୍ ଭାବେ ଯତ୍ନ ନେବା ପାଇଁ ପରାମର୍ଶ ଦିଆଯାଏ ।

**ଲିଥିଅମ୍ ସଲ୍‌ଟ :** ଯଦି ମାନିଆ ଡିପ୍ରେସନର ଆଶଙ୍କା ହେଉଥାଏ, ତା'ହେଲେ ଏହା ଲିଥିଅମ୍ ସଲ୍‌ଟ ଦ୍ୱାରା ଆୟତ୍ତ କରିହେବ । ଲିଥିଅମ୍ କେବଳ ବର୍ତ୍ତମାନ ପରିସ୍ଥିତିକୁ ଆୟତ୍ତ କରେ ନାହିଁ ଏହା ମଧ୍ୟ ଭବିଷ୍ୟତ ପାଇଁ କାର୍ଯ୍ୟ କରେ । ରୋଗୀ ଲିଥିଅମ୍ ଚିକିତ୍ସାରେ ଥିବାବେଳେ ଅଧିକ ଯତ୍ନ ନେବା ଦରକାର ପଡ଼େ । ସାଧାରଣତଃ ଏହା ୯୦୦ ମିଲିଗ୍ରାମରୁ ଆରମ୍ଭ ହୁଏ ଓ ଏହି ଔଷଧ ପରିମାଣ ରକ୍ତରେ ପରୀକ୍ଷା କରାଯାଏ । ଏହାର ପରିମାଣ ୦.୮ରୁ ୧.୫ ମି.ଗ୍ରା ମଧ୍ୟରେ ରହିବା ଉଚିତ । ଔଷଧର ମାତ୍ରା ଏହି ଅନୁପାତରେ ଖାପ ଖୁଆଯାଏ । ରକ୍ତର ସମତା କିଛି ସମୟ ଅନ୍ତରରେ ପରୀକ୍ଷା କରାଯିବା ଉଚିତ ।

ଚିକିତ୍ସା ହେବାର ଦୁଇ ସପ୍ତାହରୁ ଚାରି ସପ୍ତାହ ମଧ୍ୟରେ ଅଳ୍ପ ଦିନ ପାଇଁ ଏହାର କୁପରିଣାମ ଯଥା- ହାତ ଥରିବା, ବାନ୍ତି ବାନ୍ତି ଲାଗିବା, ଶୋଷ ଲାଗିବା, ବାରମ୍ବାର ପରିସ୍ରା ଲାଗିବା, ଅଳସୁଆ ଲାଗିବା ଇତ୍ୟାଦି ହୋଇଥାଏ । ଯଦି ରକ୍ତରେ ଲିଥିଅମର ପରିମାଣ ୧.୫ ମି.ଗ୍ରା.ରୁ ଅଧିକ ହୁଏ ତା'ହେଲେ ହାତ ବହୁତ ଜୋରରେ ଥରେ, ବାନ୍ତି ହୁଏ, ଝାଡ଼ା ହୁଏ, କଥା କହିଲାବେଳେ ପାଟି ଲାଗେ, ବହୁତ ନିଦ ହୁଏ । ଏଣୁ ଡାକ୍ତରଙ୍କ ସହ ଶୀଘ୍ର ପରାମର୍ଶ କରିବା ଉଚିତ । ଯଦି ରୋଗୀକୁ ବହୁତ ଜ୍ୱର ହୁଏ, ବହୁତ ଝାଡ଼ା ହୁଏ, ଅଧିକ ଝାଳ ବୁହେ, ତା'ହେଲେ ଔଷଧ ମାତ୍ରା ବଦଳାଇବା ପାଇଁ ଡାକ୍ତରଙ୍କ ସହିତ ପରାମର୍ଶ କରିବା ଉଚିତ । ବୃକ୍କ, ହୃତ୍‌ପିଣ୍ଡ ଓ ଯକୃତ ପ୍ରଭୃତି ରୋଗରେ ଆକ୍ରାନ୍ତ ରୋଗୀମାନଙ୍କୁ ଏପ୍ରକାର ଔଷଧ ଦେବା ଅନୁଚିତ । ଏହାଛଡ଼ା ମାନିଆ ଡିପ୍ରେସନ ବା ବାରମ୍ବାର ମାନିଆ ଓ ଡିପ୍ରେସନ୍‌ର ଆଶଙ୍କା ଥିଲେ ଭାଲ୍‌ପ୍ରୋଏଟ୍, କାର୍ବାମାଜେପିନ୍, ଲାମୋଟ୍ରିଜିନ୍ ଆଦି ବ୍ୟବହାର କରାଯାଏ ।

**ଖାଦ୍ୟରେ କୌଣସି କଟକଣା ଅଛି କି ? :** ଏ ପ୍ରକାର ରୋଗର ଖାଦ୍ୟ ପାଇଁ କୌଣସି ପ୍ରକାର କଟକଣା ନାହିଁ । ମାତ୍ର ଲିଥିଅମ ଖାଉଥିବା ବେଳେ ଲୁଣର ପରିମାଣ ଯେପରି କମ୍ ନହୁଏ ।

***ଡାକ୍ତର ସମ୍ରାଟ କର, ପୁରୀଘାଟ ରୋଡ଼, କଟକ***





# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୨୧ ଡିସେମ୍ବର ୨୦୨୫ । ରବିବାର


## ଭିବି ଜୀ ରାମଜୀ ପ୍ରତ୍ୟାହାର ପାଇଁ ଆହ୍ୱାନ

**କେନ୍ଦ୍ରାପଡ଼ା,୨୦।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ନିଯୁକ୍ତି, ଦରବୃଦ୍ଧି, ଆର୍ଥିକ ପରିଚାଳନା, ଆଭ୍ୟନ୍ତରୀଣ ସୁରକ୍ଷା, ବୈଦେଶିକ ନୀତି ଆଦି ସମସ୍ତ କ୍ଷେତ୍ରରେ ଅସଫଳ ହୋଇଥିବା ଏଗାର ବର୍ଷର କେନ୍ଦ୍ର ସରକାର ନିଜର ବିଫଳତା ଲୁଚାଇବା ପାଇଁ ଗ୍ରାମୀଣ ନିଯୁକ୍ତି ପ୍ରଦାନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ସୃଷ୍ଟି କରିଥିବା ମନରେଗା ଭଳି ଐତିହାସିକ ଆଇନର ନାମ ପରିବର୍ତ୍ତନ କରି ତାହାକୁ ଭିବି ଜୀ ରାମ ଜୀ କରିବା ପାଇଁ ସଂସଦରେ ବିଲ୍ ପାସ୍ କରିବାକୁ ବାମପନ୍ଥୀ ଦଳମାନଙ୍କର ମିଳିତ ବୈଠକରେ ଦୃଢ଼ ନିନ୍ଦା କରାଯାଇଛି । ସିପିଆଇ ରାଜ୍ୟ ନେତା ରମଣୀ ରଞ୍ଜନ ରାଉତରାୟଙ୍କ ସଭାପତିତ୍ୱରେ ପବ୍ଲିକ ରିଡିଙ୍ଗ୍ ରୁମ୍ ପରିସରରେ ଅନୁଷ୍ଠିତ ଆଜିର ମିଳିତ ବୈଠକରେ ସିପିଆଇ(ଏମ୍) ଜିଲ୍ଲା ସମ୍ପାଦକ ଗୟାଧର ଧଳ, ଆଦିକନ୍ଦ ରାଉଳ, ନରୋତ୍ତମ ପାର୍ଥସାରଥୀ, ଶ୍ରମିକ ନେତା ଜଗଜ୍ଜୀବନ ଦାଶ, ସିପିଆଇ (ଏମ୍ ଏଲ୍) ନେତା ପ୍ରକାଶ ମଲିକ, ନାରୀ ନେତ୍ରୀ ସଂଯୁକ୍ତା ରାଉତ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି କେନ୍ଦ୍ର ସରକାରଙ୍କ ଏହି ଆଇନ ଗ୍ରାମୀଣ ବିକାଶ କ୍ଷେତ୍ରରୁ ନିଜକୁ ଦାୟିତ୍ୱ ମୁକ୍ତ କରିବା ପାଇଁ କେନ୍ଦ୍ର ସରକାରଙ୍କ ଏକ ଯୋଜନାବଦ୍ଧ ଷଡ଼ଯନ୍ତ୍ର ହୋଇଥିବାରୁ ଓ ନାମ ପରିବର୍ତ୍ତନ କରି ସରକାର ରାଷ୍ଟ୍ରପିତା ଗାନ୍ଧିଜୀଙ୍କ ପ୍ରତି ଅବମାନନା କରୁଥିବାରୁ ଏହାକୁ ତୁରନ୍ତ ପ୍ରତ୍ୟାହାର କରିନେବା ପାଇଁ ଆହ୍ୱାନ ଜଣାଇଥିଲେ । ଅନ୍ୟଥା ଆସନ୍ତା ୨୨ ତାରିଖ ସୋମବାର ଜିଲ୍ଲାପାଳଙ୍କ ଅଫିସରେ ବିକ୍ଷୋଭ କରାଯିବ ବୋଲି ଚେତାବନୀ ଦେଇଛନ୍ତି ।

## ଭରଣପୋଷଣ କଲ୍ୟାଣ ଅଧିନିୟମ ସଚେତନତା

**କେନ୍ଦ୍ରାପଡ଼ା,୨୦।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ଜନସେବା ଦିବସ ଅବସରରେ କେନ୍ଦ୍ରାପଡା ବ୍ଲକ ପକ୍ଷରୁ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ଶସକ୍ତିକରଣ ବିଭାଗ ଆନୁକୂଲ୍ୟରେ ମାତାପିତା ଓ ବରିଷ୍ଠ ନାଗରିକଙ୍କ ଭରଣପୋଷଣ ଏବଂ କଲ୍ୟାଣ ଅଧିନିୟମ- ୨୦୦୭ ସମ୍ପର୍କରେ ଏକ ସଚେତନତା ସଭା ଓସ୍ତପୁର ଗ୍ରାମପଞ୍ଚାୟତରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ସନ୍ତୋଷ କୁମାର ମହାପାତ୍ର ସମ୍ମାନିତ ଅତିଥି ଭାବେ ମଣ୍ଡଳ ଉନ୍ନୟନ ଅଧିକାରୀ ଅଭିଷେକ ସ୍ୱାଇଁ, ସହକାରୀ ଏଲଏଡିସିଓ ଦେବାଶିଷ ସାହୁ, ଓସ୍ତପୁର ସରପଞ୍ଚ ପ୍ରସନ୍ନ ରାଉତ ପ୍ରମୁଖ ଯୋଗଦେଇ ମାତାପିତା ଓ ବରିଷ୍ଠ ନାଗରିକଙ୍କ ଭରଣପୋଷଣ ଏବଂ କଲ୍ୟାଣ ଅଧିନିୟମ-୨୦୦୭ ସମ୍ପର୍କରେ ଆଲୋକପାତ କରିଥିଲେ । ଏଥିରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କେଶରୀ ବେହେରା ଅଧକ୍ଷତା କରିଥିଲେ । ମଣ୍ଡଳ ସାମାଜିକ ସୁରକ୍ଷା ଅଧିକାରୀ ସୁଦୀପ୍ତା ମହାପାତ୍ର ସଭା ସଂଚାଳନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ । କନିଷ୍ଠ ସହାୟକ ସହସ୍ରାଂଶୁ କୁଣ୍ଡୁ ଓ କାର୍ଯ୍ୟକ୍ରମ ସହକାରୀ କ୍ରୀଷ୍ଣା ଜ୍ୟୋତିପ୍ରକାଶ ଦାସ, ଓସ୍ତପୁର ପିଇଓ ସୂର୍ଯ୍ୟମଣୀ ଟୁଡୁ ଓ ଜିଆରଏସ ସ୍ୱପ୍ନା ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ବଳରାମ ହତ୍ୟା: ଲୋହିଆ ବିଚାର ମଞ୍ଚର ଥାନାଧିକାରୀଙ୍କ ପାଖରେ ଦାବି

**ରାଜନଗର,୨୦।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ ସଦର ପଞ୍ଚାୟତ ଡିଆପାରୀ ଗ୍ରାମର ବଳରାମ ସେଠୀ ହତ୍ୟା ଘଟଣାରେ ପୋଲିସ ୫ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଏହି ଘଟଣାରେ ଆମ୍ବେଦକର ଲୋହିଆ ବିଚାରମଞ୍ଚ କେନ୍ଦ୍ରାପଡା ଜିଲ୍ଲା ମହିଳା ଶାଖା ଓ ରାଜନଗର-ପଟ୍ଟାମୁଣ୍ଡାଇ ଆମ୍ବେଦକର ବିଚାର ମଞ୍ଚର ମିଳିତ ଆନୁକୂଲ୍ୟରେ ରାଜନଗର ଥାନାଧିକାରୀ ନରେଶ ସାହୁଙ୍କୁ ଭେଟି ଗିରଫ ହୋଇ କୋର୍ଟ ଚାଲାଣ ହୋଇଥିବା ଆସାମୀମାନଙ୍କୁ ରିମାଣ୍ଡରେ ଆଣି ପଚରା ଉଚରା କରାଗଲେ ହତ୍ୟାକାଣ୍ଡ ସଂପର୍କରେ ଅଧିକ ତଥ୍ୟ ମିଳିପାରନ୍ତା । ଏହି ହତ୍ୟା ଘଟଣାରେ ଅନେକ ଲୋକଙ୍କର ସଂପୃକ୍ତି ରହିଛି । ବଳରାମ ହତ୍ୟାରେ ସଂଶ୍ଳିଷ୍ଟ ଥିବା ବ୍ୟକ୍ତିମାନଙ୍କୁ ଧରାଯିବା ସହ ଏହାର ରହସ୍ୟ ଉନ୍ମୋଚନ କରିବାକୁ ସେମାନେ ଦାବି କରିଛନ୍ତି । ଜିଲ୍ଲା ସଭାପତି ଦଶରଥ ମଳିକ, ପ୍ରମିଳା ସେଠୀ, ସର୍ବେଶ୍ୱର ସେଠୀ, ବିଷ୍ଣଚରଣ ମଳିକ, ବାମନଚରଣ ଯେନା, କଳ୍ପତରୁ ମଳିକ, ବସନ୍ତକୁମାର ସେଠୀ, ଅନିରୁଦ୍ଧ ସେଠୀ, ରାଜକିଶୋର ମୁଦୁଲି, ପ୍ରଶାନ୍ତ ଯେନା, ଅକ୍ଷୟ ଜେନା, ପୂର୍ଣ୍ଣଚନ୍ଦ୍ର ଯେନା, ବିପିନ ବିହାରୀ ସେଠୀ ପ୍ରମୁଖ ଥାନାଧିକାରୀଙ୍କୁ ଭେଟି ଆଲୋଚନା କରିବା ସହ ଦାବୀପତ୍ର ପ୍ରଦାନ କରିଥିଲେ ।

## ସରସ୍ୱତୀ ଶିଶୁ ମନ୍ଦିର ବାର୍ଷିକ କ୍ରୀଡା

**ରାଜନଗର,୨୦।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ସରସ୍ୱତୀ ଶିଶୁ ମନ୍ଦିର, ରାଜନଗରର ବାର୍ଷିକ କ୍ରୀଡା ଉତ୍ସବ ଉଦଯାପିତ ହୋଇଯାଇଛି । ପ୍ରଧାନ ଆର୍ଚ୍ଚର୍ଯ୍ୟ ସୁଲେଖ ଚନ୍ଦ୍ର ବାରିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦଯାପନି ଉତ୍ସବରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟର ସମ୍ପାଦକ ତଥା ସାମ୍ବାଦିକ ଦୋଳଗୋବିନ୍ଦ ଜେନା, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟା ସ୍ନେହଲତା ମିଶ୍ର ଓ ସଂଯୁକ୍ତା ଦାସ ଯୋଗଦେଇଥିଲେ । ସ୍ୱାସ୍ଥ୍ୟ ହିଁ ସମ୍ପଦୟଖେଳକୁଦ ଯୋଗୁ ପିଲାମାନଙ୍କର ଶାରୀରିକ ବିକାଶ ହେବ ସହ ଏକାଗ୍ରତା ଆସିଥାଏ । ଶିକ୍ଷା ସହିତ କ୍ରୀଡା ଅଙ୍ଗାଙ୍ଗୀ ରୂପେ ଜଡ଼ିତୟ ଖେଳକୁଦ ଯୋଗୁ ଶାରୀରିକ ଓ ମାନସିକ ସନ୍ତୁଳନ ରହିଥାଏ । ମାନସିକ ଋପ ହ୍ରାସ ପାଇବା ସହ ସ୍ମରଣ ଶକ୍ତି ବୃଦ୍ଧି ପାଇଥାଏ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ । ତିନି ଦିନ ଧରି ଅନୁଷ୍ଠିତ ଏହି କ୍ରୀଡା ପ୍ରତିଯୋଗିତାରେ ଲମ୍ଫଡ଼ିଆଁ, ଉଚ୍ଚ ଡିଆଁ, ସଟପୁଟ, ଡିସକସ, ବାଇଗଣ ଦୌଡ, ଗଣିତ ଦୌଡ, ଦୁଇଶହ ମିଟର ଦୌଡ ଓ ମିଉଜିକ ଚେୟାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । କ୍ରୀଡା ପରିଚ୍ଳନାରେ ବିଭୂତି ଲେଙ୍କା,କୈଳାଶ ଚନ୍ଦ୍ର ଜେନା, ସ୍ୱପ୍ନା ରାଣୀ ସାହୁ, ଶୁଭଶ୍ରୀ ଲେଙ୍କା, ବବିତା ବାରିକ, ସଂଗୀତା ସାହୁ, ପ୍ରଣତି ସ୍ୱାଇଁ, ଜ୍ୟୋତିର୍ମୟୀ ସାହୁ, ଦେବାଞ୍ଜଳି ପରିଡ଼ା, ସୁଦୀପ୍ତା ନାୟକ ପ୍ରମୁଖ ଗୁରୁ ଓ ଗୁରୁମାମାନେ ସହଯୋଗ କରିଥିଲେ ।

## ପୁନର୍ବାସ ପକ୍ଷରୁ ଡାଇଲଗ୍ ଅନ୍ ଡିଜାବିଲିଟି

**କେନ୍ଦ୍ରାପଡ଼ା,୨୦।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡ଼ା ଜିଲ୍ଲାରେ ଦୀର୍ଘ ଏକ ଦଶନ୍ଧିରୁ ଉର୍ଦ୍ଧ୍ୱ ଥେରାପି ସେବା, ଭିନ୍ନକ୍ଷମତା ସମ୍ପର୍କିତ ଅଧିକାର ସଚେତନତା ଓ ସଶକ୍ତିକରଣ ନିମନ୍ତେ କାର୍ଯ୍ୟରତ ପୁନର୍ବାସ ପକ୍ଷରୁ ଏକ ନୂତକ ଆଲୋଚନାଚକ୍ର ଆରମ୍ଭ କରାଯାଇଛି । ଏହି ଧାରାବାହିକ ଆଲୋଚନାକୁ 'ଡାଇଲଗ୍ ଅନ୍ ଡିଜାବିଲିଟି' ଶୀର୍ଷକ ରଖାଯାଇଛି । ପୁନର୍ବାସର ସଭାଗୃହରେ ଅନୁଷ୍ଠିତ ହୋଇଥିବା ଏହି ଆଲୋଚନାର ପ୍ରଥମ ପର୍ଯ୍ୟାୟରେ ଆମେରିକା ସ୍ଥିତ ଆଲାସ୍କା ବିଶ୍ୱବିଦ୍ୟାଳୟର ମେକାନିକାଲ ଇଂଜିନିୟରିଂ ବିଭାଗର ପ୍ରଫେସର ଏମ୍ରିଟସ୍ ଡକ୍ଟର ଦେବେନ୍ଦ୍ର କୁମାର ଦାସ ଅତିଥିବକ୍ତା ରୂପେ ଯୋଗ ଦେଇ 'ଏକ ବାଧାମୁକ୍ତ ବିଶ୍ୱ ନିର୍ମାଣରେ ପ୍ରଯୁକ୍ତିବିଦ୍ୟାର ଭୂମିକା' ବିଷୟ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଆଲୋଚନା ପ୍ରସଙ୍ଗରେ ଆମେରିକାରେ ଗୃହୀତ ସୁଦୃଢ ଭିନ୍ନକ୍ଷମ ଆଇନ ଓ ସମାବେସୀ ଜୀବନ ଦୃଷ୍ଟି ଏବଂ ସହଯୋଗିତା ସମ୍ପର୍କରେ ଆଲୋକପାତ କରିଥିଲେ । ବାଧାହୀନ ବ୍ୟବସ୍ଥା କିପରି ଜଣେ ଦିବ୍ୟାଙ୍ଗ ବ୍ୟକ୍ତିର ଅନ୍ତର୍ନିହିତ ପ୍ରତିଭା ଓ ଦକ୍ଷତା ବିକାଶରେ ସହାୟକ ହୋଇ ପାରିଛି ତା'ର ବିଭିନ୍ନ ଦୃଷ୍ଟାନ୍ତ ଓ ପ୍ରାବଧାନ ଅବତାରଣା କରିଥିଲେ । ଏହା ପରେ ପୁନର୍ବାସର ପ୍ରତିଷ୍ଠାତା ବିରଜା ରାଉତରାୟଙ୍କ ସଞ୍ଚାଳନାରେ ଅନୁଷ୍ଠିତ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀଣୀ ସୁଦୀପ୍ତା ମହାପାତ୍ର, ଜିଲ୍ଲା ସାମାଜିକ ସୁରକ୍ଷା କାର୍ଯ୍ୟାଳୟର ମଣ୍ଡଳ ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ଶେଖର ବେହୁରା, କ୍ଷୀରୋଦ କର, ଶିକ୍ଷାବିତ୍ ନୃସିଂହ ଚରଣ ତ୍ରିପାଠୀ, ସ୍ୱତନ୍ତ୍ର ଶିକ୍ଷୟତ୍ରୀ ଶିବାନୀ ପ୍ରିୟଦର୍ଶିନୀ ଭୋଳ, ରାଜେନ୍ଦ୍ର ମହାପାତ୍ର ପ୍ରମୁଖ ପ୍ରସଙ୍ଗ ସମ୍ପର୍କିତ ବିଭିନ୍ନ ପ୍ରଶ୍ନ ଉଥାପନ କରିଥିଲେ । ଆଲୋଚନା ସଭାର ପ୍ରାରମ୍ଭରେ ପୁନର୍ବାସର ସହ ସମ୍ପାଦକ ବଂଶୀଧର ମହାନ୍ତି ପ୍ରଫେସର ଦାସଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନପୂର୍ବକ ସ୍ୱାଗତ କରିଥିଲେ । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବୁଦ୍ଧିଜିବୀ ଓ ସମାଜର ବିବିଧ ପ୍ରତିନିଧି ତଥା ଅବସରପ୍ରାପ୍ତ ପ୍ରଶାସକ ଜଗମୋହନ ହୋତା, ଚନ୍ଦ୍ରମଣି ମଲିକ, ସ୍ୱତନ୍ତ୍ର ସ୍କୁଲର ପ୍ରଧାନ ଶିକ୍ଷକ ସ୍ୱପ୍ନାଂଶୁ କୁମାର ଦାସ, ବାଞ୍ଛାନିଧି ଦାସ ଓ ଦେବୀ ଚାରି ଟେବୁଲ ଟ୍ରଷ୍ଟର ମୁଖ୍ୟ ଟ୍ରଷ୍ଟି ଭୁବନ ମୋହନ ଦାସ, ବ୍ଲକ୍ ସମ୍ବଳ ଶିକ୍ଷକ ଶ୍ରୀଧର ଭୋଳ ଆଇନଜିବୀ ନରେନ୍ଦ୍ର କୁମାର ସାହୁ ଓ ଭିନ୍ନକ୍ଷମଙ୍କ ଥେରାପି ସେବାରେ ନିୟୋଜିତ ରିହାବ୍ ପ୍ରଫେସନାଲ୍ ପ୍ରମୁଖ ଯୋଗ ଦେଇଥିଲେ । ଅନୁଷ୍ଠାନ ପକ୍ଷରୁ କାର୍ଯ୍ୟକ୍ରମଟିକୁ ସଭ୍ୟ ମହମ୍ମଦ ଜାହିଦ୍ ଖାନ୍, ସଂଜୀବ କୁମାର ଜେନା ଓ ଧରଣୀଧର ସେଠୀ ପ୍ରମୁଖ ପରିଚାଳନା କରିଥିଲେ ।

# ଖୋର୍ଦ୍ଧାରେ ନିର୍ବାଚନ କମିଶନର

**ଖୋର୍ଦ୍ଧା,୨୦।୧୨ ଏକ୍ସପ୍ରେସ୍ ନ୍ୟୁଜ୍**



ଓଡ଼ିଶା ରାଜ୍ୟ ନିର୍ବାଚନ କମିଶନର ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ଅଧିକାରୀ ମୁଧୁସୁଦନ ପାଢ଼ୀ ପୂର୍ବାହ୍ନରେ ଖୋର୍ଦ୍ଧା ଜିଲ୍ଲା ଗସ୍ତକରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଜୟୀ ରାଜଗୁରୁ ସମ୍ମିଳନୀ କକ୍ଷରେ ଆଗାମୀ ଦିନରେ ହେବାକୁ ଯାଉଥିବା ସାଧାରଣ ପୌରସଂସ୍ଥା ଓ ପଞ୍ଚାୟତ ନିର୍ବାଚନ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରି ବିଭାଗୀୟ ଅଧିକାରୀ ଏବଂ ସମସ୍ତ ବିଡିଓ ତହସିଲଦାର, ପୌର ନିର୍ବାହୀ ଅଧିକାରୀମାନଙ୍କ ସହ ସମୀକ୍ଷା କରିଥିଲେ । ବୈଠକରେ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଅମ୍ରିତ୍ ଋତୁରାଜ, ଅତିରିକ୍ତ ଜିଲ୍ଲାପାଳ, ଭୁବନେଶ୍ୱର ରୁଦ୍ର ନାରାୟଣ ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ ସାଫଲ୍ୟ ମଣ୍ଡିତ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ, ପ୍ରଶାସନ, ଖୋର୍ଦ୍ଧା ପ୍ରତାପ ଚନ୍ଦ୍ର ବେଉରା, ଉପଜିଲ୍ଲାପାଳ ତଥା ଭୋଟର ପଞ୍ଜିକରଣ ଅଧିକାରୀ, ଖୋର୍ଦ୍ଧା କିଶୋର କୁମାର ପଣ୍ଡା, ଭୁବନେଶ୍ୱର ଡ଼. ମନୋରଞ୍ଜନ ସାହୁ ଯୋଗଦେଇଥିଲେ । ଜିଲ୍ଲା ପଞ୍ଚାୟତ ଅଧିକାରୀ, ଖୋର୍ଦ୍ଧା ଶ୍ୟାମଳେନ୍ଦୁ ନାୟକ ପୂର୍ବ ସାଧାରଣ ପୌର ଓ ପଞ୍ଚାୟତ ନିର୍ବାଚନ ୨୦୨୨ର ପରିଚ୍ାଳନା ତଥା ପ୍ରିସାଇଡିଂ ଓ ପୋଲିଂ ଅଧିକାରୀ ନିୟୋଜନ ଠାରୁ ଆରମ୍ଭ କରି ବୁଥରେ ସର୍ବନିମ୍ନ ସୁବିଧା ଉପଲବ୍ଧ ସହ ବିଭିନ୍ନ କାର୍ଯ୍ୟକ୍ରମ ଉପରେ ତଥ୍ୟ ଉପସ୍ଥାପନ କରିଥିଲେ । ସେହିପରି ରାଜ୍ୟ ନିର୍ବାଚନ କମିଶନର ଶ୍ରୀ ପାଢ଼ୀ ନିର୍ବାଚନ ସମୟରେ ଉପୁଜୁଥିବା ବିଭିନ୍ନ ପ୍ରକାର ସମସ୍ୟା ଓ ଏହାର ସମାଧାନ ସମ୍ପର୍କରେ ବିଡିଓ ଏବଂ ନିର୍ବାହୀ ଅଧିକାରୀମାନଙ୍କୁ ବିତୃତ ସୂଚନା ପ୍ରଦାନ କରିଥିଲେ । ପ୍ରକାଶ ଥାଉକି ବର୍ତ୍ତମାନ ଖୋର୍ଦ୍ଧା ଜିଲ୍ଲାରେ ଏକଟି ଲୋକସଭା ଆସନ ଅଧୀନ ୮ଟି ବିଧାନ ସଭା ନିର୍ବାଚନ ମଣ୍ଡଳୀରେ ନିର୍ବାଚନ କମିଶନଙ୍କ ଅନୁମୋଦନ କ୍ରମେ ମୋଟ ୨୪୩୪ଟି ମତଦାନ କେନ୍ଦ୍ର ମାଧ୍ୟମରେ ଆଗାମୀ ସାଧାରଣ ପୌର ପରିଷଦ ଓ ପଞ୍ଚାୟତ ନିର୍ବାଚନ ପରିଚ୍ାଳନା କରାଯିବା ସୂଚନା ମିଳିଛି । ଶେଷରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ, ପ୍ରତାପ ଚନ୍ଦ୍ର ବେଉରା ଧନ୍ୟବାଦ ପ୍ରଦାନ କରିଥିଲେ ।

## ବିଜେପିର ମିଥ୍ୟା ଆରୋପ ବିରୋଧରେ କଂଗ୍ରେସର ପ୍ରତିବାଦ

**କେନ୍ଦ୍ରାପଡ଼ା,୨୦।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ନ୍ୟାସନାଲ ହେରାଲ୍ଡ ଓ ମନିଲଣ୍ଡରିଂ ଭଳି ଅର୍ଥ ଆତ୍ମସାତ ଘଟଣାରେ ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀଙ୍କ ସଂପୃକ୍ତି ସମ୍ପର୍କରେ ବିଜେପି ପକ୍ଷରୁ ଆଗତ ହୋଇଥିବା ମୋକଦ୍ଦମାକୁ ନ୍ୟାୟାଳୟ ଖାରଜ କରିଦେବା ଫଳରେ ବିଜେପି, ନରେନ୍ଦ୍ର ମୋଦି ଓ ଅମିତ ଶାହାଙ୍କର ମିଥ୍ୟା ଆରୋପ ଲଗାଇ କଂଗ୍ରେସ ଦଳର ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀଙ୍କ ବିରୋଧରେ ଅପ ପ୍ରଚାରର ପର୍ଦ୍ଦାଫାସ ହୋଇଛି । କଂଗ୍ରେସ ଦଳ, ମହାତ୍ମା ଗାନ୍ଧୀ ଓ ଜବାହରଲାଲ ନେହେରୁଙ୍କ ପରିବାର ବିରୋଧରେ ବାରମ୍ବାର ମିଛ କଥା କହି ବଦନାମ କରିବା ବ୍ୟତିତ ବିଜେପି ସରକାର ପାଖରେ ଅନ୍ୟ କୌଣସି ଯୋଜନା ନାହିଁ । ସଂବିଧାନର ଉଲ୍ଲଂଘନ କରି ଗଣତନ୍ତ୍ରକୁ ହତ୍ୟା କରି ଜନ ବିରୋଧୀ କାର୍ଯ୍ୟ କରୁଥିବା ବିଜେପି ସରକାର ନିଜର ଦୋଷ ଗୁଣକୁ ଲୁଚାଇବା ପାଇଁ ମିଥ୍ୟାର ଆଶ୍ରୟ ନେଇ କଂଗ୍ରେସ ସରକାରଙ୍କ ଦ୍ୱାରା ନାମିତ ଯୋଜନାର ନାମ ପରିବର୍ତ୍ତନ କରି ଜନମାନସକୁ ବିଭ୍ରାନ୍ତ କରିବା ପାଇଁ ଷଡଯନ୍ତ୍ର କରୁଛି । ଗୁରୁବାର ପୁରୁଣା ବସଷ୍ଟାଣ୍ଡରେ ଜିଲ୍ଲା କଂଗ୍ରେସ ସଭାପତି ଡା. ଦେବଶ୍ମୀତା ଶର୍ମାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏକ ପଥପ୍ରାନ୍ତ ସଭାରେ ବକ୍ତାମାନେ ବିଜେପି ସରକାରର ଇସ୍ତଫା ଦାବି କରିଥିଲେ । ଏହି ସଭାରେ ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ଡ.ସିପ୍ରା ମଲ୍ଲିକ, ବରିଷ୍ଠ କଂଗ୍ରେସ ନେତା ଅଶୋକ କୁମାର ପ୍ରତିହାରୀ, ପ୍ରଫୁଲ୍ଲ ଦାସ, ବିଭ୍ରାଂଶୁ ଲେଙ୍କା, ବାବୁରାମ ଜେନା, ବିଧୁଭୂଷଣ ମହାପାତ୍ର, ରବିନାରାୟଣ ବେହେରା, ମଙ୍ଗୁଳି ଚରଣ ବେହେରା, ନାରାୟଣ ରାଉତ, ଭାଗିରଥୀ ଜେନା, ଜୟଦେବ ପରିଡା, ବିଧାନ ଚନ୍ଦ୍ର ସାମଲ, କବିନ୍ଦ୍ର ସାମଲ, ରଞ୍ଜନ ଦାସ, ନିରଞ୍ଜନ ସାହୁ, ପ୍ରମିଳା ସାହୁ, ଅଶୋକ ମୋହନ ଜେନା, ନିରଞ୍ଜନ ରାଉତ, ହିମାଂଶୁ ନନ୍ଦ, ଉମେଶ ପାଢୀ ପ୍ରମୁଖ ଶତାଧିକ କଂଗ୍ରେସ ଦଳର ନେତା ଓ କର୍ମୀମାନେ ସାମିଲ ହୋଇ ବିଜେପିର ଏଭଳି ମିଥ୍ୟା ଆରୋପର ଦୃଢ ପ୍ରତିବାଦ କରିବା ସହ କୋର୍ଟଙ୍କ ନିର୍ଦ୍ଦେଶକୁ ସ୍ୱାଗତ କରିଥିଲେ ।

## ଅଭିଭାବକ-ଶିକ୍ଷକ ସଂଘ ବୈଠକ

**ବୁଗୁଡ଼ା,୨୦।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ସ୍ଥାନୀୟ ପିପୁଲ୍ସ କଲେଜର ରସାୟନ ବିଜ୍ଞାନ ବିଭାଗ ପକ୍ଷରୁ ସ୍ୱପରିସରରେ ଅଭିଭାବକ-ଶିକ୍ଷକ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । କଲେଜ ଅଧକ୍ଷ ଡ.ପୁରୁଷୋତ୍ତମ ମିଶ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ ବୈଠକରେ ଉପାଧକ୍ଷ ହରିକୃଷ୍ଣ ନାୟକ, ବିଭାଗୀୟ ମୁଖ୍ୟ ଅଧାପକ ମନୋଜ କୁମାର ଦାସ, ଅଧାପକ ସୌମ୍ୟ ରଞ୍ଜନ ପ୍ରଧାନ ଓ ବିଜେନ୍ଦ୍ର କୁମାର ଆଚ୍ାର୍ଯ୍ୟଙ୍କ ସମେତ ବିଭାଗୀୟ ଛାତ୍ରଛାତ୍ରୀ ଏବଂ ସେମାନଙ୍କ ଅଭିଭାବକମାନେ ଯୋଗ ଦେଇଥିଲେ । ଉକ୍ତ ବୈଠକ କାଳରେ ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ଓ ବୌଦ୍ଧିକ ବିକାଶରେ ଅଭିଭାବକ ଏବଂ ଶିକ୍ଷକଙ୍କ ଆବଶ୍ୟକୀୟ ଭୂମିକା ସମ୍ପର୍କେ ବ୍ୟାପକ ଆଲୋଚ୍ନା କରାଯାଇଥିଲା । ଏଥିସହ ଶ୍ରେଣୀରେ ଛାତ୍ରଛାତ୍ରୀଙ୍କ ସର୍ବନିମ୍ନ ଉପସ୍ଥାନ ୭୫% ଜରୁରୀ ହେତୁ ଅହେତୁକ ଅନୁପସ୍ଥିତି ପ୍ରତି କଡା ଆଭିମୁଖ୍ୟ ଗ୍ରହଣ ନିମନ୍ତେ ସର୍ବସମ୍ମତି ପ୍ରକାଶ ପାଇଥିଲା । ଉକ୍ତ କାର୍ଯ୍ୟକ୍ରମର ପରିଶେଷରେ ଛାତ୍ରୀ ଉର୍ମିଳା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

## ମାଲକାନଗିରି ଥାନାରେ ନୂଆ ଅଧିକାରୀ

**ମାଲକାନଗିରି,୨୦।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ସଦରରେ ଥିବା ମାଲକାନଗିରି ସଦର କୋରୁକୋଣ୍ଡା ଥାନାରେ ଗୁରୁବାର ନୂତନ ଅଧିକାରୀ ଭାବେ ଆର ବିଜୟ କୁମାର ଯୋଗଦେଇଛନ୍ତି । ଏଠାରେ ପୂର୍ବରୁ କାର୍ଯ୍ୟରତ ଥିବା ଥାନା ଅଧିକାରୀ ହିମାଂଶୁ ଶେଖର ବାରିକଙ୍କର ମାଲକାନଗିରି ଜିଲ୍ଲା ପୋଲିସ ମୁଖ୍ୟ କାର୍ଯ୍ୟାଳୟକୁ ବଦଳି ହୋଇଛି । ସେହିପରି ବିଜୟଙ୍କୁ ମାଲକାନଗିରି ପୋଲିସ ହେଡ୍ କ୍ୱାଟରରୁ କୋରୁକୋଣ୍ଡା ଥାନାକୁ ପୋଲିସ ପ୍ରଶାସନ ପକ୍ଷରୁ ବଦଳି ହୋଇଛି ବୋଲି ଜଣାପଡିଛି । ତେବେ କୋରୁକୋଣ୍ଡା ଥାନା ଅଧୀନରେ ଥିବା ସମସ୍ତ ଅଞ୍ଚଳରେ ଚୋରି, ଡକାୟତି ଭଳି ବିଭିନ୍ନ ପ୍ରକାର ଅପରାଧ ଓ ଗଞ୍ଜେଇ ଚୋରା ଚ଼ାଲାଣ ରୋକିବାକୁ ସମସ୍ତ ପ୍ରକାର ଉଦ୍ୟମ କରାଯିବ । ଏଥିସହିତ ଅଞ୍ଚଳରେ ନିୟମିତ ଗାଡି ମୋଟର ଯାଞ୍ଚ କରାଯିବ । ଆଇନ ଉଲଙ୍ଘନ କରି ବାଇକ ଓ ଗାଡି ଚ଼ଲାଉଥିବା ଗାଡି ଚ଼ାଳକ ଓ ମାଲିକଙ୍କ ବିରୁଦ୍ଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ କୋରୁକୋଣ୍ଡା ନୂତନ ଥାନା ଅଧିକାରୀ କହିଛନ୍ତି । ନୂତନ ଥାନା ଅଧିକାରୀ ବିଜୟ କୁମାରଙ୍କୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି ।

## ମହିଳା କମିଶନଙ୍କ ଦ୍ୱାରା କ୍ୟାମ୍ପ କୋର୍ଟ

**କେନ୍ଦୁଝର,୨୦।୧୨ ଏକ୍ସପ୍ରେସ୍ ନ୍ୟୁଜ୍**




ମହିଳାମାନଙ୍କ ସହ ଜଡିତ ଅଭିଯୋଗର ସମାଧାନ ଏବଂ ଜିଲ୍ଲାସ୍ତରରେ ଶୀଘ୍ର ସମାଧାନ ସୁନିଶ୍ଚିତ କରିବା ପାଇଁ ଶୁକ୍ରବାର ଓଡିଶା ରାଜ୍ୟ ମହିଳା କମିଶନର ଏକ କ୍ୟାମ୍ପ କୋର୍ଟ ଶୁଣାଣି କେନ୍ଦୁଝର ଜିଲ୍ଲାପାଳଙ୍କ ଦରବାର ହଲରେ ଅନୁଷ୍ଠିତ ହୋଇଯାଇଛି । ଓଡିଶା ରାଜ୍ୟ ମହିଳା କମିଶନର ଅଧକ୍ଷା ଶୋଭନା ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ କ୍ୟାମ୍ପ କୋର୍ଟରେ ସଦସ୍ୟ ପ୍ରତିଭା ଶତପଥୀ, ଉପ-ଆରକ୍ଷୀ ଅଧିକ୍ଷକ ପ୍ରଭା ଧାନ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମିତା ନାଏକ ପ୍ରମୁଖ ଉପସ୍ଥିତ ରହିଥିଲେ । କମିଶନଙ୍କ ନିର୍ଦ୍ଦେଶର ସମନ୍ୱୟ ଏବଂ କାର୍ଯ୍ୟାନ୍ୱୟନରେ ସହାୟତା କରିବା ପାଇଁ ସମାଜ ମଙ୍ଗଳ ଅଧିକାରୀ ଭାରତୀ ସାହୁ, ଜିଲ୍ଲା ସୁରକ୍ଷା ଅଧିକାରୀ ଚନ୍ଦ୍ରକାନ୍ତି ଜେନା, ଅନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ସହଯୋଗ କରିଥିଲେ । କ୍ୟାମ୍ପ କୋର୍ଟରେ ମୋଟ ୨୧ଟି ମାମଲା ପଞ୍ଜୀକୃତ ହୋଇଥିବାବେଳେ ତନ୍ମଧ୍ୟରୁ ୧୪ଟି ମାମଲାରେ ପକ୍ଷ ହାଜର ହୋଇଥିଲେ । ସେଥିମଧ୍ୟରୁ ୭ଟି ମାମଲାରେ ଉଭୟ ପକ୍ଷ, ୫ଟି ମାମଲାରେ କେବଳ ଆବେଦନକାରୀ ଏବଂ ୨ଟି ମାମଲାରେ କେବଳ ବିପରୀତ ପକ୍ଷ ହାଜର ହୋଇଥିଲେ । ଶୁଣାଣି ପରେ, ୪ଟି ମାମଲା ଘଟଣାସ୍ଥଳେ ଆପୋଷ ସମାଧାନ କରାଯାଇଥିଲା । ଦୁଇଟି ମାମଲା ସୁରକ୍ଷା ଅଧିକାରୀଙ୍କ ନିକଟକୁ ପଠାଯାଇଥିଲା ଏବଂ ଗୋଟିଏ ମାମଲା ଆବଶ୍ୟକୀୟ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ ପଠାଯାଇଥିଲା । ପାଞ୍ଚଟି ମାମଲାରେ, ପରବର୍ତ୍ତୀ ତାରିଖରେ ହାଜର ହେବା ପାଇଁ ପକ୍ଷମାନଙ୍କୁ ନୂତନ ନୋଟିସ ଜାରି କରାଯାଇଥିଲା । ସମ୍ପୃକ୍ତ ପକ୍ଷଙ୍କ ଅସହଯୋଗ ଯୋଗୁଁ ଦୁଇଟି ମାମଲା ପ୍ରତ୍ୟାହାର କରାଯାଇଥିଲା । ଏହା ସହିତ, କ୍ୟାମ୍ପ କୋର୍ଟ ସମୟରେ କମିଶନ ଦୁଇଟି ନୂତନ ମାମଲା ଗ୍ରହଣ କରିଥିଲେ । ସୂଚ୍ନାଯୋଗ୍ୟ ଓଡିଶା ରାଜ୍ୟ ମହିଳା କମିଶନର କ୍ୟାମ୍ପ କୋର୍ଟ ଜିଲ୍ଲାସ୍ତରରେ ଅଭିଯୋଗ ସମାଧାନ ପାଇଁ ଏକ ସୁଗମ ଏବଂ ପ୍ରଭାବଶାଳୀ ମଞ୍ଚ ପ୍ରଦାନ କରି ଉତ୍ପୀଡ଼ନର ଶିକାର ହେଉଥିବା ମହିଳାମାନଙ୍କୁ ସହଜରେ ନ୍ୟାୟ ପ୍ରଦାନ କରିବାର ଲକ୍ଷ୍ୟ ରଖିଛି ।

## ସଚେତନତା କାର୍ଯ୍ୟକ୍ରମ

**ସାକ୍ଷୀଗୋପାଳ,୨୦।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ବାସୁକେରା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠିତ ହୋଯାଇଅଛି । ନିଶାର ପ୍ରଭାବରେ ସମାଜ ଓ ଦେଶ କିପରି କବଳିତ ତାହା ଥିଲା ଆଜିର ଆଲୋଚ୍ୟ ବିଷୟ । ତତ୍‌ସହିତ କିଶୋର କିଶୋରୀମାନେ ନିଜକୁ କିପରି ଏଥିରୁ ନିବୃତ ରଖି ପାରିବେ, ତାହା ଉପରେ ବକ୍ତାମାନେ ବୁଝାଇଥିଲେ । ନିଶାକୁ ଗ୍ରହଣ ନକରି, ଭାରତବର୍ଷରେ କିପରି ମହାନ୍ ବ୍ୟକ୍ତିମାନେ ନିଜର ଶ୍ରେଷ୍ଠତା ପ୍ରତିପାଦନ କରିଛନ୍ତି, ତାହାର ଦୃଷ୍ଟାନ୍ତ ପ୍ରଦାନ କରାଯାଇଥିଲା । ନିଶାର ବିଜ୍ଞାନ ସମ୍ମତ ତଥ୍ୟ, ନିଜ ନିଜ ଅଭିଜ୍ଞତାର ତଥ୍ୟ, ଶପଥ ପାଠ ଓ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ କରାଯାଇ ପିଲାମାନଙ୍କୁ ସଚେତନ କରା ଯାଇଥିଲା । ଛାତ୍ର କୃଷ୍ଣଚନ୍ଦ୍ର ପ୍ରଧାନ, ପ୍ରଥେମ୍ସ ଦାଶ, ଛାତ୍ରୀ ଅଭିପ୍ସା ପ୍ରଧାନ ଓ ଲିଟିକା ସାମନ୍ତରାୟ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମରେ ସକ୍ରିୟ ଭାଗ ନେଇ ପୁରସ୍କୃତ ହୋଇଛନ୍ତି । ଏଥିରେ ବିଦ୍ୟାଳୟର ୨୦୦ ଛାତ୍ରଛାତ୍ରୀ, ଗୁରୁଜୀ ଗୁରୁମା ଭାଗ ନେଇ ଥିଲେ । ନିଶା ମୁକ୍ତି ଅଭିଯାନ, ଓଡ଼ିଶା ସ୍ୱାସ୍ଥ୍ୟ ସେବା ସମିତିର ଉପ ସଭାପତି ସ୍ମୃତି ଶେଖର ସାହୁ, ସାମାଜିକ କର୍ମୀ ଛଳେ ଚ଼ିତରୂପା ଷଡ଼ଙ୍ଗୀ, ସଂଯୋଜକ ଅବସପ୍ରାପ୍ତ ପ୍ରଧାନ ଶିକ୍ଷକ ରମେଶ ଚ଼ନ୍ଦ୍ର ପଣ୍ଡା, ସମାଜସେବୀ ବଳରାମ ପଣ୍ଡା, ଅବସପ୍ରାପ୍ତ ପ୍ରଧାନ ଶିକ୍ଷକ ସତ୍ୟବାଦୀ ଦାଶ, ଅବସପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ପରିଡ଼ା, ଅବସପ୍ରାପ୍ତ ଏ ଜି ଅଫିସର ନବଘନ ଶତପଥୀ, ଅବସପ୍ରାପ୍ତ ପ୍ରଧାନ ଶିକ୍ଷକ ମନୋରଂଜନ ମିଶ୍ର, ଅବସପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ହରପ୍ରିୟା କର, ବିଦ୍ୟାଳୟ ପରିଚ୍ାଳନା କମିଟି ସଭାପତି ଜୟନ୍ତ କୁମାର ତ୍ରିପାଠୀ ଓ ସମ୍ପାଦକ ବାଉରୀବନ୍ଧୁ ସ୍ୱାଇଁ ଉପସ୍ଥିତ ରହି ସଚେତନ କରାଇ ଥିଲେ । ଶେଷରେ ବିଦ୍ୟାଳୟର ପ୍ରଧାନ ଆଚ୍ାର୍ଯ୍ୟ ଦେବକୁମାର ମିଶ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ନ୍ୟାସନାଲ ହେରାଲଡ ମାମଲାରେ କଂଗ୍ରେସର ବିକ୍ଷୋଭ




**ଜଗତସିଂହପୁର,୨୦।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ନ୍ୟାସନାଲ ହେରାଲଡ ମାମଲାରେ କଂଗ୍ରେସ ସଂସଦୀୟ ଦଳର ଚେୟାରମ୍ୟାନ ସୋନିଆ ଗାନ୍ଧୀ ଓ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ଛବିକୁ ମଳିନ କରିବାପାଇଁ ବିଜେପି ସରକାର ଇଡିକୁ ଲଗାଇ ଯେଉଁ ଅପଚେଷ୍ଟା କରିଥିଲା ତାକୁ ନେଇ କଂଗ୍ରେସ ରାଜରାସ୍ତା କଓ୍ୱ ଓହ୍ଲାଇବା ସହ ଆନ୍ଦୋଳନକୁ ଜୋରଦାର କରିଛି । ଓପିସିସି ନିର୍ଦ୍ଦେଶ କ୍ରମେ ଜଗତସିଂହପୁର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଶତାଧିକ କଂଗ୍ରେସ କର୍ମୀମାନେ ଜିଲ୍ଲା କଂଗ୍ରେସ ସଭାପତି ଦେବ ପ୍ରସାଦ ନାୟକଙ୍କ ନେତୃତ୍ୱରେ ଓ ଓପିସିସି ଉପ ସଭାପତି ଡ଼. ଲଲାଟେନ୍ଦୁ ମହାପାତ୍ରଙ୍କ ଉପସ୍ଥିତିରେ ଜିଲ୍ଲା ବିଜେପି କାର୍ଯ୍ୟାଳୟ ଘେରାଉ କରିବା ପାଇଁ ଟାଉନ ହଲ ଠାରୁ ମଶାଲ ଶୋଭାଯାତ୍ରାରେ ବାହାରି ସରକାର ବିରୁଦ୍ଧରେ ନାରାବାଜି କରିଥିଲେ । ଜୟବଡ ବାଳିକା ବିଦ୍ୟାଳୟ ନିକଟରେ ପୋଲିସ କଂଗ୍ରେସ କର୍ମୀମାନଙ୍କୁ ଅଟକାଇଥିଲା କିଛି ସମୟ ପୋଲିସ ଓ କଂଗ୍ରେସ କର୍ମୀମାନଙ୍କ ମଧ୍ୟରେ ଧସ୍ତାଧସ୍ତି ପରିସ୍ଥିତି ସୃଷ୍ଟି ହୋଇଥିଲା । ସେଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଗୃହମନ୍ତ୍ରୀ ଅମିତ ଶାହାଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ । ଓପିସିସି ଉପ ସଭାପତି ଡ଼.ଲଲାଟେନ୍ଦୁ ମହାପାତ୍ର, ପ୍ରଶାନ୍ତ ମହାପାତ୍ର, ବଲ୍ଲଭାନନ୍ଦ ସ୍ୱାଇଁ, ମହନି ଚ଼ରଣ ରାଉତ, ଅଭିଜିତ ସାହୁ, ରାଜେନ୍ଦ୍ର ସ୍ୱାଇଁ, ଈଶ୍ୱର ଚ଼ନ୍ଦ୍ର ସ୍ୱାଇଁ, ବୃନ୍ଦାବନ ପ୍ରଧାନ, ହିଫଜୁର ରେହମାନ, ଦେବ ପ୍ରସାଦ ମହାପାତ୍ର, ଅବଦୁଲ ମାଜିଦ୍, ସେକ୍ ହିଦାୟତ ଅଲ୍ଲୀଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଯୋଗଦେଇଥିଲେ ।

## ବିଦ୍ୟାଳୟର ବାର୍ଷିକ କ୍ରୀଡା



**ମାହାଙ୍ଗା,୨୦।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ମାହାଙ୍ଗା ବ୍ଲକ ଅନ୍ତର୍ଗତ କୋଳିଅଠା ପଞ୍ଚାୟତସ୍ଥିତ ବାସନ୍ତୀ ଜୟଦୁର୍ଗା ସରକାରୀ ଉଚ୍ଚ ବିଦ୍ୟାଳୟ କୋଳିଅଠାର ବାର୍ଷିକ କ୍ରୀଡା ଉତ୍ସବ ୩ ଦିନ ବ୍ୟାପୀ ଅନୁଷ୍ଠିତ ହୋଇଯାଇଛି । ଏହି ବାର୍ଷିକ କ୍ରୀଡାକୁ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଲକ୍ଷ୍ମଣ ଗିରି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ସହ କ୍ରୀଡାବିତମାନଙ୍କୁ ଉତ୍ସାହିତ କରି ସେମାନଙ୍କ ଉଜ୍ୱଳ ଭବିଷ୍ୟତ କାମନା କରିଥିଲେ । କ୍ରୀଡା ଶିକ୍ଷୟିତ୍ରୀ କିରଣବାଳା ସ୍ୱାଇଁ, ବସନ୍ତ ସିଂହ, ଟୁକୁନା ଦାଶ, ଅଜୟ କୁମାର ସେନାପତି ପ୍ରମୁଖ ଖେଳ ପରିଚାଳନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷକ ଶିକ୍ଷୟିତ୍ରୀ ସର୍ବଶ୍ରୀ ଟ୍ୱିଙ୍କିଲ ସେନ, ମାନସ କୁମାର ମଲିକ, ସୋନାଲିତା ରଥ, ଗୋପୀନାଥ କିସାନ, ନରହରି ସାହୁ, ଗୁରୁଚରଣ ସାମଲ, ଲକ୍ଷ୍ମୀ ନାୟକ, ପାରାୟିଣୀ ମାଝି, ଦେବେନ୍ଦ୍ର ବଳ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ । ଏହି ଅବସରରେ କୁନି କୁନି ଛାତ୍ରଛାତ୍ରୀଙ୍କ ଦ୍ୱାରା ସଂଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା ।।

## ସର୍ଗିଫୁଲ ଶିଶୁ ଉତ୍ସବରେ ଧୋବେଇ ଏସଏସଡି ହାଇସ୍କୁଲ ଦ୍ୱିତୀୟ

**ନୂଆପଡ଼ା,୨୦।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ନୂଆପଡ଼ା ଜିଲ୍ଲା ଉପାନ୍ତ ବ୍ଲକ ବୋଡ଼େନ ଅନ୍ତର୍ଗତ ଧୋବେଇ ଏସଏସଡି ଉଚ୍ଚ ବିଦ୍ୟାଳୟ ରାଜ୍ୟରେ ଦ୍ୱିତୀୟ ସ୍ଥାନ ଅଧିକାର କରି ଜିଲ୍ଲା ପାଇଁ ଗର୍ବ ଆଣିଛି । ଭୁବନେଶ୍ୱର ଆଦିବାସୀ ପଡିଆ ଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସୁରଭି ମହୋତ୍ସବ ୨୦୨୫ ସମ୍ପନ୍ନ ହୋଇଯାଇଛି । ନୂଆପଡା ଜିଲ୍ଲା ବୋଡ଼େନ ବ୍ଲକ ଧୋବେଇ ଏସଏସଡି ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ନୂଆପଡା ଜିଲ୍ଲା ପକ୍ଷରୁ ପ୍ରତିନିଧିତ୍ୱ କରି ଉଚ୍ଚକୋଟିର ଗୃପ ଡେନ୍ସ ପ୍ରଫରମେନ୍ସ ଦେଖାଇଛନ୍ତି । ଶନିବାର ରାଜ୍ୟର ବିଭିନ୍ନ ବିଦ୍ୟାଳୟର ନାମ ଘୋଷଣା କରାଯାଇଥିଲା । ତା'ର ଫଳାଫଳକୁ ଦୀର୍ଘ ସମୟ ଅପେକ୍ଷା ପରେ ବୋଡ଼େନ ବ୍ଲକ୍ ଧୋବେଇ ବିଦ୍ୟାଳୟ ରାଜ୍ୟସ୍ତରୀୟ ଉତ୍ସବରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ । ଉପାନ୍ତରୁ ଆସି ରାଜ୍ୟରେ ଦ୍ୱିତୀୟ ସ୍ଥାନ ଅଧିକାର କରିବା ଗୌରବର ବିଷୟ । ଏହି ଖବର ପରେ ଜିଲ୍ଲାପାଳ ମଧୁସୁଦନ ଦାସ ମଧ୍ୟ ଧନ୍ୟବାଦ ଅର୍ପଣ କରିଛନ୍ତି ।

## ମହାବିଦ୍ୟାଳୟରେ ବାର୍ଷିକୋତ୍ସବ



**ନିଆଳି,୨୦।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ଦେବୀ କନ୍ଦଳ ନିତ୍ୟାନନ୍ଦ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଉତ୍ସାହର ସହିତ ପାଳିତ ହୋଇଅଛି । କାର୍ଯ୍ୟକ୍ରମର ଉଦଘାଟନ, ଯିଏ ଅନୁଷ୍ଠାନର ସଫଳତା ଉପରେ ଆଲୋକପାତ କରିଥିଲେ ଏବଂ ଛାତ୍ରମାନଙ୍କୁ ଶିକ୍ଷା, ଶୃଙ୍ଖଳା ଏବଂ ସହ-ପାଠ୍ୟକ୍ରମିକ କାର୍ଯ୍ୟକଳାପରେ ଉତ୍କର୍ଷତା ପାଇଁ ପ୍ରୟାସ କରିବାକୁ ଉତ୍ସାହିତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ନିଆଳିର ବିଧାୟକ ଛବି ମଲ୍ଲିକ ଏବଂ ଅଧକ୍ଷ ମାର୍କଣ୍ଡେଶ୍ୱର ମହାପାତ୍ରଙ୍କ ଦ୍ୱାରା ଉଦଘାଟନ କରିଥିଲେ । ସାଂସଦ ଜଗତସିଂପୁରର ପ୍ରତିନିଧି ଜ୍ୟୋତି ରଞ୍ଜନ ମହାନ୍ତି ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ ଏବଂ ଉଚ୍ଚଶିକ୍ଷା ଏବଂ ଯୁବ ସଶକ୍ତିକରଣର ଗୁରୁତ୍ୱ ଉପରେ ସଭାକୁ ଉଦବୋଧନ ଦେଇଥିଲେ । ମୁଖ୍ୟବକ୍ତା, ଓଡ଼ିଆ ଭାଷା ଏବଂ ସାହିତ୍ୟର ଜଣେ ପ୍ରସିଦ୍ଧ ବ୍ୟକ୍ତିତ୍ୱ ପ୍ରଫେସର ବେଣୁଧର ପାଢ଼ୀ ଓଡ଼ିଆ ଭାଷା, ସଂସ୍କୃତି ଏବଂ ନୈତିକ ମୂଲ୍ୟବୋଧର ସମୃଦ୍ଧି ଉପରେ ଏକ ପ୍ରେରଣାଦାୟକ ଭାଷଣ ଦେଇଥିଲେ । ଅଧାପକ ଗୋପାଳ କୃଷ୍ଣ ମିଶ୍ରଙ୍କ ସ୍ୱାଗତ ଭାଷଣ ସହିତ ଆରମ୍ଭ ହୋଇଥିଲା, ତା'ପରେ ଡ଼ ଅଜୟ କୁମାର ଆଚ୍ାର୍ଯ୍ୟଙ୍କ ଦ୍ୱାରା ବାର୍ଷିକ ରିପୋର୍ଟ ପାଠ କରାଯାଇଥିଲା, ଯିଏ ବର୍ଷ ମଧ୍ୟରେ କଲେଜର ଶୈକ୍ଷିକ, ସାଂସ୍କୃତିକ ଏବଂ ଅନୁଷ୍ଠାନିକ ସଫଳତା ଉପସ୍ଥାପନ କରିଥିଲେ । କାର୍ଯ୍ୟକ୍ରମ ସମୟରେ, ମେଧାବୀ ଛାତ୍ରଛାତ୍ରୀ ଏବଂ ବିଭିନ୍ନ ଶୈକ୍ଷିକ, ସାଂସ୍କୃତିକ ଏବଂ କ୍ରୀଡା ଇଭେଣ୍ଟର ବିଜେତାମାନଙ୍କୁ ପ୍ରମାଣପତ୍ର ଏବଂ ପୁରସ୍କାର ବଣ୍ଟନ କରାଯାଇଥିଲା । ଧନ୍ୟବାଦ ପ୍ରସ୍ତାବ ଅଧାପିକା ସୁଶ୍ରୀ ରାଜଲକ୍ଷ୍ମୀ ସ୍ୱାଇଁଙ୍କ ଦ୍ୱାରା ପ୍ରସ୍ତାବିତ କରାଯାଇଥିଲା । ଅଧାପକ ଏବଂ ଛାତ୍ରଛାତ୍ରୀମାନଙ୍କ ସହଯୋଗରେ ମନୋଜ କୁମାର ସେନାପତି ଏବଂ ଡ଼ ଅନୁପ ରଞ୍ଜନ ମାର୍ଥା ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ସଫଳତାର ସହିତ ସଂଯୋଜନା କରିଥିଲେ ।

## ଜେଏସଡବ୍ଲୁ, ବିପିଏସଏଲ୍‌ର ଅନ-ସାଇଟ୍ ଜରୁରୀକାଳୀନ ଯୋଜନାର କାର୍ଯ୍ୟକାରିତା



**ସମ୍ବଲପୁର,୨୦।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

'ବ୍ୟବସ୍ଥାର କାର୍ଯ୍ୟକାରିତା ଯାଞ୍ଚ କରିବା ପାଇଁ ୧୮ ଡିସେମ୍ବର ୨୫ରେ ଅନ୍-ସାଇଟ୍ ଜରୁରୀକାଳୀନ ଯୋଜନାକୁ ସକ୍ରିୟ କରିବା ସମୟରେ ଏକ ଉଚ୍ଚସ୍ତରୀୟ ବୃତ୍ତିଗତ ମକ୍ ଡ୍ରିଲ୍ କରାଯାଇଥିଲା ।' 'ଡ୍ରିଲର ଉଦ୍ଦେଶ୍ୟ ଥିଲା ଉତ୍ତପ୍ତ ଧାତୁ ନିର୍ଗତ ହେବା କାରଣରୁ ଅଗ୍ନିକାଣ୍ଡ ଏବଂ ଆହତ ହେବାର ଅବସ୍ଥାକୁ ଅନୁକରଣ କରିବା ଏବଂ ପ୍ଲାଣ୍ଟର ଜରୁରୀକାଳୀନ ପ୍ରସ୍ତୁତି ଯାଞ୍ଚ କରିବା ।' ମୁଖ୍ୟ ଅତିଥିମାନଙ୍କ ମଧ୍ୟରେ କାରଖାନା ଏବଂ ବଏଲର ଉପ-ନିର୍ଦ୍ଦେଶକ ସ୍ୱରୂପ ଜେନା, ସହକାରୀ ନିର୍ଦ୍ଦେଶକ ଉମାକାନ୍ତ ସାମନ୍ତରାୟ ଏବଂ ସୁରକ୍ଷା ସହଯୋଗୀ ତଥା ପାରସ୍ପରିକ ସହାୟତା ଯୋଜନା (ପାରସ୍ପରିକ ସହାୟତା ଯୋଜନା)ର ଅଂଶସ୍ୱରୂପ ଏହି ଅଭ୍ୟାସ ବା ଡ୍ରିଲ୍‌କୁ ଦେଖିବା ପାଇଁ ନିକଟସ୍ଥ ଶିଳ୍ପାନୁଷ୍ଠାନ ଯଥା ବେଦାନ୍ତ, ରୁଙ୍ଗଟା ଷ୍ଟିଲ୍, ଆସାର୍ (ଏଏସଏଆର୍) ଇଣ୍ଡଷ୍ଟ୍ରିଜ୍ ଏବଂ ଓଡ଼ିଶା ଷ୍ଟିଲ୍‌ସର ପ୍ରତିନିଧିମାନେ ସାମିଲ ହୋଇଥିଲେ । ଏହି ମକ ଡ୍ରିଲ୍ ସମସ୍ତ ଦଳ ମଧ୍ୟରେ ଉତ୍ତମ ସମନ୍ୱୟ ପ୍ରଦର୍ଶନ କରିଥିଲା, ଯାହା ଫଳରେ ଅଗ୍ନିକୁ ସମୟୋପଯୋଗୀ ଭାବରେ ଲିଭାଇବା ଏବଂ କୃତ୍ରିମ ପୀଡିତକୁ ଶୀଘ୍ର ଉଦ୍ଧାର କରିବା ସମ୍ଭବ ହୋଇଥିଲା । ଏହି ଡ୍ରିଲ୍ ସଫଳତା ଜେଏସଡବ୍ଲୁ, ବିପିଏସଏଲ୍‌ର ଜରୁରୀ ପରିସ୍ଥିତିକୁ ଦକ୍ଷତାର ସହିତ ମୁକାବିଲା କରିବା, କର୍ମଚ଼ାରୀ, ଯନ୍ତ୍ରପାତି ଏବଂ ପାର୍ଶ୍ୱବର୍ତ୍ତୀ ସମ୍ପ୍ରଦାୟର ସୁରକ୍ଷା ସୁନିଶ୍ଚିତ କରିବାର ପ୍ରସ୍ତୁତିକୁ ଦର୍ଶାଉଛି । ଏହି ଅବସରରେ ଜେଏସଡବ୍ଲୁ, ବିପିଏସଏଲ୍‌ର ସଭାପତି ତଥା ଡବ୍ଲୁଟିଡି ଅନିଲ କୁମାର ସିଂହ, ଉଦ୍ଧାରକାରୀ ଦଳ, ଅଗ୍ନିଶମ ଦଳ ଏବଂ ସହାୟକ ଦଳ ମଧ୍ୟରେ ଥିବା ସୂକ୍ଷ୍ମ ଯୋଜନା, ତ୍ୱରିତ ପ୍ରତିକ୍ରିୟା ଏବଂ ସମନ୍ୱୟର ଉଚ୍ଚପ୍ରଶଂସା କରିଥିଲେ । ସ୍ୱରୂପ ଜେନା ଏହିଭଳି ମକ୍ ଡ୍ରିଲ୍‌ର ଗୁରୁତ୍ୱ ଉପରେ ଆଲୋକପାତ କରିବା ସହ ପ୍ରକ୍ରିୟାଗୁଡ଼ିକର ଅଧିକ ପରିମାର୍ଜନ ପାଇଁ ମୂଲ୍ୟବାନ ପରାମର୍ଶ ଦେଇ ସମସ୍ତ କର୍ମଚ଼ାରୀଙ୍କୁ ଉତ୍ସାହିତ କରିଥିଲେ । ଏହି କାର୍ଯ୍ୟକ୍ରମ ସିନିୟର ଭିପି ପ୍ରକାଶ ସାସ୍ପା ଏବଂ ସୁରକ୍ଷା ଓ ଅଗ୍ନିଶମ ସେବା ବିଭାଗର ମୁଖ୍ୟ ଅଶୋକ ବିଶ୍ୱାଳଙ୍କ ନେତୃତ୍ୱରେ ପରିଚ଼ାଳିତ ହୋଇଥିଲା ।

## ଡିଜେ ମାଲିକ ଘରେ ଇଓଡବ୍ଲ୍ୟୁ ଟିମ୍



**ଭଦ୍ରକ:ଏକ୍ସପ୍ରେସ୍ ନ୍ୟୁଜ୍**

ଭଦ୍ରକର ଯୁବ ବ୍ୟବସାୟ ତଥା ଭଦ୍ରାୟିଣୀ ଡିଜେ, ଭଦ୍ରାୟିଣୀ ଫଟୋଗ୍ରାଫି, ଭଦ୍ରାୟିଣୀ ମୋବାଇଲ ସୋରୁମ ସଂସ୍ଥାର ମାଲିକ ରାମ ନାରାୟଣ ବଳଙ୍କ ବାଇପାସସ୍ଥିତ ଘର, ସାବରଙ୍ଗ ଏରଡ଼ା ଓ ରମ୍ଭିଲା ଫାର୍ମ ହାଉସରେ ଇଓଡବ୍ଲ୍ୟୁର ୩ ଟିମ ଚଢ଼ାଉ କରିଛି। ସୂଚନା ଅନୁଯାୟୀ ଗତ ୩ ମାସ ପୂର୍ବେ ଆୟବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ ଇଓଡବ୍ଲ୍ୟୁର ଏକ ଟିମ ଭଦ୍ରକ ବାସଭବନରୁ ଉଠାଇ ନେଇଥିଲା। ବର୍ତ୍ତମାନ ରାମନାରାୟଣ ବଳ ଚୌଦ୍ୱାର ଜେଲରେ ଥିବା ବେଳେ କିଭଳି କେଉଁ ପରିସ୍ଥିତିରେ ରାମନାରାୟଣ ବଳ ହଠାତ ଏତେ ସଂସ୍ଥାର ମାଲିକ ହେବା ସହ ନାମିଦାମୀ ଗାଡି ସହ କୋଟିପତି ହୋଇ ଅୟସ କରୁଥିଲେ ତାର ଖୋଳତାଡ଼ କରୁଛି ଇଓଡବ୍ଲ୍ୟୁ ଟିମ। ସେହିପରି ରାମନାରାୟଣ ବଳ ଯାଜପୁରରେ ବବି ଦାସଙ୍କ ଲିଙ୍କରେ ରହି ବିଭିନ୍ନ କାର୍ଯ୍ୟରେ ଲିପ୍ତ ହୋଇ ଅର୍ଥ ଉପାର୍ଜନ କରୁଥିବାର ଚର୍ଚ୍ଚା ହେଉଛି। ତେବେ ରାମ ନାରାୟଣ ସହ କାହାର ଲିଙ୍କ ଅଛି ଇଓଡବ୍ଲ୍ୟୁର ତଦନ୍ତ ପରେ ଜଣାପଡିବ ବୋଲି କୁହାଯାଉଛି।

## ବ୍ରାଉନସୁଗାର ଜବତ

**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

ବ୍ରାଉନସୁଗାର ବେପାର କରିବା ଅଭିଯୋଗରେ କଟକ ଅବକାରୀ ବିଭାଗ ଟିମ ଶନିବାର ସ୍ଥାନୀୟ ମଧୁପାଟଣା ଥାନା ଅନ୍ତର୍ଗତ ବାଲିସାହି ଠାରେ ଚଢ଼ାଉ କରି ଜଣକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ ମଧୁପାଟଣା ଥାନା ଅନ୍ତର୍ଗତ ନୂଆପଡ଼ା ଅଂଚଳର ଅଭିମନ୍ୟୁ ନାୟକ (୩୯) । ଅବକାରୀ ପୋଲିସ ଅଭିଯୁକ୍ତଠାରୁ ୪୦ ଗ୍ରାମର ବ୍ରାଉନସୁଗାର ଜବତ କରିଛି । ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୪ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ଆକଳନ କରାଯାଇଛି । ଏହି ଚଢ଼ାଉରେ ଅବକାରୀ ଓଆଇସି ତରୁଣ ପାତ୍ର, ଏଏସଆଇ ବିଷ୍ଣୁ ପ୍ରସାଦ ମାଝି, ଏଲିସି ବାସନ୍ତୀ ସଲିମା, କନେଷ୍ଟବଳ ଦୀପକ ସାହୁ ଓ ସୌରଜିତ ମହାପାତ୍ର ପ୍ରମୁଖ ସାମିଲ ହୋଇଥିଲେ। ଗିରଫ ଅଭିଯୁକ୍ତ ଅଭିମନ୍ୟୁକୁ କୋର୍ଟ ଚାଲାଣ କରାଯାଇଛି ।

## ଗଞ୍ଜେଇ ସହ ଦୁଇ ଗିରଫ



**ଜଗତସିଂହପୁର:ଏକ୍ସପ୍ରେସ୍ ନ୍ୟୁଜ୍**

ଶନିବାର ଦୁଇଟି ଭିନ୍ନ ଭିନ୍ନ ସ୍ଥାନରେ ଚଢାଉ କରି ଦୁଇ ଜଣ ନିଶା ବେପାରୀଙ୍କୁ ଗିରଫ କରିଛି ଜଗତସିଂହପୁର ଅବକାରୀ ବିଭାଗ। ବିରିଡି ଥାନା ଅନ୍ତର୍ଗତ ଉତ୍ତରସାହି ସ୍ଥିତ ପଞ୍ଚଲିଙ୍ଗେଶ୍ୱର ଶୈବପୀଠରେ ଦୀର୍ଘ ଦିନ ହେବ ଗଞ୍ଜେଇ କାରବାର ଲୁଚାଛପାରେ ଚାଲୁଥିବା ବେଳେ ଏକ ବିଶେଷ ସୂତ୍ରକୁ ଆଧାର କରି ଜିଲ୍ଲା ଭ୍ରାମ୍ୟମାଣ ସଂସ୍ଥା, ଜଗତସିଂହପୁରର ଇନ୍ସପେକ୍ଟର ପ୍ରଭାସ କୁମାର ଚୌଧୁରୀ ଟିମ ସହ ଚଢାଉ କରିଥିଲେ। ଅଭିଯୁକ୍ତ ଜଣଙ୍କ ଘଟଣାସ୍ଥଳରୁ ଖସି ପଳାଇବାକୁ ଚେଷ୍ଟା କରୁଥିବାବେଳେ ତାକୁ କାବୁ କରିନେଇଥିଲେ। ଯାଞ୍ଚ ପରେ ତାଙ୍କ ନିକଟରୁ ୧କେଜି ୪୫୦ ଗ୍ରାମର ଗଞ୍ଜେଇ ଜବତ କରାଯାଇଥିଲା ଯାହାର ଆନୁମାନିକ ମୂଲ୍ୟ ୧୫,୪୦୦ ଟଙ୍କା। ଗିରଫ ଅଭିଯୁକ୍ତ ଜଣକ ହେଲେ ବିରିଡି ଥାନା ଅଲାଣ୍ଡୋ ଗ୍ରାମର ନୃସିଂହ ଚରଣ ପରିଜାଙ୍କ ପୁଅ ରଞ୍ଜନ(୪୫)।

ସେହିପରି ଅନ୍ୟ ଏକ ଘଟଣା ରେ ତିର୍ତ୍ତୋଲ ଅବକାରୀ ଥାନାର ସବ୍‌ଇନ୍ସପେକ୍ଟର ସ୍ମିତା ପଣ୍ଡାଙ୍କ ନେତୃତ୍ୱରେ ଏକ ଟିମ ତିର୍ତ୍ତୋଲ ଥାନା ଅନ୍ତର୍ଗତ ଗୋପାଳପୁର ଗ୍ରାମରେ ଚଢାଉ କରି ୧କେଜି ୫୪୦ ଗ୍ରାମର ଗଞ୍ଜେଇ ଜବତ କରିବା ସହ ଗଞ୍ଜେଇ ବେପାରରେ ଜଡିତ ଥିବା ଗୋପାଳପୁର ଗ୍ରାମର ଶରତ ଚନ୍ଦ୍ର ବାରିକଙ୍କ ପୁଅ ତ୍ରିଲୋଚନ(୩୬)କୁ ଗିରଫ କରିଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧୫,୫୪୦ ଟଙ୍କା ହେବ।

ଆଜିର ଏହି ଚଢାଉରେ ତିର୍ତ୍ତୋଲ ଅବକାରୀ ଥାନାର କନଷ୍ଟେବଳ ଲକ୍ଷ୍ମୀନାରାୟଣ ମଲ୍ଲିକ, କଲ୍ୟାଣୀ ସେଠୀ ଏବଂ ଜିଲ୍ଲା ଭ୍ରାମ୍ୟମାଣ ସଂସ୍ଥା, ଜଗତସିଂହପୁରର ସବ୍‌ଇନ୍ସପେକ୍ଟର ଭାଗ୍ୟଲକ୍ଷ୍ମୀ ଦଳେଇ, ଏଏସ୍‌ଆଇ ସନ୍ତୋଷ ନାୟକ, ପିନାକୀ ରଞ୍ଜନ ରାଉତ, କନଷ୍ଟେବଳ ସବିତା ନାୟକ, ସୁକାନ୍ତ ମାଝୀ ପ୍ରମୁଖ ସାମିଲ ଥିଲେ। ଗିରଫ ଦୁଇ ଅଭିଯୁକ୍ତଙ୍କୁ ଦୁଇଟି ଅଲଗା ଅଲଗା ମାମଲାରେ କୋର୍ଟ ଚାଲାଣ କରାଯାଇଥିବାବେଳେ ଅଭିଯୁକ୍ତ ଦ୍ୱୟଙ୍କ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି।

## ୪ ବାଇକ୍ ଚୋର ଗିରଫ

**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

୨ ଚକିଆ ଗାଡ଼ି ଚୋରି କରିବା ଅଭିଯୋଗରେ ଲାଲବାଗ ଥାନା ପୋଲିସ ଜଣେ ଗାଡ଼ିଚୋର ଓ ୩ ଜଣ କ୍ରେତାକୁ ମିଶାଇ ମୋଟ ୪ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ, ଗାଡ଼ିଚୋର କଟକ ଜିଲ୍ଲା ଆଠଗଡ଼ ପୋଲିସ ଥାନା ଅନ୍ତର୍ଗତ ରଗଡ଼ପଡ଼ା ଗ୍ରାମର ରଣଜିତ ବେହେରା ଓରଫ ବଣ୍ଟି (୨୧) ଏବଂ କ୍ରେତା ଆଠଗଡ଼ ଥାନା ଅନ୍ତର୍ଗତ ଜେନାପଡ଼ା ଗ୍ରାମର ଶକ୍ତି ପ୍ରସାଦ ନାୟକ (୧୯) । ଢ଼େଙ୍କାନାଳ ଜିଲ୍ଲା ସଦର ଥାନା ଅନ୍ତର୍ଗତ ଗୋବିନ୍ଦପୁରର ସିପୁନ ନାୟକ (୨୦) ଓ କଟକ ଜିଲ୍ଲା ଖୁଣ୍ଟୁଣି ଥାନା ଅନ୍ତର୍ଗତ ରାଧାକିଶନପୁରର ରାଜା ନାୟକ (୨୧)। ଅଭିଯୁକ୍ତ ବଣ୍ଟି ନିକଟରୁ ପୋଲିସ ୫ଟି ଦୁଇ ଚକିଆ ଗାଡ଼ି ଜବତ କରିଛି। ଅଭିଯୁକ୍ତ ବଣ୍ଟି ନାଁରେ ବିଭିନ୍ନ ଥାନାରେ ୫ଟି ମାମଲା ପୂର୍ବରୁ ରହିଥିବା ପୋଲିସ ସୂଚନା ଦେଇଛି । ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ବାଇକ୍ ଡିକି ଭାଙ୍ଗି ୯୯ହଜାର ଟଙ୍କା ଲୁଟ୍



**ଜଳେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ଶୁକ୍ରବାର ଦିନ ଦ୍ୱିପ୍ରହରରେ ବାଇକ୍ ଡିକି ଭାଂଗି ୯୯ହଜାର ଟଙ୍କା ଲୁଟିନେଇଥିବା ଜଳେଶ୍ୱର ଥାନାରେ ଅଭିଯୋଗ ହୋଇଛି। ପଶ୍ଚିମବଂଗର କୁସୁମା ଗ୍ରାମନିବାସୀ ଶୁଭେନ୍ଦୁ ଦାସ ନୂଆବଜାରସ୍ଥିତ ୟୁନିୟନ ବ୍ୟାଙ୍କରୁ ୯୯ ହଜାର ଟଙ୍କା ଉଠାଇ ନିଜ ବାଇକ୍ ଡବ୍ଲୁବି୩୬ଏମ୍-୨୧୪୧ରେ ଥିବା ଡିକିରେ ରଖିଥିଲେ। ସେଠାରୁ ବାଇପାସ୍ ସ୍ଥିତ ଜନଔଷଧି କେନ୍ଦ୍ରରୁ ଔଷଧ ନେବାବେଳେ ଡିକି ଭାଙ୍ଗି ଦୁର୍ବୃତ୍ତମାନେ ୯୯ହଜାର ଟଙ୍କା ନେଇ ଚମ୍ପଟ ମାରିଥିଲେ। ଏ ସଂପର୍କରେ ସିସି କ୍ୟାମେରା ଭିଡିଓ ଫୁଟେଜ୍ ସହ ଜଳେଶ୍ୱର ଥାନାରେ ଅଭିଯୋଗ କରିଥିବା ବେଳେ ପୁଲିସ୍ ଅନୁସନ୍ଧାନ ଚଳାଇଥିବା ଜଣାଯାଇଛି। ସୂଚନାଯୋଗ୍ୟ ଜଳେଶ୍ୱର ସହର ପଶ୍ଚିମବଂଗ ସୀମାକୁ ଲାଗି ରହିଥିବାରୁ ପ୍ରତି ମାସରେ ଏପରି ଲୁଟ, ଛିନ୍‌ତାଇ ଘଟଣା ଦେଖିବାକୁ ମିଳୁଛି।

## ଟାଟା ଷ୍ଟିଲ୍ ଫେରୋ ଆଲଏଜ୍ ପ୍ଲାଣ୍ଟରେ କର୍ମଚାରୀଙ୍କ ଧାରଣା

**କଳିଙ୍ଗନଗର:ଏକ୍ସପ୍ରେସ୍ ନ୍ୟୁଜ୍**

କଳିଙ୍ଗନଗର ଶିଳ୍ପାଞ୍ଚଳ ଅନ୍ତର୍ଗତ ଟାଟା ଷ୍ଟିଲର ଯାଜପୁର ଫେରୋ ଆଲଏଜ୍ ପ୍ଲାଣ୍ଟରେ ସାତ ଦଫା ଦାବି ନେଇ କର୍ମଚାରୀମାନେ ଧାରଣାରେ ବସିଛନ୍ତି। ୨୦୨୦ ମସିହା ମାର୍ଚ୍ଚ ମାସରେ ରୋହିତ ଫେରୋଟେକ୍ କାରଖାନା ଋଣ ପରିଶୋଧ ନ କରିବା କାରଣରୁ ଋଣ ପ୍ରଦାନକାରୀ ବ୍ୟାଙ୍କ ସମୂହ ଏନ୍‌ସିଏଲଟି କୋର୍ଟର ଦ୍ୱାରସ୍ଥ ହୋଇଥିଲେ। ରୋହିତ୍ କାରଖାନାର କଳିଙ୍ଗନଗର, ବିଷ୍ଣୁପୁର ଏବଂ ହଳଦିଆ ତିନୋଟି ଯାକ କାରଖାନାକୁ ୨୦୨୨ ମସିହା ଏପ୍ରିଲ ମାସରେ ଟାଟା ଷ୍ଟିଲ ଆଣ୍ଡ ମାଇନିଂ ୬୧୭ କୋଟି ଟଙ୍କାରେ ଅଧିଗ୍ରହଣ କରିଥିଲା। ୨୦୨୩ ମସିହା ସେପ୍ଟେମ୍ବର ମାସରେ ଟାଟା ଷ୍ଟିଲ ଆଣ୍ଡ ମାଇନିଂ ସମେତ ଟାଟା ଗ୍ରୁପର ୭ଟି କମ୍ପାନୀ ଟାଟା ଷ୍ଟିଲ ସହ ମିଶି ଯାଇଥିଲା। ଟାଟା ଷ୍ଟିଲ ସହ ମିଶିଲା ପରେ କାରଖାନା ଶ୍ରମିକ ଏବଂ କର୍ମଚାରୀମାନଙ୍କ ମନରେ ଆନନ୍ଦର



ଲହରି ଖେଳି ଯାଇଥିଲା। କାରଖାନା କର୍ତ୍ତୃପକ୍ଷ ସେହି ସମୟରେ କର୍ମଚାରୀମାନଙ୍କୁ ଡରାଇ ୨୦୨୯ ମସିହା ପର୍ଯ୍ୟନ୍ତ ଦରମାରେ କୌଣସି ବଡ ପରିବର୍ତ୍ତନ ନ ହେବା ପାଇଁ ଏକ ଚୁକ୍ତି କରାଇଥିବା ନେଇ ଅଭିଯୋଗ ହେଉଛି। ଟାଟା କାରଖାନାରେ ଡେରି ହେଲେ ବି କିଛି ଭଲ ହେବା ଆଶାରେ କର୍ମଚାରୀମାନେ ପଡି ରହିଥିଲେ। ନିଜ ହକ୍ ତଥା ଦରମା ବୃଦ୍ଧି ପାଇଁ କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ, ଜିଲ୍ଲାପାଳ, ଜାମସେଦପୁରରେ ବସୁଥିବା ଟାଟା ଷ୍ଟିଲର ଉଚ୍ଚ ପଦାଧିକାରୀଙ୍କୁ ଏ ନେଇ ଅବଗତ କରାଇବା ସହ ଅନେକଥର ଲିଖିତ ଅଭିଯୋଗ ହୋଇଥିଲା। କିନ୍ତୁ ୨୦୨୫ ମସିହା ଡେସେମ୍ବର ମାସରେ ଟାଟା ଷ୍ଟିଲ ଅଧିକୃତ ରୋହିତ୍ ଫେରୋଟେକ୍‌ର କଳିଙ୍ଗନଗର ପ୍ଲାଣ୍ଟ ବା ଟାଟା ଷ୍ଟିଲ ଯାଜପୁର ଫେରୋ ଆଲଏଜ୍ ପ୍ଲାଣ୍ଟକୁ ଇମ୍ପାକୁ ୬୧୦ କୋଟି ଟଙ୍କାରେ ବିକ୍ରି କରିବା ନେଇ ଚୁକ୍ତି ହୋଇଥିବା ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଟାଟା ଷ୍ଟିଲରେ ସ୍ୱପ୍ନ ଦେଖୁଥିବା ଏହି କର୍ମଚାରୀମାନେ ନିଜର ହକ୍ ପାଇଁ ପୁଣି ଟାଟା ଷ୍ଟିଲ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ଏବଂ ୨୦୨୯ ମସିହା

**କର୍ତ୍ତୃପକ୍ଷଙ୍କ ବ୍ରିଟିଶ ଶାସନକୁ ବିଭିନ୍ନ ମହଲରେ ନିନ୍ଦା**

ପର୍ଯ୍ୟନ୍ତ ଦରମା ବୃଦ୍ଧି ନହେବା ଚୁକ୍ତିକୁ ଅପସାରଣ କରିବା ପାଇଁ ବାରମ୍ବାର ଅନୁରୋଧ କରିଥିଲେ। ଯାଜପୁର ରୋଡ ସ୍ଥିତ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟରେ ଏକ ତ୍ରିପାକ୍ଷିକ ଆଲୋଚନା କରାଯାଇ ଏହି ୬ବର୍ଷୀୟ ଚୁକ୍ତି ବେଆଇନ୍ ବୋଲି ଶ୍ରମ ଆୟୁକ୍ତ ମଧ୍ୟ କହିଥିଲେ। କାରଖାନା କର୍ତ୍ତୃପକ୍ଷ ଚଳିତ ମାସ ୧୯ ତାରିଖ ମଧ୍ୟରେ ସମସ୍ତ ଦାବି ଉପରେ ଆଲୋଚନା କରି ସମାଧାନ କରିବା ପାଇଁ ସମୟ ନେଇଥିଲେ କିନ୍ତୁ ବ୍ରିଟିଶ ଶାସନ ଚଳାଇ ଆସୁଥିବା କର୍ତ୍ତୃପକ୍ଷ ଏହି ଦାବିକୁ ଅଣଦେଖା କରି ଜୋର୍ ଜବରଦସ୍ତ କାରଖାନା ଚଳାଇବା ଜିଦ୍‌ରେ ଅଟଳ ରହିବା କାରଣରୁ ଆଜି ସକାଳୁ କର୍ମଚାରୀମାନେ ଧାରଣାରେ ବସିଛନ୍ତି। ଦାନଗଦି ତହସିଲଦାର ରଞ୍ଜିତ କୁମାର ମଲ୍ଲିକ, ଯଖପୁରା ଥାନା ଅଧିକାରୀ ଆଶିଶ କୁମାର ସାହୁଙ୍କ ଉପସ୍ଥିତିରେ କାରଖାନା କର୍ତ୍ତୃପକ୍ଷ ଏବଂ କର୍ମଚାରୀମାନଙ୍କ ମଧ୍ୟରେ ଆଲୋଚନା ସଫଳ ହୋଇ ନଥିଲା। କାରଖାନା ଫାଟକ ବନ୍ଦ ନକରି କର୍ମଚାରୀମାନେ ଶାନ୍ତିପୂର୍ଣ୍ଣ ଭାବେ ଧାରଣାରେ ବସିଥିଲେ ସୁଦ୍ଧା କାରଖାନା କର୍ତ୍ତୃପକ୍ଷ ମେରି ରାୟ ନୀତିରେ ଠିକା ଶ୍ରମିକ ଏବଂ ଅଧିକାରୀମାନଙ୍କୁ ନେଇ କାରଖାନା ଚାଲୁ ରଖିଛନ୍ତି ଯାହାକୁ ନେଇ କାରଖାନା କର୍ତ୍ତୃପକ୍ଷଙ୍କ ବ୍ରିଟିଶ ଶାସନକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ଏଠି କେବଳ ମାଲିକାନା ବଦଳୁଛି କିନ୍ତୁ କର୍ମଚାରୀଙ୍କ ଭାଗ୍ୟ ବଦଳୁ ନାହିଁ ବୋଲି କ୍ଷୋଭର ସହ କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ସୋଏବ୍ ଅଲ୍ଲୀ ଖାନ୍ ସୂଚନା ଦେଇଛନ୍ତି।

## ଇସ୍ରାଏଲ୍ ଦୂତବାସର ନବୀକରଣ ଅଧିକାରୀଙ୍କ ସୋଆ ପରିଦର୍ଶନ

**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ଇସ୍ରାଏଲ୍ ଦୂତବାସର ନବୀକରଣ ଅଧିକାରୀ ଶ୍ରୀମତି ମାୟା ସର୍ମନ୍ ଶୁକ୍ରବାର ସୋଆ ବିଶ୍ୱବିଦ୍ୟାଳୟ ଗସ୍ତରେ ଆସିଥିବା ବେଳେ ଭାରତ ଏବଂ ଇସ୍ରାଏଲ୍ ମଧ୍ୟରେ ନବୀକରଣ, ଗବେଷଣା ଏବଂ ଉଦ୍ୟୋଗୀକରଣ କ୍ଷେତ୍ରରେ ସହଭାଗିତାକୁ ସୁଦୃଢ଼ କରିବାର ଲକ୍ଷ୍ୟ ନେଇ ଅନେକ ଆଲୋଚନା କରିଛନ୍ତି। ଆର୍ଟିଫିସିଆଲ୍ ଇନ୍‌ଟେଲିଜେନ୍ସ, ଡିଫେନ୍ସ ଟେକ୍ନୋଲଜି, ଷ୍ଟାର୍ଟ-ଅପ୍, ଏମ୍‌ଏସ୍‌ଏମ୍‌ଇ, ରିସର୍ଚ୍ଚ ଏବଂ ଡିଜିଟାଲ୍ ଡିପ୍ଲୋମାସିକୁ ନେଇ ଦୁଇ ଦେଶ ମଧ୍ୟରେ ସହଯୋଗ ବୃଦ୍ଧି କରିବା ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଶ୍ରୀମତି ସର୍ମନ୍ ସୋଆର ନେତୃବର୍ଗ, ଫ୍ୟାକଲ୍ଟି ମେମ୍ବର, ଷ୍ଟାର୍ଟ-ଅପ୍ ଉଦ୍ୟୋକ୍ତା ଏବଂ ଆବିଷ୍କାର ଦିଗରେ କାର୍ଯ୍ୟ କରୁଥିବା ଛାତ୍ରଛାତ୍ରୀମାନଙ୍କ ସହ ଆଲୋଚନା କରିଥିଲେ।




ଶ୍ରୀମତି ସର୍ମନ୍ ଡିପ୍ ଟେକ୍ ପଦକ୍ଷେପ, ନବୀକରଣ ଏବଂ ଉଦ୍ୟୋଗୀକରଣ ସମ୍ପର୍କରେ ନିଜର ଅନୁଭୂତି ବଖାଣିଥିବା ବେଳେ ଆଇଟିଇଆର୍‌ର ଫ୍ୟାକଲ୍ଟି ଡକ୍ଟର ଭାରତ ଜେ.ଆର ସାହୁ ଏବଂ ଚିନ୍ମୟ ଅୟସ ନବୀକରଣ ଏବଂ ଷ୍ଟାର୍ଟ-ଅପ୍ ସମ୍ବନ୍ଧରେ ତାଙ୍କ ସହ ଆଲୋଚନା କରିଥିଲେ।ଏହି ଅବସରରେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ବିଶ୍ୱବିଦ୍ୟାଳୟ ସମ୍ପର୍କରେ ବିସ୍ତୃତ ତଥ୍ୟ ପ୍ରଦାନ କରିବା ସହ ଶିକ୍ଷା, ଗବେଷଣା ଏବଂ ନବୀକରଣ କ୍ଷେତ୍ରକୁ ସୁଦୃଢ଼ କରିବା ଦିଗରେ ସୋଆର ଲକ୍ଷ୍ୟ ସମ୍ପର୍କରେ ଅବଗତ କରାଇଥିଲେ।

ସୋଆର କ୍ୱାଂଟମ୍ ସାଇନ୍ସ ଆଣ୍ଡ କ୍ୱାଂଟମ ଟେକ୍ନୋଲଜି ବିଭାଗର ମୁଖ୍ୟ ପ୍ରଫେସର ପ୍ରଶାନ୍ତ କୁମାର ପାଣିଗ୍ରାହୀ କ୍ୱାଂଟମ ସାଇନ୍ସ କ୍ଷେତ୍ରରେ ବିଶ୍ୱବିଦ୍ୟାଳୟର ଗବେଷଣା ସମ୍ପର୍କିତ ଅବଦାନ ସମ୍ପର୍କରେ ଅବଗତ କରାଇଥିବା ବେଳେ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ସୋଆ କିଭଳି କାର୍ଯ୍ୟରେ ଅଗ୍ରଗତି କରୁଛି ସେ ସମ୍ପର୍କରେ ଆଇଟିଇଆରର ନିର୍ଦ୍ଦେଶକ ପ୍ରଫେସର ମାନସ କୁମାର ମଲ୍ଲିକ ଅବଗତ କରାଇଥିଲେ। ସୋଆ ସିଆଇଆଇର ଡିଜିଏମ୍ ରାଜୀବ କୁମାର, ଏଆଇସି-ସୋଆ ଫାଉଣ୍ଡେସନ୍‌ର ଭବିଷ୍ୟତର ରୂପରେଖ ଏବଂ ଷ୍ଟାର୍ଟ-ଅପ୍ ସମ୍ପର୍କରେ ବିସ୍ତୃତ ତଥ୍ୟ ପ୍ରଦାନ କରିଥିଲେ।

## ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ



**ଫୁଲନଖରା:ଏକ୍ସପ୍ରେସ୍ ନ୍ୟୁଜ୍**

ପ୍ରାଚୀ ଜଳସେଚନ ବିଭାଗ ପ୍ରତାପନଗରୀ ଜଳସେଚନ ଉପ ନିର୍ବାହୀ ଯନ୍ତ୍ରୀଙ୍କ ଅଧିନସ୍ଥ ଗୁଆଳୀ ମାଇନର କେନାଲ ୨୦ ତାରିଖ ପୂର୍ବାହ୍ନ ୧୧ଟା ସମୟରେ ନିଆଳୀ ବିଧାୟକ ଇଂ. ଛବି ମଲ୍ଲିକ ୨୦ ଲକ୍ଷ ଟଙ୍କା ବିନିମୟରେ ଉକ୍ତ ବନ୍ଧକୁ ଶିଳାନ୍ୟାସ କରାଯାଇଛି। ଏହି ଶିଳାନ୍ୟାସ ଉତ୍ସବରେ ପ୍ରାଚୀ ଡିଭିଜନ ଅଧିକ୍ଷଣ ଯନ୍ତ୍ରୀ ଇଂ. ରଘୁନାଥ ସ୍ୱାଇଁ, ପ୍ରତାପନଗରୀ ଜଳ ସମ୍ପଦ ବିଭାଗ ଉପନିର୍ବାହୀ ଯନ୍ତ୍ରୀ ଇଂ. ଅଜୟ କୁମାର ବେହେରା, ମହିଧରପଡ଼ା ଜଳ ସେଚନର କନିଷ୍ଠ ଯନ୍ତ୍ରୀ ଆର୍ଯ୍ୟ ପଢ଼ିଆରୀ, ସହକାରୀ ଯନ୍ତ୍ରୀ ପ୍ରସନ୍ନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଭାବେ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନସ୍ଥ ଉଲ୍ଲାରଠାରୁ ରାୟପୁର ରାସ୍ତାର ଉନ୍ନତିକରଣ ଯାହାର ଅଟକଳ ମୂଲ୍ୟ ୨ କୋଟି ୪୦ ଲକ୍ଷ ଓ କୁରାଙ୍ଗ ପ୍ରଧାନଠାରୁ ଭିଙ୍ଗାରପୁର ରାସ୍ତାର ଉନ୍ନତିକରଣ ଯାହାର ଅଟକଳ ମୂଲ୍ୟ ୪ କୋଟି ୫ ଲକ୍ଷ। ସୂଚନାଯୋଗ୍ୟ ଯେ, ଏହି ୩ ଗୋଟି ରାସ୍ତାର ନିର୍ମାଣ ଓ ଉନ୍ନତିକରଣ ନିମନ୍ତେ ଦୀର୍ଘ ଦିନରୁ ଦାବି ହୋଇ ଆସୁଥିଲା। ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ଧୀରେନ୍ଦ୍ର ବାରିକ, ଦିଲ୍ଲିପ କୁମାର ପାତ୍ର, ଜୟନ୍ତ କୁମାର ଜେନା, ବିଜୟ କୁମାର ସାହୁ, ରାଜ କିଶୋର ସ୍ୱାଇଁ, ଆଲୋକ ଗଜେନ୍ଦ୍ର, ଅଶ୍ୱିନୀ କାଣ୍ଡି, ପ୍ରତାପ ଚନ୍ଦ୍ର ପଣ୍ଡା, ସୁରେନ୍ଦ୍ର ଛୋଟରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ରାଜସ୍ୱ ନିରୀକ୍ଷକଙ୍କୁ ମାଡ!

**ନିଆଳି:ଏକ୍ସପ୍ରେସ୍ ନ୍ୟୁଜ୍**

ନିଆଳି ତହସିଲ୍ ଅନ୍ତର୍ଗତ ସିଠାଲୋ ରାଜସ୍ୱ ନିରୀକ୍ଷକଙ୍କୁ ତାଙ୍କ କାର୍ଯ୍ୟାଳୟରେ ମାଡ ହୋଇଥିବା ନେଇ ନିଆଳି ଥାନାରେ ଅଭିଯୋଗ ହେବା ପରେ ନିଆଳି ପୋଲିସ ୬୦୪/୨୫ ମାମଲା ରୁଜୁକରି ତଦନ୍ତ ଜାରି ରଖିଛି। ଅଭିଯୋଗ ଅନୁଯାୟୀ ସିଠାଲୋ ରାଜସ୍ୱ ନିରୀକ୍ଷକ ପ୍ରଭାତ କୁମାର ବେହେରାଙ୍କ ସିଠାଲୋ ସ୍ଥିତ କାର୍ଯ୍ୟାଳୟକୁ ସିଠାଲୋ ପଂଚାୟତର ଗଙ୍ଗାଧର ହାତୀ ଜମିଜମା କାଗଜପତ୍ର କାମ କରିବାକୁ ଆସିଥିଲେ। ଗଙ୍ଗାଧରଙ୍କ ସହିତ ପୂର୍ବରୁ ଶତ୍ରୁତା ଥିବା ପାଞ୍ଚ ଛଅ ଜଣ ବ୍ୟକ୍ତି କାର୍ଯ୍ୟାଳୟ ମଧ୍ୟରେ ପ୍ରବେଶ କରି ଗଣ୍ଡଗୋଳ କରିଥିଲେ। ରାଜସ୍ୱ ନିରୀକ୍ଷକ ଶ୍ରୀ ବେହେରା ଏହାର ବିରୋଧ କରିବାରୁ ରମାକାନ୍ତ ସାହୁ, କଳ୍ପତରୁ ଦାସ ଓ ବିସ୍ମୟ ହାତୀ ତାଙ୍କୁ ଜାତିଗତ ଆକ୍ଷେପ କରିବା ସହିତ ଚାପୁଡ଼ା ମାରିଥିଲେ ବୋଲି ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ଡ୍ରେନରୁ ଅଜଣା ବ୍ୟକ୍ତିଙ୍କ ଶବ ଉଦ୍ଧାର

**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

ସ୍ଥାନୀୟ ବିଡ଼ାନାସୀ ସ୍ଥିତ ତୁଳସୀପୁର ଶିଶୁମନ୍ଦିର ନିକଟ ଏକ ନାଳରେ ଭାସୁଥିବା ଜଣେ ବୃଦ୍ଧଙ୍କ ମୃତଦେହକୁ ଶନିବାର ପୋଲିସ ଉଦ୍ଧାର କରିଛି । ମୃତକଙ୍କ ପରିଚୟ ଏପର୍ଯ୍ୟନ୍ତ ମିଳିପାରିନାହିଁ । ସୂଚନା ମୁତାବକ ସ୍ଥାନୀୟ ଲୋକଙ୍କ ଠାରୁ ଖବର ପାଇ ବିଡ଼ାନାସୀ ଥାନା ପୋଲିସ ଓ ଅଗ୍ନିଶମ ବିଭାଗର କର୍ମଚାରୀମାନେ ଘଟଣା ସ୍ଥଳରେ ପହଂଚି ଡ୍ରେନରୁ ମୃତ ଦେହକୁ ଉଦ୍ଧାର କରି ପୋଷ୍ଟମର୍ଟମ ପାଇଁ କଟକ ବଡ଼ ମେଡ଼ିକାଲକୁ ପଠାଇଥିଲେ । ମୃତ୍ୟୁର କାରଣ ଉନ୍ମୋଚନ ପାଇଁ ସାଇଣ୍ଟିଫିକ ଟିମ ଘଟଣା ସ୍ଥଳରେ ପହଂଚି ଛାନଭିନ ଆରମ୍ଭ କରିଛି । ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ୩୧ରେ ଛେନାପୋଡ଼ ଦିବସ

**ଦଶପଲ୍ଲା:ଏକ୍ସପ୍ରେସ୍ ନ୍ୟୁଜ୍**

ଦଶପଲ୍ଲା ବିଦ୍ୟାଧର ସାହୁ ମେମୋରିଆଲ ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ତହସିଲଦାରଙ୍କଠାରୁ ଆରମ୍ଭ କରି ମୁଖ୍ୟ ଶାସନ ସଚିବ, ମୁଖ୍ୟମନ୍ତ୍ରୀ ଏପରିକି ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀଙ୍କୁ ମଧ୍ୟ ଅବଗତ କରାଇ ଦିଆଯାଇଛି ଯେ, ଦଶପଲ୍ଲା ହେଉଛି ଛେନାପୋଡ଼ର ଏକ୍ସୁଡ଼ିଶାଳ। ଅର୍ଥାତ ଦଶପଲ୍ଲା ଠାରେ ହିଁ ଏହାର ଜନ୍ମ। ପ୍ରମାଣ ଅନୁଯାୟୀ ବିଦ୍ୟାଧର ସାହୁଙ୍କ ମିଠା ଦୋକାନରେ କିଛି ଛେନା ବଳକା ଥିବା ଦେଖି ତାଙ୍କ ପତ୍ନୀ ସେଥିରେ କିଛି ଚିନି ମିଶାଇ ଲିଭିଲା ଚୁଲିରେ ପଲମରେ ରଖିଦେଇ ଥିଲେ। ସକାଳେ ଯାହାକୁ ଖାଇ ଲୋକେ ଛେନା ପୋଡ଼ର ନାଁ ଦେଲେ। କିଛି ଦିନ ଉତ୍ତାରୁ ଅଧିକ ପୋଡ଼ ତିଆରି କରି ବିଦ୍ୟାଧର ବିକ୍ରି ପାଇଁ ପୁଅ ସୁଦର୍ଶନ ହାତରେ ନୟାଗଡ ପଠାଇଲେ। ସେବେଠାରୁ ନୟାଗଡ଼ରେ ଛେନାପୋଡ଼ ବିକ୍ରି ହେଉଛି। କିନ୍ତୁ ତା'ର ସ୍ରଷ୍ଟା ପ୍ରକୃତରେ ବିଦ୍ୟାଧର ସାହୁ। ତେଣୁ ତାଙ୍କ ତିରୋଧାନ ଦିବସ ଡିସେମ୍ବର ୩୧ ତାରିଖକୁ ବିଶ୍ୱ ଛେନା ପୋଡ଼ ଦିବସ ଭାବେ ପାଳନ କରିବା ସହ ଛେନାପୋଡ଼ ଦଶପଲ୍ଲାର ବୋଲି ଜିଆଇ ମାନ୍ୟତା ଦେବାକୁ ସାଧାରଣରେ ଦାବି ହେଉଛି।

## ବାଇକ୍ ଧକ୍କାରେ ଜଣେ ମୃତ

**ବୁଗୁଡା:ଏକ୍ସପ୍ରେସ୍ ନ୍ୟୁଜ୍**

ବୁଗୁଡ଼ା ବ୍ଲକର କଳମ୍ବ ପଞ୍ଚାୟତ ଅନ୍ତର୍ଗତ କାଦପଡା ଗ୍ରାମର ବନ୍ଧ ନିକଟସ୍ଥ ରାସ୍ତାରେ ବାଇକ୍ ଦୁର୍ଘଟଣାରେ ଜଣେ ମୃତ୍ୟୁ ବରଣ କରିଥିବା ବେଳେ ଯୁବ ଚାଳକ ଜଣକ ଗୁରୁତର ଅବସ୍ଥାରେ ବ୍ରହ୍ମପୁରକୁ ସ୍ଥାନାନ୍ତର ହୋଇଥିବା ଜଣାଯାଇଛି। ମୃତ ବ୍ୟକ୍ତି ଜଣକ ହେଲେ କାଦପଡା ଗ୍ରାମର ଇନ୍ଦ୍ରମଣି ରାଉତ (୫୫) ଏବଂ ଗୁରୁତର ଜଣକ ଜଗନ୍ନାଥପ୍ରସାଦ ବ୍ଲକ ଅନ୍ତର୍ଗତ ପ୍ରତାପପୁର ଗ୍ରାମର ଜିତୁ ନାୟକ (୨୪)। ଘଟଣାରୁ ପ୍ରକାଶ ଯେ, ଶନିବାର ସନ୍ଧ୍ୟାରେ ପ୍ରତାପ ବାଇକ୍ ଯୋଗେ ବ୍ରହ୍ମପୁରରୁ ନିଜ ଗାଁ ପ୍ରତାପପୁରକୁ ଫେରୁଥିବା ବେଳେ କାଦପଡା ଗାଁ ବନ୍ଧ ନିକଟରେ ରାସ୍ତା ପାର ହେଉଥିବା ଇନ୍ଦ୍ରମଣିଙ୍କୁ ଧକ୍କା ହୋଇଥିଲା। ଦୁର୍ଘଟଣାରେ ଉଭୟଙ୍କୁ ଗୁରୁତର ଅବସ୍ଥାରେ ବୁଗୁଡା ମେଡିକାଲକୁ ଅଣାଯାଇଥିଲା। ସେଠାରେ ଡ଼ାକ୍ତର ଇନ୍ଦ୍ରମଣିଙ୍କୁ ମୃତ ଘୋଷଣା କରିଥିଲା ବେଳେ ମୁହଁ ଓ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ଜିତୁକୁ ପ୍ରାଥମିକ ଚିକିତ୍ସା ପରେ ୧୦୮ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ଏ ନେଇ ଖବର ପାଇବା ପରେ ପୋଲିସ ମେଡିକାଲରେ ପହଞ୍ଚି ଶବକୁ ଜବତ କରିବା ସହ ଘଟଣାର ତଦନ୍ତ କରୁଥିବା ଜଣାଯାଇଛି।






## କାନ୍ତକବି ଓଡ଼ିଆ ସାହିତ୍ୟରେ ଜଣେ ଅବିସ୍ମରଣୀୟ ପ୍ରତିଭା

**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ଓଡ଼ିଆ ସାହିତ୍ୟର ଆଦି ଓ ଆଧୁନିକପର୍ବର ହେଉଛନ୍ତି ଯଥାର୍ଥରେ ସଂଯୋଗ ସେତୁ। ଦୀର୍ଘ ଅର୍ଦ୍ଧଶତାବ୍ଦୀ ବ୍ୟାପୀ ଜୀବନର ନାନା ସଂଘାତ ଓ ବ୍ୟାଧୀର ପୀଡ଼ନ ମଧ୍ୟରେ ଜୀବନ କଟାଇ ସେ ସାରସ୍ୱତ ସାଧନାରୁ ବିରତ ହୋଇ ନାହାନ୍ତି। ସେ ଏକାଧାରରେ ଜଣେ କବି, ଗାଳ୍ପିକ, ଔପନ୍ୟାସିକ, ଶିଶୁ ସାହିତ୍ୟିକ, ପ୍ରାବନ୍ଧିକ ଓ ନାଟ୍ୟକାର ଭାବରେ ପ୍ରତିଷ୍ଠା ଅର୍ଜନ କରି ପାରିଛନ୍ତି ବୋଲି ବକ୍ତାମାନେ ମତପ୍ରକାଶ କରିଛନ୍ତି। 'ଓଡ଼ିଶା ଲେଖକ ସମବାୟ ସମିତି' ଆନୁକୂଲ୍ୟରେ ଆୟୋଜିତ ମାସିକ ସାହିତ୍ୟ ଆଲୋଚନାଚକ୍ରରେ ସମିତିର ସଭାପତି ପୀତବାସ ରାଉତରାୟଙ୍କ ଅଧକ୍ଷତାରେ ଭାଗ ନେଇ ମନୋଜ କୁମାର ଜେନା କହିଲେ ଯେ କାନ୍ତକବିଙ୍କ ସାରସ୍ୱତ ପ୍ରତିଭା ହାସ୍ୟ ଓ କରୁଣରସର ପ୍ରବାହ ଦେଇ ଜୀବନର ଶାଶ୍ୱତ ଦିଗ ଉନ୍ମୋଚିତ କରିଛି। ଡ. ଆରତି କର କାନ୍ତକବିଙ୍କ ଅବଦାନକୁ ଉଲ୍ଲେଖ କରି କହିଲେ ଯେ




କେତେବେଳେ ତାଙ୍କର କବିତା ଜୀବନର ସାମସଙ୍ଗୀତ ଶୁଣାଇଛି ପୁଣି କେତେବେଳେ ହାସ୍ୟୋଜ୍ଜ୍ୱଳ ପରିବେଶକୁ ପ୍ରକାଶ କରିଛି। କେତେବେଳେ ରୂପ ନେଇଛି ଗୁରୁଗମ୍ଭୀର ଭାବକୁ। ଗଳ୍ପ ଓ ଉପନ୍ୟାସରେ ସେଇ ପ୍ରତିଭା ଜୀବନର ସତ୍ୟକୁ ଖୋଜିଛି। ଏହି ସଭାରେ କାନ୍ତକବିଙ୍କ ବହୁ ପ୍ରଚାରିତ ଉପନ୍ୟାସ 'କଣାମାମୁଁ', ଦେଶାତ୍ମବୋଧ କବିତା 'ବନ୍ଦେ ଉତ୍କଳ ଜନନୀ', ଗଳ୍ପ 'ବୁଢ଼ା ଶଂଖାରୀ' ଉପରେ ବିଶେଷ ଆଲୋଚନା ଉପସଭାନେତ୍ରୀ ଡ. ପ୍ରେମଲତା ଦେବୀ କହିଥିଲେ ଓ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ପତ୍ରିକା 'ଡଗର' ଓ ତାଙ୍କ ରଚିତ ହାସ୍ୟବ୍ୟଙ୍ଗ ସାହିତ୍ୟ ଉପରେ ସଭାପତି ଆଲୋକପାତ କରିଥିଲେ। ସଭାରେ ଆଲୋଚନାରେ ଭାଗ ନେଇଥିଲେ ମିନତୀ ଷଡ଼ଙ୍ଗୀ, ଡ. ସିଦ୍ଧାର୍ଥ କାନୁନ୍‌ଗୋ, ବିରଜା ପ୍ରସାଦ ଶତପଥୀ, ଅଶୋକ କୁମାର ଦାଶ ଓ କୃଷ୍ଣ ମହାପାତ୍ର। ସମିତିର ବରିଷ୍ଠ ସଭ୍ୟ ଅମୀୟ କୁମାର ପଟ୍ଟନାୟକ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସମବାୟ ପ୍ରକୋଷ୍ଠର ନୂତନ ଅଧକ୍ଷ ଭାବେ ନିଯୁକ୍ତି ମିଳିଥିବାରୁ ତାଙ୍କୁ ସମିତି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭା ପ୍ରାରମ୍ଭରେ ସ୍ୱାଗତ ଭାଷଣ ଦେଇଥିଲେ ପରିଚାଳକ ରମାକାନ୍ତ ମିଶ୍ର ଓ ଧନ୍ୟବାଦ ଅର୍ପଣ କରିଥିଲେ ସଂପାଦକ ସୁକାନ୍ତ ପ୍ରଧାନ।

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**

**ତୃତୀୟ ଶ୍ରାଦ୍ଧବାର୍ଷିକୀ**



**୰ବିଜୟା ମହାନ୍ତି ବର୍ଦ୍ଧରାଜନ**

ଖୋର୍ଦ୍ଧା, କାର୍ଡିଫ(ଯୁକ୍ତରାଜ୍ୟ), ଭୁବନେଶ୍ୱର, ନାଗଣପୁର(କଟକ) ଓ ନଳବିଲ୍ଲା (କେନ୍ଦୁଝର)

ତୁମର ଅବର୍ତ୍ତମାନ ସହ ତୁମର ସ୍ନେହ, ଶ୍ରଦ୍ଧା ଆଶୀର୍ବାଦ ଓ କର୍ତ୍ତବ୍ୟ ପରାୟଣତା ଆମ ଜୀବନର ମାର୍ଗ ଦର୍ଶକ ହେଉ । ତୁମର ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ଶ୍ରଦ୍ଧାଞ୍ଜଳି ।

**ଶୋକସନ୍ତପ୍ତ**

ସ୍ୱାମୀ- ଡାକ୍ତର କ୍ଷୀତିଷ ରଂଜନ ମହାନ୍ତି
ପୁଅ- ସିଦ୍ଧାର୍ଥ ଓ କରଣ୍
ବନ୍ଧୁ ଓ ପରିବାରବର୍ଗ

# ଶେଷ ପୃଷ୍ଠା

# ଓଡ଼ିଶା ଏକ୍ସପ୍ରେସ୍

କେନ୍ଦ୍ରାପଡ଼ା | 21st December, 2025 Sunday | RNI Regd. No. ODIODI/2009/28880


## ହେଲ୍‌ଥ ଟନିକ୍



### ବିଉଟିଫୁଲ ମୋବାଇଲ୍

ରାତି ସେତେବେଳକୁ ଅନେକ। ଚାର୍ଜରେ ବସିଥିବା ସ୍ତ୍ରୀଙ୍କ ମୋବାଇଲ୍ ଫୋନ୍‌ଟା ହଠାତ୍ ଶବ୍ଦ କରି ଜଳିଉଠିଲା। ସେତିକିବେଳକୁ ସ୍ୱାମୀ ପରିସ୍ରା କରିବାକୁ ଉଠିଥାନ୍ତି। ସେ ମୋବାଇଲ୍ ଫୋନ୍‌ର ସ୍କ୍ରିନ୍‌ରେ ଲେଖାଥିବା ଅକ୍ଷର ଯେମିତି ଦେଖିଛନ୍ତି ରାଗ ତମତମ ହୋଇ ସ୍ତ୍ରୀକୁ ନିଦରୁ ଉଠାଇ ପଚାରିଲେ- ଏତେ ରାତିରେ ତମ ମୋବାଇଲ୍ ଫୋନ୍‌କୁ 'ବିଉଟିଫୁଲ' ଲେଖିକି କିଏ ପଠାଇଛି ?

ମାବାଇଲ୍ ଫୋନ ସ୍କ୍ରିନ୍‌ରେ ଲେଖାଥିବା ଅକ୍ଷର ସ୍ତ୍ରୀ ପଢ଼ିବା ପରେ ସ୍ୱାମୀକୁ ତାଚ୍ଛଲ୍ୟର ସହିତ କହିଲେ- ଚଷମା ନେଇକି ଠିକ୍ ଭାବେ ପଢ଼। ସେଥିରେ ବିଉଟିଫୁଲ ଲେଖା ହୋଇନି। ସେଥିରେ ବ୍ୟାଟେରୀ ଫୁଲ ଲେଖା ହୋଇଛି।

# ଟି-୨୦ ବିଶ୍ୱକପ୍ ଟିମ୍‌ରୁ ଗିଲ୍ ବାଦ୍: ଫେରିଲେ ଈଶାନ

**ନୂଆଦିଲ୍ଲୀ,୨୦।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

୨୦୨୬ ଟି-୨୦ ବିଶ୍ୱକପ୍ ପାଇଁ ଶନିବାର ବିସିସିଆଇ ୧୫ ଜଣିଆ ଭାରତୀୟ ଦଳ ଘୋଷଣା କରିଛି। ସୂର୍ଯ୍ୟ କୁମାର ଯାଦବ ଏହି ଟିମର ନେତୃତ୍ୱ ନେବାକୁ ଥିବା ବେଳେ ଏଥିରେ ସ୍ଥାନ ପାଇ ନାହାନ୍ତି ଭାରତୀୟ ଦିନିକିଆ ଓ ଟେଷ୍ଟ ଅଧିନାୟକ ତଥା ଟି-୨୦ ଉପ-ଅଧିନାୟକ ଶୁବମନ ଗିଲ। ଖରାପ ପ୍ରଦର୍ଶନ ଯୋଗୁ ତାଙ୍କୁ ବାଦ୍ ଦିଆଯାଇଛି। ଅକ୍ଷର ପଟେଲଙ୍କୁ ଦଳର ଉପ-ଅଧିନାୟକ କରାଯାଇଛି।

ତେବେ ଟିମ୍‌କୁ ଫେରିଛନ୍ତି ଈଶାନ କିଶନ ଓ ରିଙ୍କୁ ସିଂହ। ସୟଦ ମୁସ୍ତାକ ଅଲୀ ଟ୍ରଫିରେ ପ୍ରଭାବଶାଳୀ ପ୍ରଦର୍ଶନ ପରେ ସେମାନଙ୍କୁ ୨୦୨୬ ଟି-୨୦ ବିଶ୍ୱକପ୍ ଟିମ୍‌ରେ ସାମିଲ କରାଯାଇଛି। ଈଶାନ କିଶନଙ୍କୁ ଦ୍ୱିତୀୟ ୱିକେଟ୍ କିପର ଭାବେ ସାଞ୍ଜୁ ସାମସନ୍‌ଙ୍କ ସହିତ ଟିମ୍‌ରେ ସାମିଲ କରାଯାଇଛି। ଶେଷଥର ପାଇଁ ଈଶାନ କିଶନ ୨୦୨୩ ନଭେମ୍ବରରେ ଅଷ୍ଟ୍ରେଲିଆ ବିରୋଧରେ ଏକ ଟି-୨୦ ମ୍ୟାଚ୍ ଖେଳିଥିଲେ। ସେହିପରି ୨୦୨୩ଠାରୁ ସେ ଦିନିକିଆ ଓ ଟେଷ୍ଟ ଟିମ୍‌ରେ ବି ସାମିଲ ହୋଇନାହାନ୍ତି। ସୟଦ ମୁସ୍ତାକ ଅଲୀ ଟ୍ରଫିରେ ଈଶାନ ୧୦ଟି ଇନିଂସରୁ ୫୧୭ ରନ୍ କରିବା ପରେ ତାଙ୍କୁ ଟି-୨୦ ବିଶ୍ୱକପ୍ ପାଇଁ ଟିମ୍‌ରେ ନିଆଯାଇଛି। ସୟଦ ମୁସ୍ତାକ ଅଲୀ ଟ୍ରଫି ଫାଇନାଲ ମ୍ୟାଚ୍‌ରେ ସେ ୪୯ଟି ବଲରେ ୧୦୧ ରନ୍ କରିଥିଲେ। ଫଳରେ ଝାରଖଣ୍ଡ ୬୯ ରନ୍‌ରେ ହରିୟାଣାକୁ ହରାଇ ପ୍ରଥମଥର ପାଇଁ ଏହି ଟାଇଟଲ ହାତେଇ ଥିଲା।

ଅନ୍ୟପକ୍ଷରେ ଜିତେଶ ଶର୍ମା ନିରାଶ ହୋଇଛନ୍ତି। ୨୦୨୬ ଟି-୨୦ ବିଶ୍ୱକପ୍ ପାଇଁ ଘୋଷଣା କରାଯାଇଥିବା ଟିମ୍‌ରେ ତାଙ୍କ ନାଁ ନାହିଁ।




ନିକଟରେ ଶେଷ ହୋଇଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ଟି-୨୦ ସିରିଜ୍‌ରେ କଟକରେ ଖେଳା ଯାଇଥିବା ମ୍ୟାଚ୍‌ରେ ସେ ଅପରାଜିତ ୧୦ ରନ୍ କରିଥିବା ବେଳେ ନ୍ୟୁ ଚଣ୍ଡିଗଡରେ ୨୭ ରନ୍ କରିଥିଲେ। ଟି-୨୦ରେ ଶୁବମନ ଗିଲଙ୍କ ପ୍ରଦର୍ଶନ ଭଲ ରହୁ ନଥିବା ଯୋଗୁ ସେ ଚୟନକର୍ତ୍ତାମାନଙ୍କ ଆସ୍ଥାଭାଜନ ହୋଇପାରିନାହାନ୍ତି। ଚଳିତ ବର୍ଷ ତାଙ୍କର ପ୍ରଦର୍ଶନ ପାଇଁ ସେ ସମାଲୋଚିତ ହୋଇଛନ୍ତି। ୧୫ଟି ମ୍ୟାଚରୁ ସେ ୨୪.୨୫ ଆଭେରେଜରେ ମାତ୍ର ୨୯୧ ରନ୍ କରିଛନ୍ତି। ତା' ମଧ୍ୟରେ ଗୋଟିଏ ଅର୍ଦ୍ଧଶତକ ନାହିଁ। ନିକଟରେ ଦକ୍ଷିଣ ଆଫ୍ରିକା ବିରୋଧରେ ଖେଳା ଯାଇଥିବା ଟି-୨୦ ସିରିଜ୍‌ରେ ୫ଟି ମ୍ୟାଚରୁ ଗିଲ୍ ୩ଟିରେ ଖେଳିଥିଲେ। ପାଦରେ ଆଘାତ ଯୋଗୁ ଶେଷ ଦୁଇଟି ମ୍ୟାଚ୍‌ରେ ସେ ଟିମ୍‌ରେ ନଥିଲେ। ଖେଳିଥିବା ୩ଟି ମ୍ୟାଚ୍‌ରେ ସେ କେବଳ ୩୨ ରନ୍ କରିଥିଲେ। ଟେଷ୍ଟ ଓ ଦିନିକିଆରେ ଗିଲ୍‌ଙ୍କ ପ୍ରଦର୍ଶନ ଭଲ ଥିବାବେଳେ ଟି-୨୦ ଫର୍ମାଟରେ ସେ ସଂଘର୍ଷ କରୁଥିବା ଦେଖିବାକୁ ମିଳିଛି। ଟିମ୍‌ରେ ଅଭିଷେକ ଶର୍ମାଙ୍କୁ ସାମିଲ କରାଯାଇଛଇ ଓ ସେ ଭାରତ ପାଇଁ ପ୍ରଥମଥର ବିଶ୍ୱକପ୍ ଖେଳିବାକୁ ଯାଉଛନ୍ତି।

ଅଧିନାୟକ ସୂର୍ଯ୍ୟ କୁମାର ଯାଦବଙ୍କ ନେତୃତ୍ୱରେ ଘୋଷଣା କରାଯାଇଥିବା ଟିମ୍‌ରେ ଅଭିଷେକ ଶର୍ମା, ସଞ୍ଜୁ ସାମସନ (ୱିକେଟ କିପର), ତିଲକ ବର୍ମା, ହାର୍ଦ୍ଦିକ ପାଣ୍ଡ୍ୟା,ଶିବମ ଦୁବେ, ଅକ୍ଷର ପଟେଲ (ଉପ-ଅଧିନାୟକ), ରିଙ୍କୁ ସିଂହ, ଯଶପ୍ରୀତ ବୁମ୍ରା, ଅର୍ଶଦୀପ ସିଂହ, କୁଲଦୀପ ଯାଦବ, ବରୁଣ ଚକ୍ରବର୍ତ୍ତୀ, ୱାଶିଂଟନ ସୁନ୍ଦର ଓ ଈଶାନ କିଶନ (ୱିକେଟ କିପର)।

# ରୋଗୀଙ୍କୁ ଜୋତା ଶୁଙ୍ଘାଇଲେ ପୁଲିସବାବୁ



**ରାଇରଙ୍ଗପୁର,୨୦।୧୨: ଏକ୍ସପ୍ରେସ୍ ନ୍ୟୁଜ୍**

ଆଉଁରିଆ (ଅପସ୍ମାର ବାତ) ରୋଗୀଙ୍କୁ ଜୋତା ଶୁଙ୍ଘାଇଲେ ରାଇରଙ୍ଗପୁର ଆଦର୍ଶ ଥାନାର ପୁଲିସ ବାବୁ। ପୁଲିସବାବୁଙ୍କ ଅଜବ ଚିକିତ୍ସା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଯେଉଁମାନେ ସଚେତନତା କରାଉଛନ୍ତି ସେମାନେ ହିଁ ଅନ୍ଧ ବିଶ୍ୱାସରେ ବଶବର୍ତ୍ତୀ ହେଇଥିବା ଭଳି ଏକ ବିଚିତ୍ର ଦୃଶ୍ୟ ଦେଖିବାକୁ ମିଳିଛି ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ଆଦର୍ଶ ଟାଉନ୍ ଥାନା ସମ୍ମୁଖରେ।

ଜଣେ ବ୍ୟକ୍ତି ହଠାତ୍ ଅଚେତ ହୋଇ ପଡ଼ିଯାଇଥିବା ବେଳେ ଦୁଇଜଣ ପୁଲିସ ବାବୁ ଅଚେତ୍ ହୋଇଥିବା ବ୍ୟକ୍ତିଙ୍କ ଚେତା ଫେରାଇ ଆଣିବା ପାଇଁ ତାଙ୍କର ଯୋତା ଖୋଲି ନାକରେ ଶୁଙ୍ଘାଇଥିଲେ। ହେଲେ କରିବେ ବା କ'ଣ ? ବାବୁମାନଙ୍କ ଜୋତା ବୋଧେ ଅଧିକ ଦୁର୍ଗନ୍ଧ ହୋଇ ନଥିଲା ଯେଉଁଥିପାଇଁ ଅଚେତ୍ ବ୍ୟକ୍ତିଙ୍କ ଚେତା ଫେରି ନଥିଲା।

ଫଳରେ ବାଧ ହୋଇ ଶେଷରେ ପିସିଆର ଭ୍ୟାନ୍ ସାହାଯ୍ୟରେ ରାଇରଙ୍ଗପୁର ଡାକ୍ତରଖାନାକୁ ନେଇଯାଇଥିଲେ। ସେଠାରେ ତାଙ୍କୁ ପ୍ରାଥମିକ ଚିକିତ୍ସା କରିବା ପରେ ତାଙ୍କର ଚେତା ଫେରିଆସିଥିଲା। ପରେ କିଛି ଗଣମାଧ୍ୟମ ପ୍ରତିନିଧି ସେଠାରେ ଯାଇ ପହଞ୍ଚି ବୁଝିବାରୁ ଜଣାପଡିଲା ଥାନା ସମ୍ମୁଖରେ ଟଳି ପଡିଯାଇଥିବା ବ୍ୟକ୍ତି ଜଣକ ଗୋରୁମହିସାଣୀ ଥାନା ଅନ୍ତର୍ଗତ କୁଆଳି ଗ୍ରାମର ଦୁଃଖୁ ହେମ୍ବ୍ରମ ।

ସୂଚନାଯୋଗ୍ୟ, ଦୁଃଖୁଙ୍କ ସାଙ୍ଗ ମଦ୍ୟପାନ କରି ଗାଡି ଚଳାଇବା ବେଳେ ପୁଲିସ ତାଙ୍କର ଗାଡି ଆଣି ଥାନାରେ ରଖିଥିଲେ। ତେଣୁ ଗାଡିରେ କେତେ ଟଙ୍କା ଫାଇନ ହୋଇଛି ପଚାରି ବୁଝିବାକୁ ସାଙ୍ଗ ସହିତ ଆସିଥିଲେ ଦୁଃଖୁ। ହେଲେ ବିଚରାଙ୍କୁ ପୁଲିସ ବାବୁଙ୍କ ଜୋତା ଶୁଙ୍ଘିବାକୁ ପଡିଛି। ଆଦର୍ଶ ଥାନାର ଆଦର୍ଶ ପୁଲିସ ବାବୁ ଦୁଇ ଜଣଙ୍କ ଏଭଳି କାରନାମାକୁ ଅଞ୍ଚଳବାସୀ ନିନ୍ଦା କରିଛନ୍ତି ।

ସରକାର ପୁଲିସମାନଙ୍କୁ ଅନ୍ଧବିଶ୍ୱାସରେ ବଶବର୍ତ୍ତୀ ଲୋକଙ୍କୁ ସଚେତନତା କରିବା ସହିତ ଅନ୍ଧବିଶ୍ୱାସ ଦ୍ୱାରା କୌଣସି ଘଟଣା ଘଟାଇଥିବା ଲୋକଙ୍କୁ ଗିରଫ କରିବା କଥା। କିନ୍ତୁ ଏଠାରେ ସବୁ ବିପରୀତ।

# ରାସ୍ତାକାମ ନିମ୍ନମାନର: ଭିଜିଲାନ୍ସର ଦ୍ୱାରସ୍ଥ ହେଲେ ଲୋକେ

**ରାଜନଗର,୨୦।୧୨: ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକରେ ରାଜନଗର-ତାଳଚୁଆ ପୂର୍ତ୍ତ ବିଭାଗର ରାସ୍ତା ନିର୍ମାଣ କାର୍ଯ୍ୟ ନିମ୍ନମାନର ହେଉଥିବା ନେଇ ପୂର୍ବରୁ ଅଭିଯୋଗ ହୋଇ ଆସୁଥିଲା । ଏନେଇ ବିଭିନ୍ନ ସମୟରେ ଗଣମାଧ୍ୟମରେ ପ୍ରକାଶ ପାଉଥିଲେ ମଧ୍ୟ ବିଭାଗୀୟ ଅଧିକାରୀମାନେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବା ପରିଲକ୍ଷିତ ହେଉଥିଲା । ଏହି ରାସ୍ତାକାମକୁ ନେଇ ସ୍ଥାନୀୟ ଅଧିବାସୀମାନେ ପ୍ରଥମେ ବିଭାଗୀୟ ଅଧିକାରୀମାନଙ୍କୁ ଅଭିଯୋଗ କରି ଆସୁଥିଲେ ମଧ୍ୟ କିଛି ସୁଫଳ ମିଳୁନଥିଲା । ଏପରିକି ଠିକାଦାର ଓ ଯନ୍ତ୍ରୀଙ୍କ ମିଳିଭଗତରେ ନିମ୍ନମାନ କାମ ହୋଇ ଲକ୍ଷ ଲକ୍ଷ ଟଙ୍କା ହଡପ ହେଉଥିବା ଅଭିଯୋଗ କରି ତୃଷାରକାନ୍ତ ଦାସ, ଉମାକାନ୍ତ ବିଶ୍ୱାଳ, ଦେବଦତ୍ତ ରାଉତରାୟ, ସଂଜୟ ସ୍ୱାଇଁ, ଗଙ୍ଗାଧର ଦାସ, ପ୍ରଦୀପ ସେଠୀ, ବାବାଜୀ ସାହୁ, ତ୍ରିଲୋଚନ ଦାସ, ଶଙ୍କର୍ଷଣ ଦାସ ପ୍ରମୁଖ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଛନ୍ତି । ସେମାନେ କେନ୍ଦ୍ରାପଡାସ୍ଥିତ ଦୁର୍ନିତୀ ନିବାରଣ ବିଭାଗ ଅଧିକାରୀଙ୍କୁ ଭେଟି ଅଭିଯୋଗପତ୍ର ପ୍ରଦାନ କରିଛନ୍ତି । ସେମାନଙ୍କ ଅଭିଯୋଗ ଅନୁଯାୟୀ, ଏହି ରାସ୍ତା ମରାମତି କାମ ନିମ୍ନମାନର ହେଉଥିବାରୁ ସେମାନେ ବିଭାଗୀୟ ଅଧିକାରୀଙ୍କୁ ଲିଖିତ ଓ ମୌଖିକ ଭାବେ ଜଣାଇଥିଲେ । କୌଣସି ସୁଫଳ ତ ମିଳିଲା ନାହିଁ, ଠିକାଦାର ନିଜ ପାଳିତ ଗୁଣ୍ଡାମାନଙ୍କ ଦ୍ୱାରା ଅଭିଯୋଗକାରୀଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଉଛନ୍ତି । ଏପରିକି ତାଙ୍କ ନାମରେ ମିଥ୍ୟା ମାମଲା ରୁଜୁକରି ହଇରାଣ କରୁଛନ୍ତି । ଯେଉଁମାନେ ଅଭିଯୋଗ କରୁଛନ୍ତି ସେମାନଙ୍କ ସ୍ୱରକୁ ଚାପି ଦେବା ପାଇଁ ଯନ୍ତ୍ରୀମାନେ ଠିକାଦାରଙ୍କୁ ହାତବାରିଶ ସଜାଇଛନ୍ତି । କିଛି ଦିନ ପୂର୍ବେ ଏହି ରାସ୍ତାରେ ହୋଇଥିବା ପିଚୁ ଉଠି ଗଲାଣି । ଏହି ରାସ୍ତା ମରାମତିର ଭିଜିଲାନ୍ସ ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଭିଯୋଗକାରୀମାନେ ଦାବୀ କରିଛନ୍ତି।

# ନିଶା ବେପାରୀଙ୍କ ବିରୋଧରେ ରେଳବାଇ ଥାନାର କାର୍ଯ୍ୟାନୁଷ୍ଠାନ

**କଟକ,୨୦।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ରେଳପଥ ମାଧ୍ୟମରେ ବେଆଇନ ନିଶାଦ୍ରବ୍ୟ ଚୋରା ଚାଲାଣକାରୀଙ୍କ ବିରୁଦ୍ଧରେ ସରକାରୀ ରେଳବାଇ ଥାନା ପୋଲିସ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି । ଚଳିତ ବର୍ଷ ରେଳବାଇ ପୋଲିସ ୩୩୫୨କେଜିରୁ ଅଧିକ ଗଂଜେଇ ଜବତ କରିଥିବାବେଳେ ଏନଡ଼ିପିସି ମାମଲା ନିୟମ ଅନୁଯାୟୀ ଅଦ୍ୟାବଧି ୨୦୦ଟି ମାମଲା ରୁଜୁ ହୋଇଥିବାବେଳେ ୨୯୯ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ଚଳିତ ବର୍ଷ କଟକ ରେଳବାଇ ପୋଲିସ ସପ୍ତାହ ସିଟି ମାମଲା ରୁଜୁ କରି ୧୪୮୯ କେଜିରୁ ଅଧିକ ଗଂଜେଇ ଜବତ କରିବା ସହ ୧୧୭ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେହିପରି ରାଉରକେଲା ରେଳବାଇ ପୋଲିସ ୧୧୩ଟି ମାମଲା ରୁଜୁ କରି ୧୮୬୩କେଜିରୁ ଅଧିକ ଗଂଜେଇ ଜବତ କରିଛି । ଏହାସହ ଚୋରା ଚାଲାଣରେ ସଂପୃକ୍ତ ଥିବା ୧୮୩ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଉଲ୍ଲେଖଯୋଗ୍ୟ ଗିରଫ ହୋଇଥିବା ସମସ୍ତ ଅଭିଯୁକ୍ତ ଝାଡ଼ଖଣ୍ଡ, ବିହାର, ଉତ୍ତରପ୍ରଦେଶ, ରାଜସ୍ଥାନ, ଆନ୍ଧ୍ରପ୍ରଦେଶ, କେରଳ, ମହାରାଷ୍ଟ୍ର ଓ ଗୁଜୁରାଟ ରାଜ୍ୟର ବୋଲି ତଦନ୍ତ ସମୟରେ ପୋଲିସ ଜାଣିବାକୁ ପାଇଛି । ସମସ୍ତ ମାମଲାଗୁଡ଼ିକର ତଦନ୍ତ ଜାରି ରହିଛି । ରେଳପଥକୁ ମାଦକ ଚୋରା ଚାଲାଣରୁ ମୁକ୍ତ ରଖିବା ପାଇଁ ରେଳ ସୁରକ୍ଷା ବଳ ଓ ସରକାରୀ ରେଳବାଇ ପୋଲିସ ମଧ୍ୟରେ ଉପଯୁକ୍ତ ସମନ୍ୱୟ ରଖାଯାଇ କଠୋର ଯାଂଚ ଓ ନିରୀକ୍ଷଣ କରାଯାଉଛି । ରାଜ୍ୟର ବହୁତ ଗୁରୁତ୍ୱପୂର୍ଣ୍ଣ ରେଳ ଷ୍ଟେସନ ଯଥା ଭୁବନେଶ୍ୱର, କଟକ, ସମ୍ବଲପୁର, ପୁରୀ, ରାଉରକେଲା ଆଦି ଷ୍ଟେସନରେ ମିଳିତ ଅଭିଯାନ କରାଯାଉଛି । ଟ୍ରେନରେ ସନ୍ଦେହଜନକ ଅନୁଭବ ହେଉଥିବା ବ୍ୟାଗ/ପାର୍ସଲ ଯାଂଚ କରାଯାଇ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଉଛି । ଏହାସହ ବିଭିନ୍ନ



ସମୟରେ ସନ୍ଧାନୀ କୁକୁର ଦ୍ୱାରା ଷ୍ଟେସନ ଓ ଟ୍ରେନ ବଗି ମଧ୍ୟରେ ଯାଂଚ କରାଯାଉଛି । ରେଳପଥକୁ ମାଦକଦ୍ରବ୍ୟ ଚୋରା ଚାଲାଣରୁ ମୁକ୍ତ ରଖିବା ପାଇଁ ଓଡ଼ିଶା ପୋଲିସ ପକ୍ଷରୁ ପ୍ରୟାସ ଜାରି ରହିଛି । ନିଶା ମାଫିଆଙ୍କ ବିରୋଧରେ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ ଗ୍ରହଣ କରାଯାଉଛି । ଅପରାଧରେ ଜଡ଼ିତ ଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ ସୂଚନା ଦେଇଛନ୍ତି।

# ଭିତରକନିକା ଉତ୍ସବ ପାଇଁ ପ୍ରସ୍ତୁତି

**ରାଜନଗର,୨୦।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ ସଦର ମହକୁମାସ୍ଥିତ ଶୈଳେନ୍ଦ୍ରନାରାୟଣ ସଂସ୍କୃତ ମହାବିଦ୍ୟାଳୟ ପରିସରରେ ଭିତରକନିକା ଉତ୍ସବ ୨୦୨୬ ପାଇଁ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଓଡିଶା ମିରର ଓ ରାଜନଗର ସିଟିଜେନ ଫୋରମ ପକ୍ଷରୁ ଓଡିଶା ମିରର ମୁଖ୍ୟ ସଂପାଦକ ଦିଲ୍ଲୀପ କୁମାର ବିଶ୍ୱାଳଙ୍କ ଆବାହକତ୍ୱରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପ୍ରାକ୍ତନ ବନଖଣ୍ଡ ଅଧିକାରୀ ଡଃ ମିହିର କୁମାର ପଟ୍ଟନାୟକ, ପରିବେଶବିତ୍ ସୂର୍ଯ୍ୟକାନ୍ତ ସାହୁ ଓ ହେମନ୍ତ କୁମାର ରାଉତ, ସମାଜସେବୀ ପ୍ରଶାନ୍ତ କୁମାର ରାଉତ ଯୋଗଦେଇ ଭିତରକନିକା ଉତ୍ସବର ଲକ୍ଷ୍ୟ ଓ ଆଭିମୁଖ୍ୟ ସଂପର୍କରେ ମତାମତ ପ୍ରଦାନ କରିଥିଲେ। ଆଗାମୀ ଜାନୁୟାରୀ ମାସ ୭ତାରିଖ ବୁଧବାର ଦିନ ଭୁବନେଶ୍ୱରସ୍ଥିତ ଗୀତଗୋବିନ୍ଦ ସଦନରେ ଏକଦିବସୀୟ ଉତ୍ସବ ଓ ସମ୍ମିଳନୀ ଅନୁଷ୍ଠିତ ହେବ । ଓଡିଶା ବିଶେଷତଃ କେନ୍ଦ୍ରାପଡା ଜିଲ୍ଲା ତଥା ରାଜନଗର କଳା ସଂସ୍କୃତି, ପ୍ରାକୃତିକ ସଂପଦ, ବିଶ୍ୱ ପ୍ରସିଦ୍ଧ ଭିତରକନିକାର ସୌନ୍ଦର୍ଯ୍ୟ ଏବଂ ପାରିବେଷିକ ପର୍ଯ୍ୟଟନର ସମ୍ଭାବନା ପ୍ରଭୃତିକୁ ବିସ୍ତୃତ ଭାବେ ପରିଚିତ କରିବାର ଲକ୍ଷ୍ୟ ରଖିଛି । ଏହି ସମାରୋହରେ ଓଡିଶା ତଥା ଓଡିଶା ବାହାରର ଖ୍ୟାତନାମା ବିଶେଷଜ୍ଞମାନେ ଉପସ୍ଥିତ ରହିବାକୁ ସମ୍ମତି ପ୍ରଦାନ କରିଥିବା ସୂଚନା ଦିଆଯାଇଛି । ଏହି ସମାରୋହର ପ୍ରଥମ ପର୍ଯ୍ୟାୟ ଉଦ୍‌ଘାଟନ ଉତ୍ସବ, ଦ୍ୱିତୀୟ ପର୍ଯ୍ୟାୟରେ ବିଶେଷଜ୍ଞମାନେ ହେନ୍ତାଳବଣ ସଂରକ୍ଷଣ ଓ ପାରିବେଷିକ ପର୍ଯ୍ୟଟନ ଶିଳ୍ପର ବିଭିନ୍ନ ଦିଗ ଉପରେ ଆଲୋଚନା, ତୃତୀୟ ପର୍ଯ୍ୟାୟରେ ସ୍ଥାନୀୟ ବାସିନ୍ଦା, ବନବିଭାଗ ଓ ପର୍ଯ୍ୟଟନ କର୍ମକର୍ତ୍ତାମାନଙ୍କ ଶିକ୍ଷଣୀୟ ମତବିନିମୟ, ଚତୁର୍ଥ ପର୍ଯ୍ୟାୟରେ ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହେବ। ଯାହା ପରିବେଶ ସଂରକ୍ଷଣ ସହ ପର୍ଯ୍ୟଟନ ଶିଳ୍ପର ବିକାଶ ସାଧନରେ ସହାୟକ ହେବ ବୋଲି ଆୟୋଜକ ଶ୍ରୀ ବିଶ୍ୱାଳ ପ୍ରକାଶ କରିଥିଲେ।

## ପ୍ରଥମ ପୃଷ୍ଠାରୁ...

### କେନ୍ଦ୍ରାପଡ଼ା ଜିଲ୍ଲାକୁ...

କେନ୍ଦ୍ରାପଡ଼ାର ଯୁବଗୋଷ୍ଠୀ ବାହାରେ ଯାଇ ମୂଲ ଲାଗିବା ଛଡ଼ା ଅନ୍ୟ ପନ୍ଥା ନାହିଁ । ଅନ୍ୟପକ୍ଷରେ ଦେଖିଲେ ଯେକୌଣସି ଜନମଙ୍ଗଳ ରାଷ୍ଟ୍ରରେ ପ୍ରତ୍ୟେକ ନାଗରିକଙ୍କୁ ଆବଶ୍ୟକ ଚିକିତ୍ସା ସୁବିଧା ଯୋଗାଇ ଦେବା ସରକାରଙ୍କର ମୌଳିକ କର୍ତ୍ତବ୍ୟ ଓ ଦାୟିତ୍ୱ । କିନ୍ତୁ କେନ୍ଦ୍ରାପଡ଼ା ଜିଲ୍ଲାବାସୀ ଏଥିରୁ ବଂଚିତ ହୋଇ ରହିଛନ୍ତି । ଧର୍ମକୁ ଆଖିଠାର ଭଳି ଜିଲ୍ଲାରେ ଥିବା ଦୁର୍ବଳ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାରେ ଗୁରୁତର ତଥା ଜଟିଳ ରୋଗୀଟିଏ ଏଠାରେ ଚିକିତ୍ସା ପାଇଁ ବଂଚିବାର ସମ୍ଭାବନା ନାହିଁ । ଟ୍ରମା କେୟାର ଓ ଆଇସିୟୁ ଆଜିବି ଜିଲ୍ଲାବାସୀଙ୍କ ପାଇଁ ଅପହଂଚ ହୋଇ ରହିଛି । ଏଥିପାଇଁ ଆବଶ୍ୟକ ବିଶେଷଜ୍ଞ ଡ଼ାକ୍ତରଙ୍କ କଥା ନକହିଲେ ଭଲ । ଜିଲ୍ଲାରେ ଏକ ବିଶ୍ୱ ବିଦ୍ୟାଳୟ ଓ ସୁପର ସ୍ପେଶାଲିଷ୍ଟି ହସ୍ପିଟାଲ ପ୍ରତିଷ୍ଠା ନେଇ ଜିଲ୍ଲାବାସୀ ସର୍ବସମ୍ମତ ଦାବି ଲୋକଙ୍କ ସରକାରରେ ବି ନିଗୃହୀତ ହୋଇ ପଡ଼ିଛି ।

ସମାଜସେବୀ ମାନସ ଦାସ କହିଛନ୍ତି ଯେ,ସରକାର ଆଜି ବି ଜିଲ୍ଲାବାସୀ ଲୁଣା ପ୍ରଭାବିତ ଅଂଚଳରେ ଲୋକଙ୍କୁ ପିଇବା ପାଇଁ ବିଶୁଦ୍ଧ ପାଣି ମୁନ୍ଦେ ଦେବା ସମ୍ଭବ ହୋଇନାହିଁ । ଜଳ ସଂରକ୍ଷଣ ବ୍ୟତିରକେ ମେଗା ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ ଚାଲିଥିଲେ ମଧ୍ୟ ଏହା ଯେବେ ବି ସଂପୂର୍ଣ୍ଣ ହେବ ତାହା କେତେଦୂର ଫଳପ୍ରଦ ହେବ ସେଥିନେଇ ଆଶଙ୍କା ରହିଛି । ଯେଉଁ ରାସ୍ତାଘାଟ ଗ୍ରାମାଂଚଳରେ ରହିଛି ସେଥିରେ ସରକାର ଚଳାଉଥିବା ବସ୍ ଖଣ୍ଡେ ଗଲେ କିମ୍ବା ପ୍ରାୟୋଜିତ ବାଲି ଚୋରୀ କରୁଥିବା ହାଇୱା ଗୋଟେ ଗଲେ ଲୋକେ ସାଇକେଲ, ମଟରସାଇକେଲ ଓ ଏପରିକି ଚାଲିକିଯିବା ମଧ୍ୟ ସମ୍ଭବ ହେଉନାହିଁ । ଖାଲଖମା ପୂର୍ଣ୍ଣ ଅଣଓସାରିଆ ରାସ୍ତା ଯୋଗୁ ଲୋକେ ଭୟରେ ରାସ୍ତା କଡ଼ରେ ଛିଡ଼ା ହେବାକୁ ବାଧ୍ୟ । କାଗଜପତ୍ରରେ ରାସ୍ତାର ସଂପ୍ରସାରଣ ଓ ବିକାଶ କରି ନେତା, ଯନ୍ତ୍ରୀ ଓ ଠିକାଦାର ମାଲାମାଲ ହେବା ସାର ହେଉଛି । କଟକ-ଭୁବନେଶ୍ୱରକୁ ସଂଯୋଗ କରୁଥିବା କଟକ-ଚାନ୍ଦବାଲି ରାସ୍ତା ଚାରି ଲାଇନ୍ ବିଶିଷ୍ଟ ହେବାର ଯଥେଷ୍ଟ ଆଗରୁ ଆବଶ୍ୟକତା ଦେଖା ଦେଇଥିଲେ ମଧ୍ୟ ଏଥିପ୍ରତି କେହି କର୍ଣ୍ଣପାତ କଲେ ନାହିଁ । ଫଳରେ ଏହି ରାସ୍ତାରେ କ୍ରମାଗତ ଟ୍ରଫିକ୍ ସମସ୍ୟା ସୃଷ୍ଟି ହେବାରୁ କୌଣସି ଦୁର୍ଗମ ଗାଁ କଥା ଛାଡ଼ନ୍ତୁ କେନ୍ଦ୍ରାପଡ଼ାରୁ ଜଣେ ରୋଗୀଙ୍କୁ କଟକ ପହଂଚାଇବାକୁ ତିନି ଘଣ୍ଟା ସମୟ ଲାଗୁଛି । କେନ୍ଦ୍ରାପଡ଼ା ଜିଲ୍ଲାରେ ପର୍ଯ୍ୟଟନ ଭିତ୍ତିଭୂମିର ବିକାଶକୁ ଅଣଦେଖା କରାଯିବା ଫଳରେ କେବଳ ପ୍ରାକୃତିକ ବିଭବରେ ପୂର୍ଣ୍ଣ ଜାତୀୟ ଉଦ୍ୟାନ ଭିତରକନିକାକୁ ଛାଡ଼ିଦେଲେ ରାଜ୍ୟର ପର୍ଯ୍ୟଟନ କ୍ଷେତ୍ରରେ କେନ୍ଦ୍ରାପଡ଼ାର କୌଣସି ଗୁରୁତ୍ୱ ନାହିଁ । ଆଉ କଟକ-ଚାନ୍ଦବାଲି ରାସ୍ତାରୁ ଭିତରକନିକାକୁ ଯିବାପାଇଁ ଥିବା ରାସ୍ତାକୁ ଦେଖିଲେ କେହି ଦ୍ୱିତୀୟବାର ଆସିବାକୁ ମନ କରିବେନି । ଜିଲ୍ଲା ସଦର ମହକୁମା କେନ୍ଦ୍ରାପଡ଼ା ସହରକୁ ଯେକେହି ଦେଖିଲେ ବାସ୍ତବ ପକ୍ଷେ କେନ୍ଦ୍ରାପଡ଼ା ଜିଲ୍ଲା ରେ କେତେ ବିକାଶ ହୋଇଛି ତାହା ଆଉ ବୁଝାଇବାକୁ ପଡ଼ିବ ନାହିଁ । କେନ୍ଦ୍ରାପଡ଼ା ପ୍ରତି ସରକାରୀ ଅବହେଳାର ଅନ୍ତ ନଘଟିଲେ ଏହି ଜିଲ୍ଲା ସେମିତି କେବିକେ ଜିଲ୍ଲାଠାରୁ ବି ଏକ ଆର୍ଥିକ ଅନଗ୍ରସର ଜିଲ୍ଲା ହୋଇ ରହିଥିବ ।

### ବୀମା ଟଙ୍କା...

ତଦନ୍ତ ଦଳ ଗଠନ କରାଯାଇଥିଲା। ଆଇଜି ଗର୍ଗ କହିଛନ୍ତି, ଯାଞ୍ଚରୁ ଏହା ଜଣାପଡିଛି ଯେ ପରିବାର ଅନେକ ଋଣ ନେଇଥିଲା। ଏହା ବ୍ୟତୀତ, ପରିବାର ବହୁ ମୂଲ୍ୟର ବୀମା ପଲିସି ମଧ୍ୟ କରିଥିଲା। ପରିବାରର ଜ୍ଞାତ ଆୟ ଉତ୍ସ ସହିତ ତୁଳନାରେ ଅନେକ ଅସମାନତା ଜଣାପଡ଼ିଥିଲା। ବୀମା କଭରେଜ ମୃତ୍ୟୁର ପ୍ରକୃତ କାରଣ ଉପରେ ସନ୍ଦେହ ସୃଷ୍ଟି କରିଥିଲା। ତଦନ୍ତରୁ ଶେଷରେ ଜଣାପଡିଲା ଯେ ମୃତକଙ୍କ ଦୁଇ ପୁଅ, ମୋହନରାଜ ଏବଂ ହରିହରନ ବୀମା ଅର୍ଥ ଦାବି କରିବା ଉଦ୍ଦେଶ୍ୟରେ ସେମାନଙ୍କ ପିତାଙ୍କୁ ହତ୍ୟା କରିବାକୁ ଯୋଜନା କରିଥିଲେ।

ପୋଲିସ କହିଛି ଯେ ଏହି ଷଡ଼ଯନ୍ତ୍ରରେ ସେମାନଙ୍କୁ ମାନଭୁରର ଜି.ବାଲାଜୀ, ବି.ପ୍ରଶାନ୍ତ, ଏସ.ଦିନାକରଣ ଏବଂ ଜି. ନବୀନ କୁମାରଙ୍କ ସହ ସହଯୋଗ କରିଥିଲେ। ସେମାନେ ଗୋଟିଏ ନାଗ ସାପ ବ୍ୟବସ୍ଥା କରି ଦୁର୍ଘଟଣାଜନିତ ସାପ କାମୁଡ଼ା ଘଟଣା କରିବାକୁ ଷଡ଼ଯନ୍ତ୍ର କରିଥିଲେ। ତଦନ୍ତ ସମୟରେ ଏହା ମଧ୍ୟ ଜଣାପଡ଼ିଥିଲା ଯେ ପ୍ରାୟ ଗୋଟିଏ ସପ୍ତାହ ପୂର୍ବରୁ ଦିନାକରଣଙ୍କ ମାଧ୍ୟମରେ ଏକ ସାପ ବ୍ୟବସ୍ଥା କରି ହତ୍ୟା ପାଇଁ ଚେଷ୍ଟା କରାଯାଇଥିଲା। ମୃତକଙ୍କ ଗୋଡ଼କୁ କାମୁଡ଼ିବା ପାଇଁ ବ୍ୟବସ୍ଥା କରାଯାଇଥିଲା, କିନ୍ତୁ ଏଥିରେ ତାଙ୍କର ମୃତ୍ୟୁ ହୋଇନଥିଲା।

ଥିରୁଭଲ୍ଲୁର ଏସପି ବିବେକାନନ୍ଦ ଶୁକ୍ଳା କହିଛନ୍ତି ଯେ ତଦନ୍ତରୁ ଜଣାପଡିଛି ଯେ ଘଟଣାର ଦିନ ଏକ କ୍ରେଟ୍ ସାପ ଜାଣିଶୁଣି ଘରକୁ ଆଣି ମୃତକଙ୍କ ବେକରେ କାମୁଡ଼ା ଯାଇଥିଲା। ସାପ କାମୁଡ଼ିବା ପରେ, ବାଲାଜୀ ଏବଂ ପ୍ରଶାନ୍ତ ଘର ଭିତରେ ସାପକୁ ମାରିଥିଲେ। ଏହାପରେ ସାପ କାମୁଡ଼ିବାର ରୂପ ଦିଆଯାଇଥିଲା। ବର୍ତ୍ତମାନ ହରିହରନ୍, ମୋହନରାଜ, ବାଲାଜୀ, ପ୍ରଶାନ୍ତ, ନବୀନ କୁମାର ଏବଂ ଦିନାକରନଙ୍କୁ ଗିରଫ କରାଯାଇଛି।

### ବିମାନବନ୍ଦରରେ...

କାର୍ଯ୍ୟକ୍ରମ ଥିଲା। ଯାତ୍ରୀ କହିଛନ୍ତି ଯେ ବିମାନବନ୍ଦର ତାଙ୍କୁ ଏବଂ ତାଙ୍କ ପରିବାରକୁ ସୁରକ୍ଷା ଲେନକୁ ଯିବାକୁ କହିଥିଲେ, କାରଣ ତାଙ୍କ ସହିତ ଏକ ଚାରି ମାସର ଶିଶୁ ଏକ ଷ୍ଟ୍ରୋଲରରେ ଥିଲା। ଇଣ୍ଡିଗୋ ବିମାନରେ ବେଙ୍ଗାଲୁରୁ ଯାତ୍ରା କରୁଥିବା କ୍ୟାପଟେନ ବୀରେନ୍ଦ୍ର ସେଜୱାଲ ମଧ୍ୟ ସେଠାରେ ଉପସ୍ଥିତ ଥିଲେ। ଯାତ୍ରୀ ଅଭିଯୋଗ କରିଛନ୍ତି ଯେ ପାଇଲଟ୍ ବୀରେନ୍ଦ୍ର ଧାଡି ପରିବର୍ତ୍ତନ କରିବା ପାଇଁ ତାଙ୍କୁ ବାଧା ଦେଇଥିଲେ, ଯାହା ଫଳରେ ଯୁକ୍ତିତର୍କ ଏତେ ବଢ଼ିଥିଲା ଯେ ପାଇଲଟଙ୍କ ମାଡରେ ଯାତ୍ରୀ ଜଣଙ୍କ ଲହୁଲୁହାଣ ହୋଇଛନ୍ତି। ଛୋଟ ଶିଶୁଟି ନିଜର ପିତାଙ୍କୁ ଏଭଳି ଦେଖି କାନ୍ଦିବାରେ ଲାଗିଥିଲା।

### ଟ୍ରେନ ବଗିରେ...

ଉତ୍ତର ପ୍ରଦେଶର ପ୍ରୟାଗରାଜ ଜିଲ୍ଲାର ବାସିନ୍ଦା। ସେ ପଞ୍ଜାବର ପଟିଆଲା ମିଡିୟମ ରେଜିମେଣ୍ଟରେ ପୋଷ୍ଟିଂ ହୋଇଥିଲେ। ମିଳିଥିବା ସୂଚନା ଅନୁସାରେ, ପୀଡ଼ିତାଙ୍କ ଚିତ୍କାର ଶୁଣି ସେଠାରେ ଥିବା ଲୋକେ ଆଲାରାମ ବଜାଇ ଦେଇଥିଲେ। ସଙ୍ଗେସଙ୍ଗେ ଆରପିଏଫ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ ଏବଂ ଅଭିଯୁକ୍ତଙ୍କୁ କାବୁ କରିଥିଲେ। ପୀଡ଼ିତାଙ୍କ ବୟାନ ଆଧାରରେ ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ଶୁକ୍ରବାର ତାଙ୍କୁ କୋର୍ଟରେ ହାଜର କରାଯାଇଥିଲା। କୋର୍ଟ ତାଙ୍କୁ ନ୍ୟାୟିକ ହେପାଜତକୁ ପଠାଇ ଦେଇଛନ୍ତି।

### ମୋଦି ସରକାର...

ଗ୍ରାମୀଣ ପରିବାରକୁ ଲାଭ ଦେଇଥିଲା। ଏହା ଜୀବିକା ନିର୍ବାହର ଏକ ଉତ୍ସ ପାଲଟିଥିଲା, ବିଶେଷକରି ବଞ୍ଚିତ, ଶୋଷିତ, ଗରିବ ଏବଂ ଅତ୍ୟନ୍ତ ଗରିବ ଲୋକଙ୍କ ପାଇଁ। ନିଯୁକ୍ତି ଖୋଜିବା ପାଇଁ ନିଜ ଜନ୍ମଭୂମି, ଗ୍ରାମ, ଘର ଏବଂ ପରିବାରରୁ ପ୍ରବାସ ବନ୍ଦ କରାଯାଇଥିଲା। ନିଯୁକ୍ତିର ଆଇନଗତ ଅଧିକାର ପ୍ରଦାନ କରାଯାଇଥିଲା ଏବଂ ପଞ୍ଚାୟତଗୁଡ଼ିକୁ ସଶକ୍ତ କରାଯାଇଥିଲା। ମନରେଗା ମାଧ୍ୟମରେ, ମହାତ୍ମା ଗାନ୍ଧୀଙ୍କ ଗ୍ରାମ ସ୍ୱରାଜ ସ୍ୱପ୍ନର ଭାରତ ଆଡ଼କୁ ଏକ ଦୃଢ଼ ପଦକ୍ଷେପ ନିଆଯାଇଥିଲା।'

### ଘନ କୁହୁଡ଼ି...

କରିଥିଲେ। ସେଠାରେ ସେ ପଶ୍ଚିମବଙ୍ଗରେ ରାଜପଥ ପ୍ରକଳ୍ପର ଶୁଭାରମ୍ଭ କରିବା ପାଇଁ ଏକ ପ୍ରଶାସନିକ କାର୍ଯ୍ୟକ୍ରମ ଆୟୋଜନ କରିବାର କାର୍ଯ୍ୟକ୍ରମ ରହିଥିଲା। ଏହା ପରେ ବିଜେପିର ଏକ ରାଜନୈତିକ ରାଲି ପରିବର୍ତ୍ତନ ସଂକଳ୍ପ ସଭାକୁ ସେ ସମ୍ବୋଧିତ କରିବାର କାର୍ଯ୍ୟକ୍ରମ ଥିଲା।

# ଅଧକ୍ଷାଙ୍କ ସ୍ୱାମୀଙ୍କୁ ଆକ୍ରମଣ ମାମଲା ଥାନାକୁ ଗଲା

**ମାର୍ଶାଘାଇ,୨୦।୧୨: ଏକ୍ସପ୍ରେସ୍ ନ୍ୟୁଜ୍**

ମାର୍ଶାଘାଇ ବ୍ଲକ ଅଧକ୍ଷାଙ୍କ ସ୍ୱାମୀ ଶୈଳେନ୍ଦ୍ର ସାମଲଙ୍କୁ ବ୍ଲକ ପରିସରରେ ଥିବା ଅଧକ୍ଷାଙ୍କ କାର୍ଯ୍ୟାଳୟରେ ତାଲା ପକାଇବା ସହିତ ଆକ୍ରମଣ ଘଟଣାରେ ଶୈଳେନ୍ଦ୍ର ଶୁକ୍ରବାର ବିଳମ୍ବିତ ରାତିରେ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ପୋଲିସ ଘଟଣାର ତଦନ୍ତ କରୁଥିବା ଆଇଆଇସି ତପନ ନାୟକ ସୂଚନା ଦେଇଛନ୍ତି।

# ପାଲାଗାୟକ ପରିଷଦର ନୂତନ କର୍ମକର୍ତ୍ତା

**କେନ୍ଦ୍ରାପଡ଼ା,୨୦।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡା ସହରର ତିନିମୁହାଣୀସ୍ଥିତ ଶ୍ରୀରାମ ମନ୍ଦିର ପରିସରରେ ଗାୟକ ରମାକାନ୍ତ ପଣ୍ଡାଙ୍କ ପୌରହିତ୍ୟରେ ଶ୍ରୀ ଶ୍ରୀ ନିଳାଚଳ ନିଖିଳଉତ୍କଳ ପାଲାଗାୟକ ପରିଷଦର ଶାଖା ଶ୍ରୀ ଶ୍ରୀ ସିଦ୍ଧ ବଳଦେବଜୀଉ ମଣ୍ଡଳର ନବ ନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଡେରାବିଶ, କେନ୍ଦ୍ରାପଡା ଓ ପଟ୍ଟାମୁଣ୍ଡାଇ ବ୍ଲକକୁ ନେଇ ଗଠିତ ଶ୍ରୀ ଶ୍ରୀ ସିଦ୍ଧ ବଳଦେବଜୀଉ ମଣ୍ଡଳର ଉପଦେଷ୍ଟା ଭାବେ ପାଲାଗାୟକ ଚିନ୍ମୟ ଦାଶ, ରମାକାନ୍ତ ପଣ୍ଡା, ପ୍ରଶାନ୍ତ କୁମାର ଦାସ, ଗଗନବିହାରୀ ସିଂହ ଓ ପ୍ରଫୁଲ୍ଲ କୁମାର ପଣ୍ଡା ଏବଂ ସ୍ଥାୟୀ ସଭାପତି ପାଲାଗାୟକ ଗୋଲକ ବିହାରୀ ସ୍ୱାଇଁ, କାର୍ଯ୍ୟକାରୀ ସଭାପତି ସୁଶାନ୍ତ କୁମାର ମଲ୍ଲିକ, ଉପସଭାପତି ଆରତୀ ଓଝା, ସମ୍ପାଦକ ସୁବାସ ଚନ୍ଦ୍ର ଶତପଥୀ, ସହସମ୍ପାଦକ ଶରତ ଚନ୍ଦ୍ର ସ୍ୱାଇଁ, ସାଂସ୍କୃତିକ ସମ୍ପାଦିକା ସୁଶ୍ରୀ ସବିତା ଦେହୁରୀ, ସାଂସ୍କୃତିକ ସହସମ୍ପାଦକ ଶ୍ରୀଧର ସାହୁ ଓ ପ୍ରଫୁଲ୍ଲ ଚନ୍ଦ୍ର ଦାସ, ବାର୍ତ୍ତା ସମ୍ପାଦକ କୈଳାସ ଚନ୍ଦ୍ର ବଳ, କୋଷାଧକ୍ଷ କ୍ଷୀରୋଦ କୁମାର ନାଥ, ସାଂଗଠନିକ ସମ୍ପାଦକ ସଦାଶିବ ପଣ୍ଡିତ୍ରା, ମଞ୍ଜୁବାଳା ପତି, ସସ୍ମିତା ବଳ, ପାଲା ବାୟକ ପ୍ରତିନିଧି ସୁଦର୍ଶନ ମଲ୍ଲିକ, ପାଲା ସଂଗୀତ ପ୍ରତିନିଧି କୁଳମଣି ନାୟକ ପ୍ରମୁଖ ନୂତନ କର୍ମକର୍ତ୍ତା ଭାବେ ନିର୍ବାଚିତ ହୋଇଥିବାରୁ ଶପଥ ଗ୍ରହଣ କରିଥିଲେ। ସମସ୍ତଙ୍କୁ ଗାୟକ ରମାକାନ୍ତ ପଣ୍ଡା ଶପଥ ପାଠ କରାଇଥିଲେ।

# ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା: ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ

**ଭୁବନେଶ୍ୱର,୨୦।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଗୃହ ବିଭାଗ ଚଳାଇବାରେ ସଂପୂର୍ଣ୍ଣ ଅସମର୍ଥ ହୋଇଥିବା ପ୍ରମାଣିତ ବୋଲି ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର ଅଭିଯୋଗ କରିବା ସହ ଆଜି ତାଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀଙ୍କ ସରକାରୀ ବାସଭବନ ଘେରାଉ କରାଯାଇଥିଲା। ଓଡ଼ିଶା ସରକାରଙ୍କର ୪୪ଟି ମୁଖ୍ୟ ବିଭାଗ ମଧ୍ୟରୁ ଗୃହ ବିଭାଗଟି ସଂପୂର୍ଣ୍ଣ ଅଚଳ ହୋଇପଡ଼ିଛି । ଅନିୟନ୍ତ୍ରିତ ଅପରାଧ ପାଇଁ ଓଡ଼ିଶାବାସୀ ତ୍ରାହି ତ୍ରାହି ଡାକୁଛନ୍ତି। ମାତ୍ର ମୁଖ୍ୟମନ୍ତ୍ରୀ ନିଦକ, ନିଷ୍ଫଳ, ନିଦାବିଷ୍ଟ ଓ ଅପ୍ରଭାବିତ ହୋଇ ବସିଛନ୍ତି। ଓଡ଼ିଶାବାସୀଙ୍କର ଯନ୍ତ୍ରଣା ମୁଖ୍ୟମନ୍ତ୍ରୀଙ୍କର ବିବେକ ଓ ହୃଦୟକୁ ପ୍ରଭାବିତ କରିପାରୁ ନାହିଁ।

ଶ୍ରୀ ପାତ୍ର କହିଛନ୍ତି ଯେ ମୋହନ, ଓଡ଼ିଶାକୁ କରୁଛନ୍ତି ଦହନ। ଧଉଳିଗିରିର ନାବାଳିକା ଦୁଷ୍କର୍ମ ଘଟଣା ଓଡ଼ିଶାରେ ପର୍ଯ୍ୟଟନସ୍ଥଳମାନଙ୍କରେ ମହିଳା ନିରାପତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ଧଉଳି ପାହାଡ଼ ତଳେ ଥାନା ଏବଂ ଥାନା ପାଖରୁ ଯଦି ଜଣେ ମହିଳାଙ୍କୁ ଭିଡ଼ି ନେଇ ଗଣଦୁଷ୍କର୍ମ କରାଯାଉଛି ତେବେ ମାଲକାନଗିରି ଓ ମୟୁରଭଞ୍ଜର ପର୍ଯ୍ୟଟନ ସ୍ଥଳରେ ମହିଳାଙ୍କର ସୁରକ୍ଷା ବ୍ୟବସ୍ଥା କ'ଣ ଥିବା ତାହା ଚିନ୍ତାର ବିଷୟ। ମୋହନ ସରକାର ଆସିବାପରେ ୪୦ ହଜାର ମହିଳା ଅତ୍ୟାଚାର କେସ ଦରଜ ହୋଇଥିବା ବେଳେ ୪୦ଟା କେସର ଅପରାଧିଙ୍କୁ ଦଣ୍ଡ ଦିଆଯାଇ ପାରିନି। ବିରୋଧି ଦଳ ପ୍ରଶ୍ନ କଲେ, ଆନ୍ଦୋଳନ କଲେ ପୋଲିସ ଲଗାଇ ଦମନ କରାଯାଉଛି। ମାତ୍ର ପରିସ୍ଥିତିକୁ ସୁଧାରିବାପାଇଁ ସରକାର ପ୍ରଚେଷ୍ଟା କରୁନାହାନ୍ତି। ଯେଉଁଦିନ ପ୍ରଧାନମନ୍ତ୍ରୀ ଓଡ଼ିଶା ଗସ୍ତ କରିଥିଲେ ସେହିଦିନ ମଧ୍ୟ ଭୁବନେଶ୍ୱରରେ ହତ୍ୟାକାଣ୍ଡ ହୋଇଥିଲା। ଓଡ଼ିଶାରେ ଭାରତୀୟ ଜନତାପାର୍ଟି ଶାସନରେ ମହିଳାଙ୍କ ଉପରେ ୩୭,୬୧୧ଟି ଅପରାଧିକ ଘଟଣା ଘଟିବାର କେସ ଦରଜ ହୋଇଛି। ୮୨୭୭ ମହିଳାଙ୍କୁ ଅପହରଣ କରାଯାଇଛି। ୨୦୯୩୩ ଜଣଙ୍କୁ ଦୁଷ୍କର୍ମ କରାଯିବା ସହ ୧୨୭୮ ଜଣଙ୍କୁ ଯୌନଉତ୍ପୀଡ଼ ଦିଆଯାଇଛି। ଗୋଟେ ଦିନରେ ୧୫ ଜଣ ମହିଳା ଦୁଷ୍କର୍ମର ଶିକାର ହେବା ତଥ୍ୟ ମଧ୍ୟ ରହିଛି। ସରକାରୀ ଓ ବେସରକାରୀ ସ୍କୁଲ, କଲେଜ, ୟୁନିଭରସିଟି, ହଷ୍ଟେଲ, ଆଶ୍ରମରେ ମଧ୍ୟ ଛାତ୍ରଛାତ୍ରୀ ସୁରକ୍ଷିତ ନାହାନ୍ତି। ଦଶମ ଶ୍ରେଣୀ ଛାତ୍ରୀ ଗର୍ଭବତୀ ହେଉଛି। ଭୁବନେଶ୍ୱରରେ ୬୭ଟି ୱାର୍ଡରେ ଧଳା ଜହର କାରବାର ହେଉଛି। ପୋଲିସ ଜାଣି ନଜାଣିବାର ଭୂମିକା କରୁଛି। ୬୦ ହଜାର ମହିଳା ଓ ଶିଶୁ ନିଖୋଜ ହୋଇଥିବା ବେଳେ ଏ ସରକାର ସେମାନଙ୍କୁ ଠାବ କରିବାର ଦାୟିତ୍ୱ ନେଉନାହାନ୍ତି। ଭୁବନେଶ୍ୱର କଂଗ୍ରେସ ସାଂସଦ ପ୍ରାର୍ଥୀ ୟାସିର ନୱାଜ କହିଥିଲେ ଯେ ବିଜେପି ରାମଙ୍କୁ ଜପକରି ରାବଣର ପକ୍ଷ ନେଉଛି। ଏବେ ଓଡ଼ିଶା ରାବଣ, ଦୁଃଶାସନ, ଦୁର୍ଯ୍ୟୋଧନ, ମହିଷାସୁରଙ୍କ ଚରାଭୂଇଁ ପାଲଟିଛି। ଆଜିର କାର୍ଯ୍ୟକ୍ରମରେ ପୋଲିସ ଓ ଯୁବ କଂଗ୍ରେସ କର୍ମକର୍ତ୍ତାଙ୍କ ମଧ୍ୟରେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ୧ ଘଂଟା ଧରି ଠେଲାପେଲା ହେବାପରେ ପୋଲିସ ଯୁବ କଂଗ୍ରେସ କର୍ମୀମାନଙ୍କୁ ସେଠାରୁ ଭ୍ୟାନ ଯୋଗେ ଉଠାଇନେଇଥିଲା। ଆନ୍ଦୋଳନ ସ୍ଥଳରେ ମୁଖ୍ୟମନ୍ତ୍ରୀଙ୍କ କୁଶପୁତଳିକା ଦାହ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମନୋଜ ବିଶ୍ୱାଳ, ସୁଦିପ ସାମଲ, ସତ୍ୟଜିତ ପଟ୍ଟନାୟକ, ଅଭିଜିତ ଜେନା, ଜାଭେଦ ଅକତାର, ମହମ୍ମଦ ଗୁଲଫାମ, ଅମରେଶ ପରିଡ଼ା, କେଦାର ଦଳାଇ, ଶିଳ୍ପିଶ୍ରୀ ହରିଚନ୍ଦନ, ଲକ୍ଷ୍ମୀପ୍ରିୟା ନାୟକ, ଆଲୋକ ଦାସ, ସାହାରୁଖ ଖାନ, ବିଶ୍ୱରଞ୍ଜନ ମିଶ୍ର, ବଳରାମ ନନ୍ଦ, ବିଶ୍ୱଭୂଷଣ ମହାପାତ୍ର, ସୁରଜ ରାଉତ, ସଂଦୀପ ରାଉତରାୟ, ସୁନିଲ ସାହୁ ଗାନ୍ଧୀ, ସୌମ୍ୟ ରଞ୍ଜନ ବରାଳ, ପ୍ରଶାନ୍ତ ରାଉତ, ସୌରଭ ପଟ୍ଟନାୟକ, ସାଇ ରନ ପଟ୍ଟନାୟକ, ପ୍ରଶାନ୍ତ ପରମାଣିକ, ବିଜୟ ସାହୁ, ରାଜେଶ ଦାସ, ରାଜେଶ ବେହେରା, ସୁସ୍ମିତା ଦାସ ପ୍ରମୁଖ ଅଂଶଗ୍ରହଣ କରିଥିଲେ।



# ଅମିତ ପାଢୀ ଉପନିବନ୍ଧକ

**ରାଜନଗର,୨୦।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ଉପନିବନ୍ଧକ (ସବରେଜିଷ୍ଟାର) ଭାବେ ଅମିତ କୁମାର ପାଢୀ ଯୋଗଦେଇଛନ୍ତି । ଦୀର୍ଘ ଦିନ ହେଲା ଉପନିବନ୍ଧକ ପଦବୀ ଖାଲି ପଡିଥିଲା । ଭାରପ୍ରାପ୍ତ ଉପନିବନ୍ଧକ ଭାବେ ସ୍ଥାନୀୟ ତହସିଲଦାର କାର୍ଯ୍ୟ କରି ଆସୁଥିଲେ । ଶ୍ରୀ ପାଢୀଙ୍କ ଯୋଗଦାନ ପରେ ଏକ ପୂର୍ଣ୍ଣ କାଳୀନ ଉପନିବନ୍ଧକ ନିଯୁକ୍ତି ପାଇବାରୁ କର୍ମଚାରୀ ଓ ମୋହରିୟରମାନଙ୍କ ମଧ୍ୟରେ ଖୁସିର ଲହରୀ ଖେଳି ଯାଇଛି । ଏହି ଅବସରରେ ମୋହରିୟରମାନଙ୍କ ପକ୍ଷରୁ ଫୁଲତୋଡା ଦିଆଯାଇ ସ୍ୱାଗତ କରାଯାଇଥିଲା ।


Printed & Published by Gyanaranjan Behera on behalf of Radhakrushna Publications Pvt. Ltd. and Printed at Ricky Promotors, Plot No.6709, M.I.E., Rasulgarh, Bhubaneswar-751010 and Published at Janachetana Parisad Bhawan, At-Kajala, P.O/Dist -Kendrapara, Pin-754211, Ph. : 9439698412, 9583706460

Editor : Ambika Prasad Das  ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ  Chief Editor : Umapada Bose  ମୁଖ୍ୟ ସମ୍ପାଦକ : ଉମାପଦ ବୋଷ